ନାଥଧର୍ମ ଓ ଦର୍ଶନ

ଡୋଲଗୋବିନ୍ଦ ଶାସ୍ତ୍ରୀ

Digitized by srujanika@gmail.com

ନାଥଧର୍ମ ଓ ଦର୍ଶନ

ପ୍ରଥମ ଖଣ୍ଡ

ଡୋଲଗୋବିନ୍ଦ ଶାସ୍ତ୍ରୀ, ଏମ୍-ଏ (କଲିକତା), ଏମ୍-ଏ(ଉତ୍କଳ),
ଡିପ୍-ଇନ୍-ଜର୍ନାଲିଜମ୍ (କଲିକତା), କାବ୍ୟ-ବ୍ୟାକରଣ-
ପୁରାଣତୀର୍ଥ, ସାଂଖ୍ୟ-ବେଦାନ୍ତ-ସାହିତ୍ୟଶାସ୍ତ୍ରୀ, ଭକ୍ତିଶାସ୍ତ୍ରୀ ।
ଅଧ୍ୟାପକ, ଉତ୍କଳ ବିଶ୍ୱବିଦ୍ୟାଳୟ,
ରେଭେନ୍ସା ସାଂଧ୍ୟ କଲେଜ

ପ୍ରଥମମୁଦ୍ରଣ-୧୯୬୭

ମୂଲ୍ୟ— ୪/୫୦

Digitized by srujanika@gmail.com

ପ୍ରକାଶକ—ଶାନ୍ତି ଶାସ୍ତ୍ରୀ,
ମୁଗଦଖାଁ ପାଟଣା,
କଟକ—୩

ପ୍ରକାଶକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ

ପ୍ରାପ୍ତିସ୍ଥାନ

୧। ଯୋଗାଶ୍ରମ ସଙ୍ଘ
ମୁଗଦାଖାଁ ପାଟଣା,
କଟକ—୩

୨। ପତିତପାବନନାଥ ଶର୍ମା
ପ୍ରଚାର ସମିତି
ସେଣ୍ଟ୍ରାଲ ସୁଇମିଂ କ୍ଲବ
ଆଜାଦ୍‌ହିନ୍ଦ୍‌ବାଗ,
କଲିକତା—୬

୩। ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ
ମୁଗଦଖାଁ ପାଟଣା,
କଟକ—୩

ମୁଦ୍ରାକର—ଶ୍ରୀମତୀ ରାଧାରାଣୀ କର,
ବାଣୀ ପ୍ରେସ, କଟକ—୧

Digitized by srujanika@gmail.com

ନିବେଦନ

ଓଡ଼ିଶାର ଯେଉଁ ତିନୋଟି କୀର୍ତ୍ତି ସୁ-ପ୍ରାଚୀନ କାଳରୁ ସର୍ବଭାରତୀୟ ମର୍ଯ୍ୟାଦା ଲାଭ କରିଛି, ତାହା ହେଉଛି ନାଥଧର୍ମ, କବିରାଜ ବିଶ୍ୱନାଥ କୃତ ସାହିତ୍ୟଦର୍ପଣ ଓ କୋଣାର୍କର ଭାସ୍କର୍ଯ୍ୟ ଶିଳ୍ପ । ଏହା ମଧ୍ୟରୁ ସର୍ବପ୍ରାଚୀନ ନାଥଧର୍ମ । ନାଥଧର୍ମର ପ୍ରଥମ ଉତ୍ପତ୍ତି ବୈଦିକଯୁଗରୁ, ଅଥର୍ବବେଦର ପଞ୍ଚଦଶ ଅଧ୍ୟାୟରେ ଏହା ବିଶେଷ ଭାବରେ ଉଲ୍ଲିଖିତ ଅଛି । ତଥାପି ଯେଉଁ ଦୁଇଜଣ ଯୋଗି-ଶ୍ରେଷ୍ଠ ମହାପୁରୁଷ ଏହାକୁ ସାରା ଭାରତରେ ପ୍ରଚାର ଓ ପ୍ରସାର କରିଥିଲେ, ସେ ଦୁଇଜଣ ହେଉଛନ୍ତି ମତ୍ସ୍ୟେନ୍ଦ୍ରନାଥ ଓ ଗୋରକ୍ଷନାଥ ଏବଂ ଏ ଦୁଇଜଣ ନିଶ୍ଚିତ ରୂପେ ଓଡ଼ିଆ ଓ ଓଡ଼ିଶାରେ ଏହାଙ୍କର ଜନ୍ମ । ଅଥଚ ଓଡ଼ିଆ ଭାଷାରେ ଏ ଦୁଇ ମହାପୁରୁଷ ବା ସେମାନଙ୍କର ପ୍ରବର୍ତ୍ତିତ ନାଥଧର୍ମ ବିଷୟରେ ଏପର୍ଯ୍ୟନ୍ତ କୌଣସି ପୁସ୍ତକ ଦେଖିବାକୁ ମିଳେ ନା । ଏ ଦୃଷ୍ଟିରୁ ଏ ପୁସ୍ତକର ଆଲୋଚ୍ୟ ବିଷୟ ଗୁଡ଼ିକୁ ଉପୁମାରମ୍ଭ ହିସାବରେ ଗ୍ରହଣ କରିବାକୁ ଅନୁରୋଧ ।

ଏ ଗ୍ରନ୍ଥ ପ୍ରକାଶନରେ କଳିଙ୍ଗ ସମ୍ପାଦକ ଶ୍ରୀ ସୁରେନ୍ଦ୍ର ମହାନ୍ତି, ଅଧ୍ୟକ୍ଷ ଶ୍ରୀ ଶତ୍ରୁଘ୍ନ ନାଥ, ଅଧ୍ୟାପକ ଡକ୍ଟର କାହ୍ନୁଚରଣ ମିଶ୍ର, ଅଧ୍ୟାପକ ଶ୍ରୀ ବଂଶୀଧର ମହାନ୍ତି, ଅଧ୍ୟାପକ ଶ୍ରୀ ବ୍ରହ୍ମାନନ୍ଦ ଦାସ, ସ୍ୱର୍ଗୀୟ ଶ୍ରୀ ବୃନ୍ଦାବନ ଚନ୍ଦ୍ର ନାଥ, କଲିକତା ପ୍ରଗତି ସମିତିର ସଭାପତି ଶ୍ରୀ ପତିତପାବନ ନାଥଶର୍ମା, ଶ୍ରୀ ଘନଶ୍ୟାମ ମିଶ୍ର ଏମ୍. କମ୍, ଶ୍ରୀ ମଧୁସୂଦନ ନାଥ ପ୍ରମୁଖଙ୍କ ନିକଟରେ ମୁଁ ଚିରଋଣୀ । ବାଣୀ ପ୍ରେସର ସ୍ୱତ୍ୱାଧିକାରୀ ଶ୍ରୀ ବାମଦେବ କର ମୁଦ୍ରଣ କାର୍ଯ୍ୟରେ ସହାୟତା କରି ଅଶେଷ ଧନ୍ୟବାଦାର୍ହ ହୋଇଛନ୍ତି ।

ଗ୍ରାମ-ନରସିଂହପୁର
ପୋ: ଜ-ନରସିଂହପୁର, କଟକ
ପୌଷ ପୂର୍ଣ୍ଣିମା, ୧୯୬୭

ବିନୀତ
ଦୋଳଗୋବିନ୍ଦ ଶାସ୍ତ୍ରୀ

Digitized by srujanika@gmail.com

ବିଷୟ ସୂଚୀ

ବିଷୟ	ପୃଷ୍ଠା	ବିଷୟ	ପୃଷ୍ଠା
ଉପକ୍ରମ	୧	ନାଥ ଯୋଗାଚାର୍ଯ୍ୟଙ୍କର ସହଜ ଭଜନ	୩୧
ଜଗତର ଉତ୍ପତ୍ତି	୩		
ନାଥଧର୍ମର ପ୍ରାଚୀନତ୍ୱ	୮	ଉଡ଼ିଶାରେ ନାଥଧର୍ମର	
ବୌଦ୍ଧଗାନ ଓ ଚର୍ଯ୍ୟାପଦ	୯	ଧ୍ୟାନକର୍ତ୍ତା ଓ ତାହାର କାଳ	୩୭
ଯୋଗ ଓ ଯୋଗୀ	୧୨	ଗୋରକ୍ଷନାଥଙ୍କ ସମୟ ନିରୂପଣ	୪୮
ଯୋଗର ତାନ୍ତ୍ରିକ କଳ୍ପ	୧୪	ଶିଶୁବେଦ ବା ସୁଷୁମ୍ନାବେଦ	୫୧
ନାଥଯୋଗୀ ସମ୍ପ୍ରଦାୟର		ଶିଶୁବେଦ ନାମର ତାତ୍ପର୍ଯ୍ୟ	୫୪
ଆଚାର ଓ ସଂସ୍କାର	୨୧	ଶିଶୁବେଦର ପ୍ରାଧାନ୍ୟ	୫୭
ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ	୨୫	କାର୍ଯ୍ୟସିଦ୍ଧି	୬୨
ନାଥଧର୍ମ ଓ ସହଜିଆ		ଶିଶୁବେଦ (ମୂଳ ରଚନା)	୬୩
ମତବାଦ	୨୮	ନାଥସମ୍ପ୍ରଦାୟର ଶ୍ରେଣୀ ବିଭାଗ	୮୨

ଗ୍ରନ୍ଥର ଉପାଦାନ ରୂପେ ଗୃହୀତ ପୁସ୍ତକାଦି

On Hinduism—ଆଚାର୍ଯ୍ୟ କ୍ଷିତିମୋହନ ସେନ ଶାସ୍ତ୍ରୀ, Orissa in the Making, Life and Teachings of Swami Vivekananda, ନାଥସମ୍ପ୍ରଦାୟର ଇତିହାସ ଦର୍ଶନ ଓ ସାଧନ ପ୍ରଣାଳୀ—ଡକ୍ଟର କଲ୍ୟାଣୀ ମଲ୍ଲିକ, ତୈତ୍ତିରୀୟ ଉପନିଷଦ, ଗୋରକ୍ଷ ସିଦ୍ଧାନ୍ତ ସଂଗ୍ରହ, କର୍ପୂର ମଞ୍ଜରୀ, ବୌଦ୍ଧଗାନ ଓ ଦୋହା, ଓଡ଼ିଆ ସାହିତ୍ୟର ଆଦିପର୍ବ—ଶ୍ରୀ ସୁରେନ୍ଦ୍ର ମହାନ୍ତି, ପାତଞ୍ଜଳ ଦର୍ଶନ, ସାଙ୍ଖ୍ୟସାର, Early History of India N. N. Ghose, କଠୋପନିଷଦ, ଶୁକ୍ଳ ଯଜୁର୍ବେଦ, ଋଗ୍‌ବେଦ-ସଂହିତା, ଅଥର୍ବ ବେଦ, ଅମରୌଘଶାସନମ୍, ସିଦ୍ଧସିଦ୍ଧାନ୍ତ ସଂଗ୍ରହ, ସିଦ୍ଧସିଦ୍ଧାନ୍ତ ପଦ୍ଧତି, ସାଙ୍ଖ୍ୟସୂତ୍ର, ସାରଳା ମହାଭାରତ, ବୃଦ୍ଧ ସାହିତ୍ୟକା ବିକାଶ, ଶିଶୁବେଦ, ରୁଦ୍ରସୁଧାନିଧି, ଓଡିଶୀ ବୈଷ୍ଣବ ଧର୍ମ-ଡକ୍ଟର କାହ୍ନୁଚରଣ ମିଶ୍ର, ଯାଜ୍ଞବଲ୍କ୍ୟ ସଂହିତା ଇତ୍ୟାଦି ।

Digitized by srujanika@gmail.com

ଓଡ଼ିଶାରେ ନାଥଧର୍ମ

ଓଡ଼ିଆ ଭାଷା ଓ ସାହିତ୍ୟର ଇତିହାସ ଓ କ୍ରମ ବିବର୍ତ୍ତନ ଆଲୋଚନା ବା ଗବେଷଣା କରିବାକୁ ଗଲେ ନାଥ ସାହିତ୍ୟ ଓ ନାଥ ଧର୍ମର ଭଜନ ଗୀତ ଓ ଲୋକଗୀତର ଆଲୋଚନା ଅପରିହାର୍ଯ୍ୟ । ଓଡ଼ିଆ ଭାଷାର ଆଦିରୂପ ଲୁଇପା, ହାଡ଼ିପା ଓ କାନୁପା ପ୍ରଭୃତି ନାଥ ସିଦ୍ଧମାନଙ୍କର ଦୋହା ବା ଚର୍ଯ୍ୟାପଦ । ଏହା ଓଡ଼ିଶାର ବହୁ ଐତିହାସିକ ଗବେଷକ ସ୍ୱୀକାର କରିଛନ୍ତି । ପ୍ରବୀଣ ଅଧ୍ୟାପକ ଶ୍ରୀ ବଂଶୀଧର ମହାନ୍ତିଙ୍କର ଗବେଷଣାମୂଳକ ବିଭିନ୍ନ ପ୍ରବନ୍ଧ ଏବଂ ଅଧୁନା ପ୍ରକାଶିତ ସୁ-ସାହିତ୍ୟିକ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କର ଓଡ଼ିଆ ସାହିତ୍ୟର ଆଦିପର୍ବରେ ଏ ତଥ୍ୟ ଆଲୋଚିତ ହୋଇଅଛି । ତଥାପି ନାଥଧର୍ମ ଓ ନାଥସାହିତ୍ୟ ସମ୍ପର୍କରେ ବିଶେଷତଃ ଓଡ଼ିଶାରେ ନାଥ-ଧର୍ମର ସ୍ଥିତି ଓ ନାଥସାହିତ୍ୟ ପୁସ୍ତକଗୁଡ଼ିକ ବିଷୟରେ ବିସ୍ତାରିତ ଓ ପର୍ଯ୍ୟାପ୍ତ ଆଲୋକପାତ ହୋଇନାହିଁ । ଓଡ଼ିଶାରେ କେଆରବାଙ୍କ (ମହାକାଳପଡ଼ା ଥାନା), ଆଳି, କୁଳଣଗିରି, କପିଳାସ, ଭୁବନେଶ୍ୱର, ପୁରୀ, ଜିରାଂ ପ୍ରଭୃତି ସ୍ଥାନରେ ନାଥଧର୍ମ ପୀଠର

Digitized by srujanika@gmail.com

ଐତିହ୍ୟ ଏବଂ ଶିଶୁବେଦ, ଅମରକୋଷ ଗୀତା, ଗୋରକ୍ଷ ଗୀତା, ସପ୍ତାଙ୍ଗ ଯୋଗ, ଟୀକା ଗୋବିନ୍ଦଚନ୍ଦ୍ର ପ୍ରଭୃତି ଗ୍ରନ୍ଥର ସାହିତ୍ୟିକ ମୂଲ୍ୟମାନ ସମ୍ପର୍କରେ ସମ୍ୟକ ଅଧ୍ୟୟନ, ଗବେଷଣା ଓ ଆଲୋକପାତ ପ୍ରୟୋଜନ ।

ଓଡ଼ିଶାରେ ନାଥଧର୍ମ ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ଏହାର ଐତିହାସିକ ଭିତ୍ତି ଓ ପ୍ରାଚୀନ ତତ୍ତ୍ୱ ସର୍ବାଗ୍ରେ ବର୍ଣ୍ଣନୀୟ । ଓଡ଼ିଶାରେ ଏ ସମ୍ପର୍କରେ ଏ ଯାବତ୍ କୌଣସି ଗବେଷଣାମୂଳକ ପର୍ଯ୍ୟାପ୍ତ ଆଲୋଚନା ହୋଇନାହିଁ । ଫଳରେ ନାଥଧର୍ମ ଓ ଯୋଗୀମାନଙ୍କ ସମ୍ବନ୍ଧରେ ବହୁ ବିକୃତ ଧାରଣା, ବିକୃତ ପରମ୍ପରା ଓ ଅନ୍ଧ ବିଶ୍ୱାସ ପ୍ରଚଳିତ । ତାହାର ଏକମାତ୍ର କାରଣ, ନାଥଯୋଗୀ ଧର୍ମାବଲମ୍ବୀ ବ୍ୟକ୍ତିମାନେ ନିଜର ଧର୍ମ, ଜାତିର ଉତ୍ପତ୍ତି ଓ ନିଜ ସମାଜର ଶାସ୍ତ୍ରୀୟ ପରମ୍ପରା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ । ଅନ୍ୟାନ୍ୟ ଜାତିମାନେ ମଧ୍ୟ ତଦ୍ରୂପ । ଏଣୁ ଓଡ଼ିଶାରେ ନାଥମାନଙ୍କୁ ଶୂଦ୍ର-ଶ୍ରେଣୀଭୁକ୍ତରୂପେ ଗଣନା କରିବାର ଚଳଣି ପ୍ରାୟ ଦୃଷ୍ଟ ହୁଏ । କିନ୍ତୁ ପ୍ରକୃତ ପକ୍ଷରେ ନାଥଜାତି ଶୂଦ୍ର ଶ୍ରେଣୀଭୁକ୍ତ ନୁହନ୍ତି । ସାଧାରଣତଃ ବ୍ରାହ୍ମଣାଦି ଦ୍ୱିଜ ଜାତିମାନଙ୍କର କୌଣସି ନା କୌଣସି ସେବା ଗୋଟିଏ ଗୋଟିଏ ଶୂଦ୍ର ଜାତିବିଶେଷର ପରମ୍ପରାଗତ ବୃତ୍ତିରୂପେ ପ୍ରଚଳିତ । ଯଥା—ଯେଉଁମାନେ ସମାଜକୁ ମୃତ୍ପାତ୍ର ଯୋଗାଇବା କାର୍ଯ୍ୟକୁ ବୃତ୍ତିରୂପେ ପୁରୁଷାନୁକ୍ରମିକ କରି ଆସୁଛନ୍ତି, ସେମାନେ କୁମ୍ଭକାର । ଏହିପରି କର୍ମକାର, ନାପିତ ପ୍ରଭୃତି । ନାଥଧର୍ମାବଲମ୍ବୀ ଯୋଗୀମାନଙ୍କର କୌଣସି ସେବାଗତ ବୃତ୍ତି ନାହିଁ । ଏଣୁ ସେମାନଙ୍କୁ ଶୂଦ୍ର ପର୍ଯ୍ୟାୟଭୁକ୍ତ କରାଯାଇ ପାରେନା । ବ୍ରାହ୍ମଣାଦି ଦ୍ୱିଜଜାତି ବା ଶୂଦ୍ର ନହେଲେ ବାକୀ ଅନ୍ତ୍ୟଜ ନାମରେ ନାମିତ । ନାଥମାନେ ଅନ୍ତ୍ୟଜ, ଏହା କଳ୍ପନାତୀତ,

Digitized by srujanika@gmail.com

କାରଣ ଏମାନଙ୍କର ଆଚରିତ ଧର୍ମ ହିଁ ଭାରତବର୍ଷର ସମଗ୍ର ସମାଜ ଓ ଧର୍ମକୁ ପ୍ରଭାବିତ କରିଥିଲା । ଏପରିକି ଆଫଗାନିସ୍ଥାନ, ବେଲୁଚିସ୍ଥାନର ମୁସଲମାନମାନେ ମଧ୍ୟ ଏ ଧର୍ମ ଗ୍ରହଣ କରିଥିଲେ । ପ୍ରାୟ ୧୧ଶ ୧୨ଶ ଶତାବ୍ଦୀ ବେଳକୁ ବେଲୁଚିସ୍ଥାନଠାରୁ ଆସାମ ଏବଂ ହିମାଚଳ ପ୍ରଦେଶଠାରୁ ସୁଦୂର ଦାକ୍ଷିଣାତ୍ୟ ପର୍ଯ୍ୟନ୍ତ ଭାରତର ବହୁ ରାଜା ଏହି ଧର୍ମ ଗ୍ରହଣ କରି ଏହାକୁ ସର୍ବଭାରତୀୟ ଧର୍ମରୂପରେ ପ୍ରଚଳିତ କରିଥିଲେ ।

ଜାତିର ଉତ୍ପତ୍ତି

ଆଜିକାଲି ଭାରତର ସର୍ବତ୍ର ଏହି ନାଥଧର୍ମାବଲମ୍ବୀମାନେ ସାଧାରଣ ଭାବରେ ଯୋଗୀ ଜାତିରୂପେ ପରିଚିତ । ପୂର୍ବେ ଯେପରି ଶିଖ ବୋଲି କୌଣସି ଜାତି ନ ଥିଲେ, ଗୁରୁ ନାନକଙ୍କ ଧର୍ମାବଲମ୍ବୀମାନେ କ୍ରମଶଃ ଏକ ସମ୍ପ୍ରଦାୟ ଏବଂ ପରେ ଏକ ବିଶିଷ୍ଟ ଜାତିରୂପେ ପରିଚିତ ହେଲେ, ସେହିପରି ପ୍ରଥମେ ଯୋଗୀ ନାମରେ କୌଣସି ଜାତି ଭାରତବର୍ଷରେ ନଥିଲେ । ନାଥଯୋଗୀ ଧର୍ମାବଲମ୍ବୀମାନେ ପ୍ରଥମେ ଏକ ସମ୍ପ୍ରଦାୟ ଓ ପରେ କ୍ରମଶଃ ଏକ ବିଶିଷ୍ଟ ଯୋଗୀ ଜାତିରୂପେ ପରିଚୟ ଲାଭ କରିଛନ୍ତି । ନାଥଧର୍ମାବଲମ୍ବୀମାନଙ୍କର ପ୍ରଧାନ ଉପାସନା ପ୍ରଣାଳୀ ଥିଲା ଯୋଗ । ଯୋଗରେ ସର୍ବଶ୍ରେଷ୍ଠ ଯୋଗୀ ଶିବଙ୍କର ଉପାସକ ବୋଲି ଏମାନେ ନିଜକୁ ଯୋଗୀରୂପେ ପରିଚିତ କରୁଥିଲେ । ଯେଉଁମାନେ ସିଦ୍ଧିଲାଭ କରୁଥିଲେ ବା ଏହାକୁ ସିଦ୍ଧିଲାଭର ପନ୍ଥାରୂପେ ଗ୍ରହଣ ଓ

Digitized by srujanika@gmail.com

ଆଚରଣ କରୁଥିଲେ, ସେମାନେ ଯୋଗୀ ଆଖ୍ୟା ଗ୍ରହଣ କରୁଥିଲେ । ନାଥଧର୍ମର ଉପାସନା ପ୍ରଣାଳୀ ଭାରତର ବିଭିନ୍ନ ଜାତି ଓ ଧର୍ମର ଲୋକମାନଙ୍କୁ ଆକୃଷ୍ଟ କରିଥିଲା । ନାଥଧର୍ମର ପ୍ରଚଳିତ ରୀତି ଅନୁସାରେ ସେମାନେ ନିଜ ନିଜ କୌଳିକ ଉପାଧି ବିସର୍ଜନ କରି 'ନାଥ' ଉପାଧିରେ ନିଜଙ୍କୁ ପରିଚିତ କରୁଥିଲେ । ବର୍ତ୍ତମାନ ମଧ୍ୟ ଗୌଡ଼ୀୟ ମଠର ଦୀକ୍ଷା ଗ୍ରହଣକାରୀ ଭାରତର ବିଭିନ୍ନ ପ୍ରଦେଶର ଓ ବିଭିନ୍ନ ଜାତିର ଗୃହୀ ଶିଷ୍ୟମାନେ ନିଜ ନାମପରେ ଦାସାଧିକାରୀ ଉପାଧି ଯୋଗ କରନ୍ତି । ଅଧିକାଂଶ କେବଳ ମଠ ସଂକ୍ରାନ୍ତ ଲେଖା ଲେଖିରେ ଦାସାଧିକାରୀ ଲେଖନ୍ତି । ନିଜର କର୍ମକ୍ଷେତ୍ରରେ କୌଳିକ ଉପାଧି ଲେଖନ୍ତି । କେହି କେହି ସର୍ବଦା କୌଳିକ ଉପାଧି ନିଜ ନାମପରେ ଲେଖି ଥାଆନ୍ତି । ସେହିପରି ନାଥଧର୍ମାବଲମ୍ବୀମାନେ ଅଧିକାଂଶ 'ନାଥ' ଉପାଧି ଗ୍ରହଣ କରୁଥିଲେ । କେହି ସ୍ୱଜାତିର କୌଳିକ ଉପାଧି ଧାରଣ କରୁଥିଲେ । ବର୍ତ୍ତମାନ ମଧ୍ୟ ନାଥ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଓଡ଼ିଶା ଓ ବଙ୍ଗଳାରେ ନାଥ, ନାଥ-ଶର୍ମା, ମିଶ୍ର, ଦେବନାଥ, ଦାସ, ପଣ୍ଡା, ଭଟ୍ଟାଚାର୍ଯ୍ୟ, ଗୋସ୍ୱାମୀ, ସେନ, ସେନଗୁପ୍ତ ପ୍ରଭୃତି ଉପାଧି ପ୍ରଚଳିତ ଅଛି । ସାମାଜିକ ରୀତି-ନୀତିରେ ମଧ୍ୟ ପରିବର୍ତ୍ତନ ଘଟିଅଛି । ନାଥ ଯୋଗୀଗଣ ବୈଦିକ କର୍ମକାଣ୍ଡର ଆଚାର ନିଷ୍ଠାକୁ ବହୁଳ ପରିମାଣରେ କୋହଳ କରିବାରୁ ସେ ଧର୍ମ ସର୍ବଜନପ୍ରିୟ ହେଲା । କ୍ରମଶଃ ନାଥଧର୍ମ ଯେତେବେଳେ ରାଜକୀୟ ସାହଚର୍ଯ୍ୟରୁ ବଞ୍ଚିତ ହେଲା, ସେତେବେଳେ ରକ୍ଷଣଶୀଳ ସ୍ମାର୍ତ୍ତ ସମାଜପତିମାନେ ସେମାନଙ୍କୁ ସମାଜଚ୍ୟୁତ କରିବାକୁ ଚେଷ୍ଟା କଲେ ।

ଶ୍ରୀ ଚୈତନ୍ୟ କୁଳୀନ ବ୍ରାହ୍ମଣ ବଂଶରେ ଜନ୍ମଲାଭ କରି-ମଧ୍ୟ ଯେତେବେଳେ ବୈଦିକ କର୍ମକାଣ୍ଡ, ସ୍ମାର୍ତ୍ତ ବିଧି ନିଷେଧର

Digitized by srujanika@gmail.com

କଠୋରତାକୁ ଅବହେଳା କରି ନବଦ୍ୱୀପରେ ଆଚଣ୍ଡାଳେ ନାମ ପ୍ରେମ ବିତରଣ କଲେ, ସେତେବେଳେ ନବଦ୍ୱୀପର ପ୍ରସିଦ୍ଧ ନୈୟାୟିକ ଓ ବୈଦାନ୍ତିକ, ସ୍ମାର୍ତ୍ତ ପଣ୍ଡିତଗଣ ତାଙ୍କୁ ନିନ୍ଦା କରିବାକୁ ଆରମ୍ଭ କଲେ । ଏପରିକି ସେମାନଙ୍କ ଅତ୍ୟାଚାରରେ ମର୍ମାହତ ହୋଇ ଚୈତନ୍ୟ ନବଦ୍ୱୀପ ଛାଡ଼ି ସନ୍ନ୍ୟାସ ଗ୍ରହଣ କରି ଜଗନ୍ନାଥ ଧାମକୁ ଆସିଲେ । ଅଦ୍ୱୈତ ଆଚାର୍ଯ୍ୟ ଓ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ପ୍ରଭୃତିଙ୍କର ଧର୍ମର ସହଜ ସ୍ୱତନ୍ତ୍ରତା ଓ ଲୋକପ୍ରିୟତା ରକ୍ଷଣଶୀଳ ସ୍ମାର୍ତ୍ତମାନଙ୍କୁ ଈର୍ଷାନ୍ୱିତ କରିଥିଲା । ଏହିପରି ରକ୍ଷଣ-ଶୀଳମାନଙ୍କର ଈର୍ଷା ଓ ଦ୍ୱେଷର ଶରବ୍ୟ ହୋଇ ନାଥଧର୍ମା-ବଲମ୍ବୀମାନେ ବିବାହାଦି କ୍ରିୟା ସ୍ୱଜାତୀୟମାନଙ୍କ ମଧ୍ୟରେ କରି ନଥାଇ ସ୍ୱଧର୍ମାବଲମ୍ବୀମାନଙ୍କ ମଧ୍ୟରେ କରିବାକୁ ଆରମ୍ଭ କଲେ । ଏହିପରି ନାଥଯୋଗୀ ଜାତିର ଉତ୍ପତ୍ତି । ବର୍ତ୍ତମାନ ମଧ୍ୟ ଦେଖାଯାଏ, ଗୌଡ଼ୀୟ ମଠର ଦୀକ୍ଷାଧାରୀ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ପ୍ରଭୃତି ଜାତି ମଧ୍ୟରେ ବିବାହାଦି ପ୍ରଚଳିତ ହୋଇଛି । ଏହା ଅସବର୍ଣ୍ଣ ବିବାହ; ଆଇନ ସିଦ୍ଧ ହେବା ଆଗରୁ ମଧ୍ୟ ପ୍ରଚଳିତ ହୋଇଥିଲା ।

ନାଥଧର୍ମ ଓ ଯୋଗୀଜାତିର ଉତ୍ପତ୍ତି ସମ୍ବନ୍ଧରେ ବିଭିନ୍ନ ପୌରାଣିକ ତଥ୍ୟ ନିମ୍ନରେ ଉଲ୍ଲିଖିତ ହେଲା ।

ବ୍ରହ୍ମବୈବର୍ତ୍ତ ପୁରାଣ ୧ମ ଖଣ୍ଡ, ୮ମ ଓ ୯ମ ଅଧ୍ୟାୟ— କୋପାବିଷ୍ଟ ଈଶ୍ୱରଙ୍କର ଲଲାଟ ଅଗ୍ନିରୁ ଏକାଦଶ ରୁଦ୍ର ଓ ତଦୀୟ ପତ୍ନୀଙ୍କର ଉଦ୍ଭବ ହୁଏ । ସେମାନଙ୍କଠାରୁ ମହାନ୍ ଓ ଅନ୍ୟାନ୍ୟ ବହୁ ସଂଖ୍ୟକ ପୁତ୍ର ଜନ୍ମଲାଭ କରିଥିଲେ । ସେମାନେ ସମସ୍ତେ ଶିବ ପାର୍ଷଦ ଓ ଯୋଗଧର୍ମ ପରାୟଣ ଥିଲେ । ମହାନ୍‌ଙ୍କର ବଂଶଧରଗଣ କ୍ରମଶଃ ଯୋଗୀ ଜାତିରୂପେ ପ୍ରସିଦ୍ଧି ଲଭ କଲେ ।

Digitized by srujanika@gmail.com

ଆଗମ ସଂହିତା :—ଈଶ୍ୱରଙ୍କଠାରୁ ଯୋଗୀ ଏକାଦଶ ରୁଦ୍ରଙ୍କର ଉତ୍ପତ୍ତି ଏବଂ ସେମାନଙ୍କ ମଧ୍ୟରେ ମହାଯୋଗୀ ପ୍ରଧାନ । ମହାଯୋଗୀଙ୍କ ପୁତ୍ର ଚନ୍ଦ୍ରନାଥ ; ଚନ୍ଦ୍ରନାଥଙ୍କ ପୁତ୍ର ଆଦିନାଥ ; ଏବଂ ଏହି ଚନ୍ଦ୍ରନାଥଙ୍କ ବଂଶରୁ ମୀନନାଥ, ଗୋରକ୍ଷନାଥ, ଗୁପ୍ତନାଥ, ସତ୍ୟନାଥ ପ୍ରଭୃତି ମହାତ୍ମା ଜନ୍ମଗ୍ରହଣ କରିଥିଲେ । ଯୋଗୀମାନେ ସମସ୍ତେ ରୁଦ୍ରକୁଳ ସମ୍ଭୂତ ଓ ଶିବଗୋତ୍ରୀ ।

ବୃଦ୍ଧଶାତାତପ ସଂହିତା :— (୯ମ ଅଧ୍ୟାୟ) ଯୋଗୀମାନେ ଶିବ ନାଥଙ୍କଠାରୁ ଉତ୍ପନ୍ନ ବୋଲି ସମସ୍ତେ ନାମ ଶେଷରେ ନାଥ ଉପାଧି ବ୍ୟବହାର କରନ୍ତି ଏବଂ ବ୍ରାହ୍ମଣ କନ୍ୟାର ଗର୍ଭଜାତ ବୋଲି ଏମାନଙ୍କର ଜନ୍ମ ଓ ମରଣରେ ଦଶଦିନ ଅଶୌଚ ପାଳନୀୟ ।

ପରାଶର ପଦ୍ଧତି :—ବ୍ରାହ୍ମଣ କନ୍ୟାର ଗର୍ଭରୁ ଏବଂ ଅବଧୂତଙ୍କ ଔରସରୁ ନାଥଜାତିର ଉତ୍ପତ୍ତି ହୋଇଅଛି ।

ଚନ୍ଦ୍ରାଦିତ୍ୟ ପରମାଗମ :—(୧୨ଶ ଅଧ୍ୟାୟ) ସୂର୍ଯ୍ୟବଂଶୀୟ ସୁଧନ୍ୱାଙ୍କ କନ୍ୟା ସୂର୍ଯ୍ୟବତୀ । ତପସ୍ୟାଦ୍ୱାରା ମହାଦେବଙ୍କୁ ସନ୍ତୁଷ୍ଟ କରି ଯେଉଁ ପୁତ୍ରଲାଭ କରିଥିଲେ, ତାହାଙ୍କ ନାମ ଯୋଗନାଥ । ସ୍ୱୟଂ ମହାଦେବ ତାହାଙ୍କୁ ଗାୟତ୍ରୀ ମନ୍ତ୍ର ଓ ଆମୋଦ ଦୀକ୍ଷା ପ୍ରଦାନ କରିଥିଲେ । ମହାଦେବଙ୍କ ଆଦେଶରେ ଯୋଗନାଥ ସୁରତି ନାମକ କନ୍ୟାକୁ ବିବାହ କରିଥିଲେ ଏବଂ ସୁରତିଙ୍କ ଗର୍ଭରୁ ଆଦିନାଥ, ମୀନନାଥ, ସତ୍ୟନାଥ, ଚୈତନ୍ୟନାଥ ପ୍ରଭୃତି ଷୋଳ ଜଣ ପୁତ୍ର ଜାତ ହୋଇଥିଲେ । ଯୋଗନାଥଙ୍କଠାରୁ ଉତ୍ପନ୍ନ ବୋଲି ଏମାନେ ସମସ୍ତେ ଯୋଗୀ ଆଖ୍ୟା ପାଇଥିଲେ ।

Digitized by srujanika@gmail.com

ଆଦିନାଥ, ମୀନନାଥ, ଯତ୍ତ୍ୱନାଥ, ସତେଚନାଥ, କପିଳନାଥ, ନାନକନାଥ ଗୃହସ୍ଥ ହୋଇ ଯୋଗ ସାଧନ କରିଥିଲେ । ଅନ୍ୟାନ୍ୟ ଭ୍ରାତୃଗଣ ସନ୍ନ୍ୟାସୀ ହୋଇ ଦେଶ ପରିଭ୍ରମଣ କରିଥିଲେ ।

ମହାବିରାଟ ତନ୍ତ୍ର :—(ପାର୍ବତୀଙ୍କ ପ୍ରତି ଶିବଙ୍କ ଉକ୍ତି) ମୋ ଠାରୁ ଯୋଗୀ ବଂଶର ଉତ୍ପତ୍ତି । ଏହି ଜାତି ସମସ୍ତଙ୍କଠାରୁ ଶ୍ରେଷ୍ଠ ।

ଗୋରକ୍ଷ ସଂହିତା :—

ବର୍ଣ୍ଣ ଯୋଗୀ ଶିବ ତନ୍ୟାଃ ତଦ୍ଧିତ ତସ୍ୟବନ୍ତୁ
ଦାସ୍ୟ ଦାସୀତ ମା ବାଚ୍ୟଂ ନାଥ ଦେବୀତ ମାଂ ବଦେତ୍ ।
ତଦ୍ଧିତ ସମ୍ବୋଧନଞ୍ଚୈବ ଶିବଗୋଷ୍ଠୀ ଉଚ୍ୟତେ
ଉକ୍ତ ଗୋତ୍ରେଣ ଗୋତ୍ରଂ ସ୍ୟାତ୍ ତସ୍ୟ (ଯୋଗୀନଃ)
କୁଳୋଦ୍ଭବ ଦ୍ୱିଜଃ ତ୍ରିଗୁଣଂ ଧାରୟେତ୍—
ତ୍ରିହନ୍ତେ ପ୍ରବରସ୍ୟ ଶିବ-ଶମ୍ଭୁ-ହର ବୃଷ୍ଟ
ଆଦିଶାଖା ଭବେଦେବ ସାମବେଦତଃ ସମ୍ମତଃ
ଦଶରାତ୍ରାଶୌଚ୍ଛ୍ନି ଚ ଭୂମ୍ୟାସ୍ୟ ବଦନୋତ୍ତରେ
ଅନ୍ନ ପିଣ୍ଡଂ ପିତୃଃ ସ୍ୱର୍ଗସ୍ତୁ କର୍ମସୁ ପାବଗା ।

ନାଥଧର୍ମୀ ଗ୍ରହଣକାରୀମାନଙ୍କର ଶ୍ରାଦ୍ଧ କିମ୍ବା ତଦ୍ଧିତ ସାଧାରଣତଃ ସାମବେଦ ଅନୁସାରେ ହୋଇଥାଏ । କର୍ଣ୍ଣବେଧ ଓ ଉପନୟନାଦିରେ ସାମବେଦୀୟ ପଦ୍ଧତି ଅନୁସରଣ କରାହୁଏ । ବୈଷ୍ଣବ ଧର୍ମରେ ଦୀକ୍ଷିତ ବ୍ୟକ୍ତିମାନେ ଯେପରି କୌଳିକ ଗୋତ୍ର ପରିତ୍ୟାଗ କରି ଅଚ୍ୟୁତ ଗୋତ୍ରୀୟ ବୋଲି ପରିଚୟ ଲାଭ କରନ୍ତି, ନାଥଧର୍ମାବଲମ୍ବୀମାନେ ସେହିପରି କୌଳିକ ଗୋତ୍ର ତ୍ୟାଗକରି

Digitized by srujanika@gmail.com

ନିରଞ୍ଜନ ଯୋଗୀ ବୋଲି ଆଖ୍ୟା ଲଭ କରନ୍ତି । କାରଣ ମନ୍ତ୍ର-ଦୀକ୍ଷିତ ବ୍ୟକ୍ତିମାନେ ପୁନର୍ଜନ୍ମ ଲଭକରନ୍ତି ବୋଲି ଶାସ୍ତ୍ର ବଚନ ଅଛି । ନାଥଧର୍ମାବଲମ୍ବୀମାନଙ୍କ ମଧ୍ୟରେ ତ୍ରିଗୁଣ ଧାରଣ, ଦୀକ୍ଷାନ୍ତେ ଶିବ-ଶମ୍ଭୁ ଉପର ପ୍ରବର ସ୍ୱୀକାର, ଦଶ ଦିନ ଅଶୌଚ, ଅନ୍ନପିଣ୍ଡ ପ୍ରଦାନ ପ୍ରଭୃତି ସାମବେଦୀୟ ଗୃହ ଅନୁସରଣ, ମୃତବ୍ୟକ୍ତିକୁ ଯୋଗାସନରେ ବସାଇ ସମାଧି ଦେବାର ପ୍ରଥା ଆଜି ପର୍ଯ୍ୟନ୍ତ ପ୍ରଚଳିତ ।

ନାଥଧର୍ମର ପ୍ରାଚୀନତ୍ୱ

ନାଥଧର୍ମର ପ୍ରାଚୀନତ୍ୱ ସମ୍ପର୍କରେ ଓଡିଶାର ବାହାରେ ଯେଉଁସବୁ ନିଦର୍ଶନ ମିଳେ, ତାହାର ଆଲୋଚନା ସର୍ବାଗ୍ରେ କର୍ତ୍ତବ୍ୟ—ଏ ବିଷୟରେ ଶାନ୍ତିନିକେତନର ଅଗ୍ରଗଣ୍ୟ କ୍ଷିତିମୋହନ ସେନ ଶାସ୍ତ୍ରୀଙ୍କର ଅଭିମତ ଆଲୋଚ୍ୟ । ସେ ତାଙ୍କର Hinduism (Pelican Book. Published by the Penguin Books) ଗ୍ରନ୍ଥରେ (69 page, Chap. 13) ଲେଖିଛନ୍ତି "The Natha Cult is closely connected with the doctrines of Yoga. It is also linked with worship of Pasupati Siva i. e. With the worship of Siva as the Lord of animals. Among the Indus Vally relics. the Pasupati Icon and images of Yogies have been found, which suggests that the cult may be very old indeed. Latter all these Cults came into close contact with Budhism, Jainisism and popular Hinduism.

Digitized by srujanika@gmail.com

ତାଙ୍କ ମତରେ ନାଥଧର୍ମ ବୈଦିକ ସଭ୍ୟତାର ପୂର୍ବରୁ ପ୍ରଚଳିତ ଥିଲା । ମହେଞ୍ଜୋଦାରୋ ଓ ହରପ୍ପା ସଭ୍ୟତାର ନିଦର୍ଶନରୁ ତାହା ପ୍ରମାଣିତ । ପରବର୍ତ୍ତୀ କାଳରେ ବୌଦ୍ଧ, ଜୈନ ଓ ହିନ୍ଦୁ ଧର୍ମର ସମ୍ପର୍କରେ ଆସି ଏହାର ଉପାସନା ପ୍ରଣାଳୀ ଓ ରୀତି ନୀତି କିଛୁ ପରିବର୍ତ୍ତିତ ହୋଇଛି । ଗ୍ରୀକ୍ ପରିବ୍ରାଜକ ମେଗାସ୍ଥିନିସ ତାଙ୍କ ବିବରଣୀରେ ବୌଦ୍ଧ ଓ ଜୈନ ସିଦ୍ଧଙ୍କ ସହିତ ନାଥ ଯୋଗୀସମ୍ପ୍ରଦାୟର ସିଦ୍ଧମାନେ ଥିଲେ ବୋଲି ଉଲ୍ଲେଖ କରିଛନ୍ତି (Early History of India by Dr. Nagendra Nath Ghosh) । ମତ୍ସ୍ୟେନ୍ଦ୍ରନାଥ ଓ ଗୋରକ୍ଷନାଥଙ୍କ ସମୟରେ ଏହାର ପ୍ରଭାବ ଓ ଲୋକପ୍ରିୟତା ବୃଦ୍ଧିଲାଭ କରିଥିଲା ।

ବୌଦ୍ଧ ଗାନ ଓ ଦୋହା ବା ଚର୍ଯ୍ୟାପଦ

ଏହା ପ୍ରକୃତରେ ନାଥଯୋଗୀ ସିଦ୍ଧ ପୁରୁଷମାନଙ୍କର ଭଜନ ପ୍ରଣାଳୀ । ଏହାକୁ ବୌଦ୍ଧଗାନ ଆଖ୍ୟା ଦେବାର ଯୁକ୍ତି ନାହିଁ । ହରପ୍ରସାଦ ଶାସ୍ତ୍ରୀ ଯେଉଁ ସମସ୍ତ ପଦାବଳୀ ନେପାଳରୁ ଉଦ୍ଧାର କରି ମୁଦ୍ରିତ ପୁସ୍ତକାକାରରେ "ବୌଦ୍ଧ ଗାନ ଓ ଦୋହା" ନାମରେ ପ୍ରକାଶିତ କରିଅଛନ୍ତି ଏବଂ ଯାହାକୁ ପ୍ରାଚୀନ ବଙ୍ଗଳା ଭାଷାର ଆଦିରୂପ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି, ତାହା ପ୍ରକୃତ ପକ୍ଷରେ ବୌଦ୍ଧଗାନ ନୁହେଁ । ସେଇ ଦୋହାଗୁଡ଼ିକର ରଚୟିତା ଲୁଇପାଦ ବା ମତ୍ସ୍ୟେନ୍ଦ୍ରନାଥ, ହାଡ଼ିପା, କାନୁପା ପ୍ରଭୃତି ସିଦ୍ଧାଚାର୍ଯ୍ୟଗଣ କେହି ବୌଦ୍ଧ ନୁହନ୍ତି । ଅଧିକାଂଶ ଓଡ଼ିଆ, ବଙ୍ଗାଳି ତିବ୍ବତୀ ଓ ନେପାଳୀ ନାଥ ଧର୍ମାବଲମ୍ବୀ । ତିବ୍ବତ ଭାଷାରେ 'ଲୁଇ' ଶବ୍ଦର ଅର୍ଥମାଛର ଉଦର । ମତ୍ସ୍ୟେନ୍ଦ୍ରନାଥ ବା ଓଡ଼ିଆରେ

Digitized by srujanika@gmail.com

ମଚ୍ଛିନ୍ଦ୍ର ନାଥ ମତ୍ସ୍ୟର ଉଦରରୁ ଜାତ ହୋଇଥିଲେ । ନାଥଯୋଗୀ ସମ୍ପ୍ରଦାୟର ବିଭିନ୍ନ ଗ୍ରନ୍ଥରୁ ତାହାର ଉଲ୍ଲେଖ ମିଳେ । ତିବ୍ବତରେ ସେ ଲୁଇପାଦ ବୋଲି ବିଶେଷ ପରିଚିତ । ସିଦ୍ଧାଚାର୍ଯ୍ୟଗଣ ଅପଭ୍ରଂଶ ଭାଷାରେ ସାଧନ ସମ୍ପର୍କୀୟ ଯେଉଁସବୁ ରହସ୍ୟମୟ ପଦ ରଚନା କରିଛନ୍ତି ସେଗୁଡ଼ିକୁ ଦୋହା ଆଖ୍ୟା ଦିଆଯାଏ । ଏ ପ୍ରସଙ୍ଗରେ ନିମ୍ନ ପ୍ରଦତ୍ତ ନାଥଗୁରୁ ପରମ୍ପରା ଆଲୋଚ୍ୟ—

ବଦ୍ରନାଥ (ସ୍ତ୍ରୀ କୃଷ୍ଣାଦେବୀ)
|
ଆଦିନାଥ (ଚଟ୍ଟଗ୍ରାମ, କୁମିଲ୍ଲାରେ ମନ୍ଦିର ଅଛି)
|
ମୀନନାଥ (ଲୁଇପାଦ, ମଚ୍ଛିନ୍ଦ୍ର ନାଥ)
|
|
ଗୋରକ୍ଷ ନାଥ
|
ଘୁପ୍ତାନାଥ
|
ହେତୁନାଥ
|
କାହ୍ନୁପା
|
ହାଡ଼ିପା
|
ଗୋବିନ୍ଦଚନ୍ଦ୍ର (ଟୀକା ଗୋବିନ୍ଦଚନ୍ଦ୍ର)

Digitized by srujanika@gmail.com

ଏଥିରୁ ଜଣାଯାଏ ବୌଦ୍ଧଗାନ ଓ ଦୋହାର ସଂଗୃହୀତ ପଦ ସମୂହ ଅଧିକାଂଶ କାହ୍ନୁପା, ଲୁଇପା ଓ ହାଡ଼ିପାଙ୍କର ! ଏମାନେ ସମସ୍ତେ ନାଥଯୋଗ ସିଦ୍ଧ ମହାପୁରୁଷ ।

ପଞ୍ଚସଖାଙ୍କ ଅନ୍ୟତମ ଅଚ୍ୟୁତାନନ୍ଦଙ୍କ ଗରୁଡ଼ ଗୀତାରେ ଅଚ୍ୟୁତାନନ୍ଦ ଗୋରକ୍ଷନାଥଙ୍କୁ ଧ୍ରୁବ, ପ୍ରହ୍ଲାଦ, ଜନକ, ସନକ, ନାରଦ ପ୍ରଭୃତି ରାଜର୍ଷି ଓ ବ୍ରହ୍ମର୍ଷିମାନଙ୍କ ସମକକ୍ଷ ବୋଲି ଲେଖିବାରୁ ପ୍ରମାଣ ହୁଏ ଯେ ନାଥଯୋଗୀ ସିଦ୍ଧ ପୁରୁଷମାନେ ତାଙ୍କର ବହୁ ପୂର୍ବରୁ ପ୍ରସିଦ୍ଧି ଲାଭ କରିଥିଲେ ।

ପ୍ରାଚୀନ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ ଶିଶୁବେଦ ନାଥ ଧର୍ମର ଭଜନ ଓ ସାଧନ ପ୍ରଣାଳୀର ଏକ ପ୍ରାମାଣିକ ଶାସ୍ତ୍ର । ଶିଶୁବେଦର ରଚନାକାଳ ସାରଳା ଯୁଗର ପୂର୍ବବର୍ତ୍ତୀ । ଐତିହାସିକ ଓ ଲୋକମୁଖରେ ପରଂପରା କ୍ରମେ ଆଗତ ନାଥଧର୍ମର ତଥ୍ୟାଦି ପରବର୍ତ୍ତୀ ପ୍ରବନ୍ଧମାନଙ୍କରେ ବିସ୍ତାରିତ ଭାବରେ ଆଲୋଚିତ ହୋଇଅଛି ।

—o—

Digitized by srujanika@gmail.com

ଯୋଗ ଓ ଯୋଗୀ

ମୁକ୍ତି ବା ଈଶ୍ୱର ପ୍ରାପ୍ତିର ଯେତେପ୍ରକାର ଚେଷ୍ଟା ଭାରତୀୟ ଦର୍ଶନ ଶାସ୍ତ୍ରରେ ବର୍ଣ୍ଣିତ ଅଛି କପିଳଙ୍କ ସାଂଖ୍ୟ ଓ ପତଞ୍ଜଳଙ୍କ ଯୋଗ ସର୍ବପ୍ରଥମ ଓ ସର୍ବପ୍ରାଚୀନ । ଭାରତୀୟ ଷଡ଼୍‌ଦର୍ଶନ ମଧ୍ୟରେ ସାଂଖ୍ୟଯୋଗ ସର୍ବାଦ୍ୟ । ଭାରତୀୟ ଦର୍ଶନଶାସ୍ତ୍ରରେ ଯୋଗ ଶବ୍ଦ ମଧ୍ୟ ଅତି ପ୍ରାଚୀନ । ଯୋଗ ଶବ୍ଦର ବ୍ୟବହାର ବହୁ କ୍ଷେତ୍ରରେ ବହୁ ଅର୍ଥରେ ଦେଖାଯାଏ । ନିମ୍ନରେ ତାହାର ଗୋଟିଏ ତାଲିକା ପ୍ରଦତ୍ତ ହେଲା ।

୧ । ପଦାର୍ଥ ସହିତ ପଦାର୍ଥର ସଲଗ୍ନ କରିବାକୁ ଯୋଗ କୁହାଯାଏ ।

୨ । ଏକ ପଦାର୍ଥ ସହିତ ଅନ୍ୟ ପଦାର୍ଥର ମିଶ୍ରଣର ନାମ ଯୋଗ ।

୩ । କାର୍ଯ୍ୟ ଓ କାରଣର ଏକତ୍ରିକରଣର ନାମ ଯୋଗ ।

୪ । ସୈନ୍ୟମାନଙ୍କର ବିଧିପୂର୍ବକ ଅସ୍ତ୍ରଧାରଣର ନାମ ଯୋଗ ।

୫ । ବସ୍ତୁତତ୍ତ୍ୱ ନିର୍ଣ୍ଣାୟକ ଯୁକ୍ତି ବାକ୍ୟକୁ ଯୋଗ କୁହାଯାଏ ।

୬ । ଛଳନା ଅର୍ଥାତ୍ ପ୍ରକୃତ ତତ୍ତ୍ୱ ଗୋପନ କରି କାର୍ଯ୍ୟ ପ୍ରଦର୍ଶନର ନାମ ଯୋଗ ।

୭ । ଦେହକୁ ଦୃଢ଼ ଓ ସୁସ୍ଥିର କରିବାର ଉପାୟକୁ ଯୋଗ କୁହାଯାଏ ।

Digitized by srujanika@gmail.com

୮ । ଦେହ ବିନ୍ୟାସର ସୁଶୃଙ୍ଖଳାର ନାମ ଯୋଗ ।

୯ । ଶବ୍ଦର ଅର୍ଥବୋଧକ ଶକ୍ତି ବିଶେଷକୁ ଯୋଗ କୁହାଯାଏ ।

୧୦ । କୌଶଳରେ କାର୍ଯ୍ୟ ନିର୍ବାହର ନାମ ଯୋଗ ।

୧୧ । ଲବ୍ଧ ବସ୍ତୁର ରକ୍ଷଣାବେକ୍ଷଣକୁ ଯୋଗ କୁହାଯାଏ ।
(ଯୋଗକ୍ଷେମଂ ବହାମ୍ୟହମ୍-ଗୀତା)

୧୨ । ଚିନ୍ତାଦ୍ୱାରା ଦୁର୍ଲଭ ଉପାୟ ଜାଣିବାର ନାମ ଯୋଗ ।

୧୩ । କୌଣସି ବସ୍ତୁକୁ ଅନ୍ୟ ନୂତନ ଆକାର ପ୍ରଦାନର ନାମ ଯୋଗ ।

୧୪ । ଅତ୍ମା ସହିତ ଆତ୍ମାର ସଂଯୋଗର ନାମ ଯୋଗ ।

୧୫ । ବସ୍ତୁ ବିଷୟକ ଚିନ୍ତାପ୍ରବାହ ଉତ୍ଥାପିତ କରିବାର ନାମ ଯୋଗ ।

୧୬ । ଯାବତୀୟ ମନୋବୃତ୍ତି ନିରୋଧର ନାମଯୋଗ ।

୧୭ । ଚିତ୍ତକୁ ଏକାଗ୍ର କରଣର ନାମ ଯୋଗ ।

ଉକ୍ତ ସପ୍ତଦଶ ପ୍ରକାର ଯୋଗ ମଧ୍ୟରୁ ପ୍ରଥମ ତ୍ରୟୋଦଶ ପ୍ରକାର ଯୋଗର ଆଦି ଉପଦେଷ୍ଟା ହେଉଛନ୍ତି ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ, ଦେବଗୁରୁ ବୃହସ୍ପତି, ଦେବରାଜ ଇନ୍ଦ୍ର, ଋଷିଶ୍ରେଷ୍ଠ ପୁନର୍ବସୁ ପ୍ରଭୃତି । ଶେଷୋକ୍ତ ଚାରିପ୍ରକାର ଯୋଗ ଅତି ଦୁଃସାଧ୍ୟ ଏବଂ ଏହି ଚାରିପ୍ରକାର ଯୋଗହିଁ ଶାସ୍ତ୍ରୀୟ ଯୋଗ ଶବ୍ଦର ଉଦ୍ଦିଷ୍ଟ । ଏହି ଚାରି ପ୍ରକାର ଯୋଗର ଆଦି ଉପଦେଷ୍ଟା ହେଉଛନ୍ତି ହିରଣ୍ୟ-ଗର୍ଭ ବ୍ରହ୍ମା, ଯୋଗେଶ୍ୱର ଶିବ, ପାର୍ବତୀ, ମହର୍ଷି କପିଳ, ତାଙ୍କ ଶିଷ୍ୟ ପଞ୍ଚଶିଖାଚାର୍ଯ୍ୟ, ରାଜର୍ଷି ଜନକ, ବ୍ରହ୍ମର୍ଷି ବଶିଷ୍ଠ, ଯୋଗୀ ଦତ୍ତାତ୍ରେୟ, ଜୈଗୀଷବ୍ୟ, ଯୋଗୀ ଯାଜ୍ଞବଲ୍କ୍ୟ ଓ ପତଞ୍ଜଳି ପ୍ରଭୃତି ।

Digitized by srujanika@gmail.com

ବ୍ରହ୍ମା ମହେଶ୍ୱର-ସ୍କନ୍ଦଶ୍ଚେନ୍ଦ୍ରଃ ପ୍ରାଚେତସୋ ମନୁଃ ।
ବୃହସ୍ପତିଶ୍ଚ ଶୁକଶ୍ଚ ଭରଦ୍ୱାଜୋ ମହାତପାଃ ।
ବେଦବ୍ୟାସଶ୍ଚ ଭଗବାନ୍ ତଥା ଗୌରଶିର ମୁନିଃ ।
ଏତେ ହି ନାନାଯୋଗାନାଂ ପ୍ରଚେତାରଃ ପରଂତପାଃ
ହିରଣ୍ୟଗର୍ଭୋ ଯୋଗସ୍ୟ ବକ୍ତା ନାନ୍ୟଃ ପୁରାତନଃ ।

—ଯାଜ୍ଞବଲ୍କ୍ୟଃ

ପ୍ରଥମ ତ୍ରୟୋଦଶ ପ୍ରକାର ଯୋଗକୁ ଭିତ୍ତିକରି ନୀତି, ଶିଳ୍ପ, ଚିକିତ୍ସା ପ୍ରଭୃତି ଶାସ୍ତ୍ର ଏବଂ ଶେଷୋକ୍ତ ଚାରି ପ୍ରକାର ଯୋଗକୁ ଭିତ୍ତିକରି ଅଧ୍ୟାତ୍ମ ଶାସ୍ତ୍ର ରଚିତ ହୋଇଅଛି ।

ଯୋଗର ତାତ୍ତ୍ୱିକ ସଂଜ୍ଞା

ପତଞ୍ଜଳିଙ୍କ ମତରେ "ଯୋଗଶ୍ଚିତ୍ତବୃତ୍ତିନିରୋଧଃ ।"

ମନର ଯାବତୀୟ ବୃତ୍ତିକୁ ନିରୋଧ କରିବାର ନାମ ଯୋଗ । ମନର ଅସଂଖ୍ୟ ବୃତ୍ତିକୁ ସାଧାରଣତଃ ପାଞ୍ଚ ଶ୍ରେଣୀରେ ବିଭକ୍ତ କରାଯାଇଅଛି, ଯଥା—କ୍ଷିପ୍ତ, ମୂଢ଼, ବିକ୍ଷିପ୍ତ, ଏକାଗ୍ର ଓ ନିରୁଦ୍ଧ । ଚିତ୍ତକୁ କ୍ଷିପ୍ତ, ମୂଢ଼ ଓ ବିକ୍ଷିପ୍ତ ଅବସ୍ଥାରୁ ଏକାଗ୍ର ଓ ନିରୁଦ୍ଧ ଅବସ୍ଥାକୁ ଆନୟନର ନାମ ଯୋଗ । ଏକାଗ୍ର ଓ ନିରୁଦ୍ଧ ଏହି ଦୁଇ ଅବସ୍ଥା ଯୋଗ ପର୍ଯ୍ୟାୟଭୁକ୍ତ । ଏହା ମଧ୍ୟରେ ନିରୁଦ୍ଧ ଅବସ୍ଥା ଯୋଗ ଶବ୍ଦର ପ୍ରକୃତ ବା ମୁଖ୍ୟ ଅର୍ଥ । "ନିରୁଦ୍ଧସକଳବୃତ୍ତିକଂ ସଂସ୍କାରମାତ୍ର ଶେଷଂ ଚିତ୍ତଂ ନିରୁଦ୍ଧମ୍" । ସର୍ବ ବୃତ୍ତି ନିରୋଧ ଅର୍ଥାତ ଚିତ୍ତର ନିରାଲମ୍ବ ଅବସ୍ଥାହିଁ ଯୋଗ ଓ ସମାଧି ।

"ତଦଭ୍ୟାସପୂର୍ବଂ ଚିତ୍ତଂ ନିରାଲମ୍ବନମ୍ ଅଭାବପ୍ରାପ୍ତ ମ ଏବ ଭବତୀତି ଏଷ ନିର୍ବୀଜଃ ସମାଧି ଅସଂପ୍ରଜ୍ଞାତଃ" ବାଚସ୍ପତି ମିଶ୍ର ।

Digitized by srujanika@gmail.com

ଯୋଗକୁ ଚତୁଷ୍ଟୟ କୁହାଯାଏ । କାରଣ ଯୋଗ ପ୍ରଧାନତଃ ଚାରି ପ୍ରକାର ।

ମନ୍ତ୍ର ଯୋଗୋ ଲୟଶ୍ଚୈବ ରାଜଯୋଗହଠସ୍ତଥା
ଯୋଗଶ୍ଚତୁର୍ବିଧଃ ପ୍ରୋକ୍ତୋ ଯୋଗିଭିସ୍ତତ୍ତ୍ୱଦର୍ଶିଭିଃ ।

ଅର୍ଥାତ୍ ମନ୍ତ୍ରଯୋଗ, ଲୟଯୋଗ, ରାଜଯୋଗ, ହଠଯୋଗ— ଏହି ଚାରି ପ୍ରକାର ।

ପ୍ରଣବ ପ୍ରଭୃତି ମନ୍ତ୍ର ଜପ କରିବାଦ୍ୱାରା ମନରେ ଯେଉଁ ଲୟ ହୁଏ ତାହା ମନ୍ତ୍ରଯୋଗ । ଦତ୍ତାତ୍ରେୟ ଋଷି ରାଜଯୋଗର ପ୍ରଥମ ସାଧକ ଓ ପ୍ରବର୍ତ୍ତକ । ହଠଯୋଗ ଦୁଇ ପ୍ରକାର । ଏହି ଦୁଇ ପ୍ରକାର ହଠଯୋଗର ପ୍ରଥମ ଉଦ୍‌ଭାବକ ମାର୍କଣ୍ଡେୟ ମୁନି ଓ ଗୋରକ୍ଷନାଥ ବା ଗୋରେଖନାଥ ।

ଦ୍ୱିଧା ହଠଃ ସ୍ୟାଦେକସ୍ତୁ ଗୋରକ୍ଷାଦି ସୁସାଧିତଃ
ଅନ୍ୟୋ ମୃକଣ୍ଡପୁତ୍ରାଦ୍ୟୈ ସାଧିତୋ ହଠସଜ୍ଞକଃ ।

ମାର୍କଣ୍ଡେୟଙ୍କ ମତରେ ଯୋଗାଙ୍ଗ ୮ଟି । କିନ୍ତୁ ଗୋରକ୍ଷନାଥଙ୍କ ମତରେ ଯୋଗାଙ୍ଗ ୬ଟି । ଓଡ଼ିଆ ଭାଷାରେ ଗୋରକ୍ଷନାଥଙ୍କର ସପ୍ତାଙ୍ଗ ଯୋଗ ଏ ସମ୍ପର୍କରେ ବିଶେଷ ଆଲୋଚ୍ୟ ।

ଏହି ଚତୁଷ୍ଟୟ ଯୋଗ ସମ୍ପର୍କରେ ଅତି ପ୍ରାଚୀନ କାଳରୁ ଯେଉଁ ସମସ୍ତ ଶାସ୍ତ୍ର ରଚିତ ହୋଇଛି, ତାହାର କୋଟିଏ ତାଲିକା ତଳେ ଦିଆଗଲା ।

୧—ଯୋଗ ଭାସ୍କର, ୨—ସାଂଖ୍ୟ ଯୋଗସାର, ୩—ଯୋଗ ଚିନ୍ତାମଣି, ୪—ପାରମେଶ୍ୱର ତନ୍ତ୍ର, ୫—ଶିବ ଯୋଗ, ୬—ହଠ ଦୀପିକା, ୭—ଈଶ୍ୱରପ୍ରୋକ୍ତ, ୮—ଯୋଗ ବୀଜ, ୯—ଦତ୍ତାତ୍ରେୟ ସଂହିତା, ୧୦—ହଠଯୋଗ, ୧୧—ଘେରଣ୍ଡ ସଂହିତା, ୧୨—ପାତଞ୍ଜଳ ସୂତ୍ର, ୧୩—ଯୋଗୀ ଯାଜ୍ଞବଲ୍କ୍ୟ, ୧୪—ବାଶିଷ୍ଠ ଯୋଗ,

Digitized by srujanika@gmail.com

୧୫—ଗୋରକ୍ଷ ସଂହିତା, ୧୬—ସିଦ୍ଧ ସିଦ୍ଧାନ୍ତ ପଦ୍ଧତି, ୧୭—ପବନଯୋଗ ସଂଗ୍ରହ, ୧୮—ଯୋଗସାର, ୧୯—ଅମୃତସିଦ୍ଧି, ୨୦—ଜୈଗୀଷବ୍ୟ ସଂହିତା, ୨୧—ବ୍ୟାସୋକ୍ତ ଯୋଗସୂତ୍ର, ୨୨—ବାୟୁ ସଂହିତା, ୨୩—ଲକ୍ଷ୍ମୀଯୋଗ ପରାଯୂଣ, ୨୪—ଯାଜ୍ଞବଲ୍କ୍ୟ ଗୀତା, ୨୫—ଆତ୍ମଗୀତା, ୨୬—ଯୋଗ ରସାୟନ, ୨୭—ସିଦ୍ଧ ସିଦ୍ଧାନ୍ତ ସଂଗ୍ରହ ।

ଏହା ଛଡ଼ା ପ୍ରତ୍ୟେକ ପୁରାଣ, ଉପପୁରାଣ ପ୍ରଭୃତିରେ ଯୋଗ ସମ୍ପର୍କୀୟ ଉପଦେଶ ରହିଛି । ଏହି ସମସ୍ତ ଗ୍ରନ୍ଥ ବା ଉପଦେଶ କେବଳ ସଂସ୍କୃତ ଭାଷାରେ ଲିଖିତ ଏବଂ ସର୍ବଭାରତୀୟ ଯୋଗଶାସ୍ତ୍ର ଭାବରେ ସ୍ୱୀକୃତ ।

ଓଡ଼ିଶାରେ କେବଳ ଯୋଗ ସମ୍ପର୍କରେ ଓଡ଼ିଆ ଭାଷାରେ ଉପରଲିଖିତ ସଂଖ୍ୟାରୁ ବହୁ ଅଧିକ ଶାସ୍ତ୍ର ରଚିତ ହୋଇଅଛି । ଓଡ଼ିଶା ଛଡ଼ା ଅନ୍ୟ କୌଣସି ପ୍ରାଦେଶିକ ଭାଷାରେ ଯୋଗ ସମ୍ପର୍କରେ ଏତେ ପୁସ୍ତକ ରଚିତ ହୋଇନାହିଁ । ଏଥିରୁ ଓଡ଼ିଶାରେ ଯୋଗ ପ୍ରଣାଳୀର ଅନୁଶୀଳନ, ପ୍ରସାର ଓ ପ୍ରଚୁରର ବ୍ୟାପକତା ସହଜରେ ଅନୁମେୟ ।

୧—ଶିଶୁବେଦ, ୨—ଚୁଳାଭେଦ, ୩—ବ୍ରହ୍ମାଣ୍ଡ ଗୀତା, ୪—ପରଚେ ଗୀତା, ୫—ଗୋରକ୍ଷ ସଂହିତା (ଓଡ଼ିଆ), ୬—ଷଡ଼ାଙ୍ଗ ଯୋଗ, ୭—ଶୂନ୍ୟ ସଂହିତା, ୮—ବରାଟ ଗୀତା, ୯—ଅମରକୋଷ ଗୀତା, ୧୦—ପଞ୍ଚସଖା ସାହିତ୍ୟ—ଏହି କେତୋଟି ଯୋଗଶାସ୍ତ୍ର ଓଡ଼ିଶାରେ ସର୍ବଜନ ବିଦିତ । ଏଥିରେ ଲକ୍ଷଣୀୟ ବିଷୟ ଏହି ଯେ,ଶିଶୁବେଦ ଓଡ଼ିଆ ଗଦ୍ୟ ଓ ପଦ୍ୟ ସାହିତ୍ୟର ପ୍ରଥମ ବିକାଶ ଏବଂ ଏହା ନାଥଯୋଗୀ ସମ୍ପ୍ରଦାୟର ପ୍ରଥମ ଓଡ଼ିଆ ଯୋଗଶାସ୍ତ୍ର । ଓଡ଼ିଆ ଭାଷାରେ ମଧ୍ୟ ଏହାହିଁ ସର୍ବ ପ୍ରଥମ ରଚିତ

Digitized by srujanika@gmail.com

ଯୋଗଶାସ୍ତ୍ର । ଶିଶୁବେଦ ସମ୍ପର୍କରେ ପୃଥକ ପ୍ରବନ୍ଧରେ ପରେ ବିସ୍ତାରିତ ଆଲୋଚନା ହେବ ।

ଉପରେ ପ୍ରଦତ୍ତ ତାଲିକାରୁ ଜଣାଯାଏ ଯେ, ଯୋଗ ସମ୍ପର୍କୀୟ ଅଧିକାଂଶ ଶାସ୍ତ୍ର ପଞ୍ଚସଖା ଓ ସେମାନଙ୍କର ଶିଷ୍ୟ ପରମ୍ପରା ଦ୍ୱାରା ଲିଖିତ । ଓଡ଼ିଶାରେ ଯେ ଜ୍ଞାନମିଶ୍ରା ବୈଷ୍ଣବ ଧର୍ମ ପ୍ରଚଳିତ, ତାହା ଯେ କେବଳ ଯୋଗଶାସ୍ତ୍ର ମିଶ୍ରିତ ହୋଇଛି, କହିବା ବାହୁଲ୍ୟ ମାତ୍ର । ପଞ୍ଚସଖା ସାହିତ୍ୟ ବା ରଚନାସମୂହ ଏକ ଦିଗରେ ଯୋଗ ପ୍ରଣାଳୀ, ଅନ୍ୟ ଦିଗରେ ବୈଷ୍ଣବୀୟ ପ୍ରେମଭକ୍ତି ଏହି ଦୁଇ ବିପରୀତ ପନ୍ଥାର ଏକ ଅପୂର୍ବ ସମନ୍ୱୟ । ଓଡ଼ିଶୀ ବୈଷ୍ଣବ ବା ପଞ୍ଚସଖା ପରମ୍ପରା ସାଧକ ଦେହରେ ଯୋଗ ଓ ଭାବନା ଶରୀରରେ ପ୍ରେମଭକ୍ତି—ଏହି ଦୁଇ ସାଧନ ପନ୍ଥାକୁ ମିଳିତଭାବେ ସୁଗମ ମାର୍ଗରୂପେ ନିର୍ଦ୍ଦେଶ କରିଛନ୍ତି । ପଞ୍ଚସଖାଙ୍କ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଯେ ଯୋଗୀ ସିଦ୍ଧାଚାର୍ଯ୍ୟଙ୍କର ଭଜନ ପ୍ରଣାଳୀରୁ ଗୃହୀତ, ଏହା ଉଭୟ ଶାସ୍ତ୍ରର ତୁଳନାମୂଳକ ଆଲୋଚନାଦ୍ୱାରା ସ୍ପଷ୍ଟ ପ୍ରମାଣିତ ହୁଏ । ଏହି ପ୍ରସଙ୍ଗରେ ଲୁଇପାଦ ବା ମୀନନାଥଙ୍କର ନିମ୍ନ ଚର୍ଯ୍ୟା-ପଦଟି ଆଲୋଚ୍ୟ ।

"କାଆ ତରୁବର ପଞ୍ଚ ବି ଡାଳ
ଚଞ୍ଚଳ ଚିଏ ପଇଠେ କାଳ ।
ଦିଢ଼ କରିଅ ମହାସୁହ ପରିମାଣ
ଲୁଇ ଭଣଇ ଗୁରୁ ପୁଚ୍ଛିଅ ଜାଣ ।
ସଅଳ ସମାହିଅ କାହି କରିଅଇ
ସୁଖ ଦୁଖେତେ ନିଚିତ ମରିଅଇ ।
ଏଡ଼ି ଏଉ ଛାନ୍ଦକ ବାନ୍ଧ
କରଣ କପାଟେର ଆସ

ସୂନ୍ୟପାଥ ଉଡ ଲେହୁରେ ପାସ
ଭଣଇ ଲୁଇ ମ୍ ଅହେ ଝାଣେ ବଠ
ଧମଣ ଚମଣ ବେଣି ପିଣ୍ଡି ବଇଠା ।

ଅର୍ଥାତ୍ ଦେହ ଗୋଟିଏ ବୃକ୍ଷ, ପଞ୍ଚେନ୍ଦ୍ରିୟ ତାହାର ପାଞ୍ଚଟି ଡାଳ ସଦୃଶ । ଏହି ଇନ୍ଦ୍ରିୟକୁ ଆଶ୍ରୟ କରି କାମନା, ବାସନା, ତୃଷ୍ଣା ଇତ୍ୟାଦି ମନରେ ପ୍ରବେଶ କରେ, ଚିତ୍ତ ଚଞ୍ଚଳ ଆଣେ, ଏଣୁ କାଳ ବା ମୃତ୍ୟୁ ପ୍ରବେଶ କରେ । ଏହି କାଳ ବା ମୃତ୍ୟୁର ଫାଶରୁ ରକ୍ଷା ପାଇବାକୁ ହେଲେ ନିର୍ବାଣ ସୁଖ ଅନୁସନ୍ଧାନ କରି ଏବଂ ସେଥିପାଇଁ ସଦ୍‌ଗୁରୁ ନିକଟରେ ପ୍ରଣିପାତ ଓ ପରିପ୍ରଶ୍ନ କରି ତତ୍ତ୍ୱ ଅବଗତ ହୁଅ (ତଦ୍‌ବିଦ୍ଧି ପ୍ରଣିପାତେନ, ପରିପ୍ରଶ୍ନେନ ସେବୟା) ଭଗବତ୍‌ପ୍ରାପ୍ତି ଯଦି ଲକ୍ଷ୍ୟ ନଥାଏ, ତେବେ ଏହି ସମସ୍ତ ଯୋଗ ସମାଧି ବୃଥା, କାରଣ ତଦ୍ୱାରା ସୁଖ, ଦୁଃଖ, ରୋଗାଦି ଓ ମୃତ୍ୟୁରୁ ରକ୍ଷା ପାଇବା ଅସମ୍ଭବ । ଅତଏବ ଏହି ସମସ୍ତ ଛନ୍ଦ ଓ ବନ୍ଧନ ପରିତ୍ୟାଗ କରି ଅତୀନ୍ଦ୍ରିୟ ତତ୍ତ୍ୱ ଯେ ଇନ୍ଦ୍ରିୟ ପଟୁତାଦ୍ୱାରା ଲଭ୍ୟ ନୁହେଁ, ଏହା ବିଶ୍ୱାସ କରି ଶୂନ୍ୟ ସାଧନ ପନ୍ଥା ଅବଲମ୍ବନ କର । ଲୁଇ କହୁଛନ୍ତି, ମୁଁ ଧ୍ୟାନରେ ଶୁଦ୍ଧ ଜୀବାତ୍ମା ଓ ନୈରାତ୍ମଦେବୀଙ୍କୁ ଏହି କାୟା ମଧ୍ୟରେ ଅବସ୍ଥିତ ଦେଖିପାରୁଛି ।

ଯୋଗସାଧନ ଦ୍ୱାରା ମାନବର ଅସିଦ୍ଧ ଦେହ ସିଦ୍ଧିଲାଭ କରେ । ସେହି ଦେହ ଦ୍ୱାରା ବ୍ରହ୍ମସାକ୍ଷାତ୍‌କାର ବା ପରମାତ୍ମଦର୍ଶନ ଘଟିଥାଏ । ନାଥମାର୍ଗର ସିଦ୍ଧଯୋଗୀମାନେ ତେଣୁ ଯୋଗସାଧନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି ।

ନାଥଯୋଗୀ ସିଦ୍ଧପୁରୁଷମାନେ ସୃଷ୍ଟିର ଆଦି ଈଶ୍ୱର ଶିବଙ୍କ ସହିତ କାରଣାତ୍ମିକା ଶକ୍ତିକୁ ମଧ୍ୟ ପୂଜା କରନ୍ତି । ସେମାନଙ୍କ ମତରେ ଶିବ ଓ ଶକ୍ତି ଅର୍ଥାତ୍ ଶକ୍ତିମାନ୍ ଓ ଶକ୍ତି ଅଭିନ୍ନ । ଏହି

Digitized by srujanika@gmail.com

ଶକ୍ତି ମାନବ ଦେହରେ କୁଣ୍ଡଳିନୀ ରୂପେ ଅବସ୍ଥାନ କରନ୍ତି । ଏଣୁ କୁଣ୍ଡଳିନୀକୁ ଜାଗ୍ରତ କରିବାହିଁ ଯୋଗୀମାନଙ୍କର ଯୋଗସାଧନ । ଏହି କୁଣ୍ଡଳିନୀ ଶକ୍ତିର ସୁଷୁମ୍ନା ମଧ୍ୟବର୍ତ୍ତୀ ଚିତ୍ରାନାଡ଼ୀ ସାହାଯ୍ୟରେ ମସ୍ତକସ୍ଥିତ ସହସ୍ରାର ବିସର୍ଜ୍ଜନକାରୀ ଶକ୍ତିମାନ୍ ଶିବଙ୍କ ସହିତ ମିଳନହିଁ ଯୋଗୀର ଯୋଗସାଧନ । ଏହି ଯୋଗସାଧନ ଦ୍ୱାରା ନାଥସ୍ୱରୂପ ବା ପରମପଦ ଅର୍ଥାତ୍ ଜୀବନ୍ମୁକ୍ତି ଲାଭ ହୁଏ ।

ମୁକ୍ତି ଦୁଇ ପ୍ରକାର—ଜୀବନ୍ମୁକ୍ତି ଓ ବିଦେହ ମୁକ୍ତି । ନାଥ-ଯୋଗୀମାନଙ୍କ ମତରେ ଜୀବନ୍ମୁକ୍ତିହିଁ ଆଦର୍ଶ ଓ କାମ୍ୟ । ଏହି ଜୀବନ୍ମୁକ୍ତି କେବଳ ଯୋଗଦ୍ୱାରା ସମ୍ଭବ । ହଠଯୋଗ ନାଡ଼ୀଶୁଦ୍ଧି ପାଇଁ ଉପଦିଷ୍ଟ କିନ୍ତୁ ତାହା ରାଜଯୋଗର ସୋପାନରୂପେ ଗ୍ରହଣୀୟ ଓ ଆଚରଣୀୟ । ହଠଯୋଗୀ ଯଥାର୍ଥ ଯୋଗୀ ନୁହେଁ ; ଦେହଶୁଦ୍ଧି ପରେ ରାଜଯୋଗ ବା ଉନ୍ମନୀ ସମାଧିରେ ମଗ୍ନ ଯୋଗୀହିଁ ପ୍ରକୃତ 'ଯୋଗୀ' ପଦବାଚ୍ୟ ।

'ନାଥ' ଉପାଧିର ତାତ୍ପର୍ଯ୍ୟ ଉପକ୍ରମରେ କୁହାଯାଇଛି । ନାଥଧର୍ମାବଲମ୍ବୀ ଯୋଗୀମାନେ ସାଧାରଣତଃ ନାମ ପରେ 'ନାଥ' ଉପାଧି ଧାରଣ କରନ୍ତି । ପ୍ରାୟ ୧୦ମ ୧୧ଶ ଶତାବ୍ଦୀରେ ମତ୍ସ୍ୟେନ୍ଦ୍ରନାଥ ଓ ଗୋରକ୍ଷନାଥଙ୍କ ଦ୍ୱାରା ନାଥଧର୍ମ ସମଗ୍ର ଭାରତ ବର୍ଷରେ ପ୍ରଚାରିତ ହୋଇଥିଲା । ଭାରତର ବିଭିନ୍ନ ପ୍ରଦେଶର ପ୍ରାୟ ସମସ୍ତ ଜାତିର ଲୋକେ ଏହି ନାଥଧର୍ମ ଗ୍ରହଣ କରିଥିଲେ । ନାଥଧର୍ମ ଗ୍ରହଣ ପରେ ସେମାନେ ନିଜ ନିଜ କୌଳିକ ଉପାଧି ତ୍ୟାଗ କରି 'ନାଥ' ଉପାଧି ଗ୍ରହଣ କରିଥିଲେ ଏବଂ ଅଦ୍ୟାପି ସେମାନଙ୍କ ବଂଶଧରମାନେ ଭାରତର ସମସ୍ତ ପ୍ରଦେଶରେ ନାଥ ଉପାଧି ବ୍ୟବହାର କରୁଛନ୍ତି । ଖୁବ୍ କମ ବ୍ୟକ୍ତି ନାଥଧର୍ମ ଗ୍ରହଣ କରି କୌଳିକ ଉପାଧି ଅଦ୍ୟାପି ବ୍ୟବହାର କଲେ ମଧ୍ୟ

Digitized by srujanika@gmail.com

ସେମାନଙ୍କର ବିବାହାଦି ସାମାଜିକ କିମ୍ବା ଅନ୍ୟାନ୍ୟ ନାଥ ଉପାଧିଧାରୀଙ୍କ ମଧ୍ୟରେ ପ୍ରଚଳିତ ହୋଇ ଆସୁଅଛି ।

ନାଥ ସମ୍ପ୍ରଦାୟ ମତରେ ପାରମାର୍ଥିକ ଗୁରୁ ହେଉଛନ୍ତି ଏକମାତ୍ର 'ନାଥ' । ରାଜଗୁହ୍ୟରେ 'ନାଥ' ଲକ୍ଷଣ ନିମ୍ନରୂପେ ପ୍ରଦତ୍ତ ହୋଇଅଛି ।

> ନ-କାରୋଽନାଦିରୂପଂ ଥ-କାରଃ ସ୍ଥାପ୍ୟତେ ସଦା ।
> ଭୁବନତ୍ରୟମେବୈକଃ ଶ୍ରୀ ଗୋରକ୍ଷ ନମୋଽସ୍ତୁତେ ॥

—'ନ' କାର ଦ୍ୱାରା ପରମତତ୍ତ୍ୱର ଅନାଦି ରୂପ ଏବଂ 'ଥ' କାର ଦ୍ୱାରା ତ୍ରିଭୁବନର ସ୍ଥିତି ସୂଚିତ ହୁଏ । ନାଥ-ଉପାଦାନ-ବାଚ୍ୟେ ଅଲ୍ ପ୍ରତ୍ୟୟ ଦ୍ୱାରା ନାଥ ଶବ୍ଦ ନିଷ୍ପନ୍ନ । 'ନାଥ' ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ସ୍ୱାମୀ ବା ପ୍ରଭୁ । 'ନାଥ' ଧାତୁ ଭ୍ୱାଦି ପରସ୍ମୈପଦୀ ଓ ଆତ୍ମନେପଦୀ । ଏହା ତାପ, ଐଶ୍ୱର୍ଯ୍ୟ, ପ୍ରାର୍ଥନା, ଆଶୀର୍ବାଦ ପ୍ରଦାନ ଅର୍ଥରେ ବ୍ୟବହୃତ ହୁଏ । ଯାହାଙ୍କଠାରୁ ଐଶ୍ୱର୍ଯ୍ୟ, ଆଶୀର୍ବାଦ, କଲ୍ୟାଣ ପ୍ରାପ୍ତି ହୁଏ, ସେହି ପରମପଦ 'ନାଥ' ଶବ୍ଦବାଚ୍ୟ । ପଦ୍ମପୁରାଣରେ କପିଳ ଗୀତାରେ ଉଲ୍ଲେଖ ଅଛି, 'ନବନାଥ' ଶଙ୍କର ଦତ୍ତାତ୍ରେୟ ପ୍ରଭୃତିଙ୍କ ଗୁରୁ । ମହାଯୋଗୀ 'ନବନାଥ'ଙ୍କ ଶିଷ୍ୟ ପରମ୍ପରା ଦ୍ୱାରା ନାଦ ସନ୍ତାନ ଓ ପୁତ୍ର ପରଂପରା ଦ୍ୱାରା ବିନ୍ଦୁ ସନ୍ତାନମାନେ ପୁରୁଷାନୁକ୍ରମରେ 'ନାଥ' ଉପାଧି ଗ୍ରହଣ କରି ସେହିଭାବରେ ଅଦ୍ୟାପି ପରିଚିତ ହୋଇ ଆସୁଅଛନ୍ତି ।

> "ନାଥାଦ୍ ଦ୍ୱିପ୍ରକାରା ସୃଷ୍ଟିର୍ଜାତା— ନାଦରୂପା ବିନ୍ଦୁରୂପାଚ ।
> ନାଦରୂପା ଶିଷ୍ୟକ୍ରମେଣ, ବିନ୍ଦୁରୂପା ଚ ପୁତ୍ରକ୍ରମେଣ ।"

Digitized by srujanika@gmail.com

ଗୁରୁଙ୍କର ଜ୍ଞାନଦେହର ଧାରରୁ ନାଦ-ସନ୍ତାନ ବା ଶିଷ୍ୟ ଏବଂ ମାୟିକ ଦେହର ଧାରରୁ ଯେଉଁମାନଙ୍କର ଜନ୍ମ, ସେମାନେ ବିନ୍ଦୁ ସନ୍ତାନ । ଯୋଗୀ ଗୁରୁଙ୍କର ଏ ଉଭୟ ବିଧ ସନ୍ତାନ ଗୃହୀ ହୋଇଥାନ୍ତୁ ବା ଯତି ହୋଇଥାନ୍ତୁ, ସେମାନେ ନାଥ ଉପାଧି ଗ୍ରହଣ କରିବେ—ଏହାହିଁ ସାଂପ୍ରଦାୟିକ ଅନୁଶାସନ । ଏହି ଅନୁଶାସନ ଫଳରେ ଅନ୍ତତଃ ପ୍ରାୟ ଏକ ହଜାର ବର୍ଷର ବଂଶ ପରଂପରା ମଧ୍ୟରେ ନାଥଧର୍ମାବଲମ୍ବୀମାନଙ୍କର ପୂର୍ବ କୁଳ, ଜାତି, ଗୋତ୍ର ବିଲୁପ୍ତ ହୋଇଅଛି ଏବଂ ନାଥ ସଂପ୍ରଦାୟର ଆଚାର ନିଷ୍ଠା ମଧ୍ୟ ସେମାନଙ୍କର ପୂର୍ବ ପୂର୍ବ କୌଳାଚାର ଓ ସାମାଜିକ ରୀତିକୁ ପ୍ରଭାବିତ କରିବା ଫଳରେ ସମସ୍ତେ କେବଳ ନାଥ ଧର୍ମାନୁଶାସନ ଦ୍ୱାରା ଅଦ୍ୟାପି ପରିଚାଳିତ ହୋଇ ଆସୁଅଛନ୍ତି ।

ନାଥଯୋଗୀ ସଂପ୍ରଦାୟର ଆଚାର ଓ ସଂସ୍କାର

ନାଥଯୋଗୀ ଧର୍ମସମ୍ପ୍ରଦାୟରେ କୌଳିକ ଓ ସାମାଜିକ ଆଚାର, ସଂସ୍କାର ଓ ରୀତିନୀତିର କିଛି ବୈଶିଷ୍ଟ୍ୟ ଅଦ୍ୟାପି ପ୍ରଚଳିତ ।

ସଂସ୍କାର—ନାଥଧର୍ମାବଲମ୍ବୀମାନେ ଗର୍ଭାଧାନାଦି ଦଶ ସଂସ୍କାର ଦ୍ୱାରା ସଂସ୍କୃତ । ଏମାନଙ୍କର ଉପନୟନ ଓ କର୍ଣ୍ଣବେଧ ଏକ ସମୟରେ ଅର୍ଥାତ୍ ବାଳକର ନବମ ବର୍ଷରେ ସମାହିତ ହୁଏ । ଦୀକ୍ଷାଗ୍ରହଣ ଅବଶ୍ୟ କର୍ତ୍ତବ୍ୟ । ପୌଷ ମାସଠାରୁ ଚୈତ୍ର ମାସ ପର୍ଯ୍ୟନ୍ତ ଦୀକ୍ଷାଗ୍ରହଣର ପ୍ରଶସ୍ତ କାଳ । ଏହି ସମୟରେ ଗୁରୁ ବା ଆଚାର୍ଯ୍ୟ ଦୀକ୍ଷାଦାନ ପୂର୍ବରୁ ଶିଷ୍ୟକୁ ତିନିବାର ପ୍ରତ୍ୟାଖ୍ୟାନ କରିବାର ବିଧି ଅଛି । ଶିଷ୍ୟ ନିବୃତ୍ତ ନ ହେଲେ ଦୀକ୍ଷାଦାନ

Digitized by srujanika@gmail.com

କରାହୁଏ । କର୍ଣ୍ଣବେଧ ପରେ କୁଣ୍ଡଳ ଧାରଣ ବିଧି । ଶିବ କୁଣ୍ଡଳ ଧାରଣ କରନ୍ତି ବୋଲି କୁଣ୍ଡଳ ନାଥମାନଙ୍କ ନିକଟରେ ପବିତ୍ର । ଏହାର ଅପର ନାମ 'ପବିତ୍ରୀ' । ବ୍ରହ୍ମଚାରୀ ଶିଷ୍ୟ ଗୈରିକ ବସ୍ତ୍ର ଧାରଣ କରେ । କାରଣ ନାଥଯୋଗୀମାନଙ୍କର ବିଶ୍ୱାସ, ପାର୍ବତୀ ନିଜ ରକ୍ତଦ୍ୱାରା ବସ୍ତ୍ର ରଂଜିତ କରି ଗୋରକ୍ଷନାଥଙ୍କୁ ପ୍ରଦାନ କରିଥିଲେ ।

ନାଥଧର୍ମାବଲମ୍ବୀମାନଙ୍କର ଶିଖାଚ୍ଛେଦ ଅର୍ଥ ଜାତିତ୍ୟାଗ । ଶିଖାଚ୍ଛେଦ ପରେ ଉପନୟନ ସଂସ୍କାର । ଏହାପରେ ଶିଷ୍ୟ ଦେହରେ ଭସ୍ମ ଲେପନ କରାଯାଏ ଏବଂ ନୂତନ ନାମକରଣ ହୁଏ । ଉପବୀତ ଧାରଣ ଅବଶ୍ୟ ବିଧି । ସୂତ୍ର ନିତ୍ୟ ପବିତ୍ର, ବଳ ଓ ତେଜ ବୃଦ୍ଧିକାରକ । ଏହି ସୂତ୍ରର ନାମ ଜିନଯଜ୍ଞୋପବୀତ । ଏହା ଦେହର ଅଙ୍ଗ ହିସାବରେ ଗଣ୍ୟ । ଯୋଗୀର ଶିଖା, ସୂତ୍ର, କୁଣ୍ଡଳ, ଦଣ୍ଡ ସାମାଜିକ ଚିହ୍ନ । ଦଣ୍ଡ ମନୋଦଣ୍ଡ, କର୍ମଦଣ୍ଡ ଓ ବାଗ୍‌ଦଣ୍ଡର ପ୍ରତୀକ । ଏଣୁ ଯୋଗୀ ତ୍ରିଦଣ୍ଡୀ ।

ସାମାଜିକ କ୍ରିୟା—ଯୋଗୀମାନଙ୍କର ଉପନୟନ, ବିବାହ, ଅଶୌଚବିଧି ସାମବେଦ ମତେ କରାଯାଏ । ମୃତ୍ୟୁପରେ ଦଶାହ ଅଶୌଚ ପାଳନ ବିଧି । ମୃତ ବ୍ୟକ୍ତିକୁ ଉପବିଷ୍ଟ କରି ଯୋଗାସନରେ ସମାଧି ଦେବାର ବିଧି ଅଦ୍ୟାପି ପ୍ରଚଳିତ । ମୃତ ବ୍ୟକ୍ତିକୁ ନୂତନ ବସ୍ତ୍ର, ଜପମାଳା, ଚନ୍ଦନ ଓ ଯଷ୍ଟି ଦାନ କରି ତତ୍ସହିତ ଜଳପୂର୍ଣ୍ଣ ଅଳାବୁ ପାତ୍ର ଓ ଭୋଜ୍ୟ ଦ୍ରବ୍ୟ ସହ ସମାଧି ପ୍ରଦାନ କରାହୁଏ । ଯୋନିଲିଙ୍ଗ ଦ୍ୱାରା (ଶିବ ଶକ୍ତି) ସମାଧି ଚିହ୍ନିତ କରି ମୃତର ପାଦୁକା ଓ ବିଲ୍ୱପତ୍ର ସ୍ଥାପିତ ହୁଏ ଏବଂ ପ୍ରଦୀପ ଜାଳି

Digitized by srujanika@gmail.com

ଦିଆଯାଏ । ଶ୍ରାଦ୍ଧରେ ଭୋଜନ ଦାନ ଓ ଅର୍ଥଦାନ ଅବଶ୍ୟ କରଣୀୟ । ଅନ୍ୟାନ୍ୟ ସମସ୍ତ ବିଧିର ବ୍ୟତିକ୍ରମ ହେଲେ ମଧ୍ୟ ଉପନୟନ, କର୍ଣ୍ଣବେଧ ଓ ମୃତବ୍ୟକ୍ତିର ସମାଧି—ଏହି ତିନୋଟି ବିଧି ଅଦ୍ୟାପି ସର୍ବତ୍ର ପାଳିତ ହେଉଅଛି । ଅବଶ୍ୟ ଆଧୁନିକ ଶିକ୍ଷା ଯେପରି ବ୍ରାହ୍ମଣକୁ ବ୍ରହ୍ମ ସଂସ୍କାରରୁ ବିଚ୍ୟୁତ କରିଅଛି, ଯୋଗୀର ଯୋଗ ସଂସ୍କାର ମଧ୍ୟ କ୍ରମେ ବିଲୁପ୍ତ କରି ଦେଉଛି ।

ବ୍ରାହ୍ମଣ ଓ ଯୋଗୀର ଆଶ୍ରମଗତ ପାର୍ଥକ୍ୟ ଏହି ଯେ, ବ୍ରାହ୍ମଣ ଆଶ୍ରମ ପରାୟଣ, ଯୋଗୀ ଈଶ୍ବର ପରାୟଣ । ବ୍ରାହ୍ମଣ ଆଶ୍ରମ ପରାୟଣତାରେ ସିଦ୍ଧିଲାଭ କରି ଈଶ୍ବର ପରାୟଣ ହୁଏ । ଯୋଗୀ ଆଶ୍ରମ ଲଙ୍ଘନ କରି ଈଶ୍ବରଙ୍କୁ ଶ୍ରେଷ୍ଠ ସ୍ଥାନ ଦେଇଥାଏ । ଏଣୁ ଯୋଗୀର ଅପର ନାମ ଅବଧୂତ । ଅବଧୂତର ଅର୍ଥ ଆଶ୍ରମବନ୍ଧର ଊର୍ଦ୍ଧ୍ୱେ ବିଚରଣକାରୀ । ଅବଶ୍ୟ ଅଧୁନା ବ୍ରାହ୍ମଣ ଯେପରି ଆଶ୍ରମଭ୍ରଷ୍ଟ, ଯୋଗୀ ମଧ୍ୟ ସେହିପରି ଈଶ୍ବରଭ୍ରଷ୍ଟ ।

———

Digitized by srujanika@gmail.com

ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ

ପିଣ୍ଡ ବା ଏହି ଶରୀରରେ ସମଗ୍ର ବ୍ରହ୍ମାଣ୍ଡ ଅର୍ଥାତ୍ ସୃଷ୍ଟି, ଯୋଗୀଙ୍କ ସାଧନାର ସମସ୍ତ ପୀଠ ଏବଂ ଅବଶେଷରେ ବ୍ରହ୍ମ-ସାକ୍ଷାତକାର—ଏହି ତତ୍ତ୍ୱ ଅନ୍ୟାନ୍ୟ ଯୋଗଶାସ୍ତ୍ରରେ ଆକାର ଇଙ୍ଗିତରେ ଉଲ୍ଲେଖ ଥିଲା କିନ୍ତୁ ଏହି ତତ୍ତ୍ୱକୁ ଓଡ଼ିଆ ଭାଷାରେ ଏକ ସାମଗ୍ରିକ ରୂପରେଖ ଦାନ କରିବାର ପ୍ରଥମ କୃତି ଲାଭ କରିଥିଲେ ନାଥ ଯୋଗିସିଦ୍ଧାଚାର୍ଯ୍ୟଗଣ । ଚର୍ଯ୍ୟାପଦର କାହ୍ନୁପାଦଙ୍କ ରଚିତ ଆଉ ଗୋଟିଏ ପଦ ଆଲୋଚନା କରାଯାଉ—

ନଗର ବାହିରିରେ ଡୋମ୍ବୀ ତୋହରି କୁଡ଼ିଆ
ଛୋଇ ଛୋଇ ଜାଇ ସୋ ବ୍ରହ୍ମ ନାଡ଼ିଆ॥

× × ×

ଏକ ସୋ ପଦୁମ ଚୌଷଠି ପାଖୁଡ଼ି
ତହିଁ ଚଢ଼ି ନାଚ ଅ ଡୋମ୍ବୀ ବାପୁଡ଼ୀ ।

ଆଲୋ ଡୋମ୍ବୀ (ନୈରାତ୍ମଦେବୀ ବା ସହଜ ସୁନ୍ଦରୀ), ତୋର ଅବସ୍ଥାନ ଦେହରେ ଥାଇ ମଧ୍ୟ ଦେହାତୀତ । ବ୍ରହ୍ମନାଡ଼ୀର ଗତି-ପଥର ଅତି ନିକଟରେ ତୋର ଅବସ୍ଥିତି ।

× × ×

Digitized by srujanika@gmail.com

ଏହାପରେ କାହ୍ନୁପାଦ, ଲୁଇପାଦ ପ୍ରଭୃତି ନାଥ ସିଦ୍ଧାଚାର୍ଯ୍ୟ-ମାନେ ଚର୍ଯ୍ୟାପଦରେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱକୁ ଓଡ଼ିଆ ଭାଷା ଓ ସାହିତ୍ୟରେ ପ୍ରଥମେ ରୂପଦାନ କରିଥିଲେ ।

ଗୋରକ୍ଷନାଥଙ୍କ ସିଦ୍ଧସିଦ୍ଧାନ୍ତ ସଂଗ୍ରହରେ ଅଛି—

ବ୍ରହ୍ମାଣ୍ଡବର୍ତ୍ତୀ ଯତ୍‌କିଞ୍ଚିତ୍ ତତ୍ ପିଣ୍ଡେଽପ୍ୟସ୍ତି ସର୍ବଥା ।

ଇତି ନିଶ୍ଚୟଃ ଏବାସ ପିଣ୍ଡସଂବିତ୍ତିରୁଚ୍ୟତେ ।

ଭଗବତ ଗୀତାର ବଚନ ଏହି ଶ୍ଲୋକର ମର୍ମାନୁବାଦ ।

ବ୍ରହ୍ମାଣ୍ଡ ଯେତେ ବର୍ଣ୍ଣିମତ
ପିଣ୍ଡରେ ଅଛନ୍ତି ସମସ୍ତ ।
ପିଣ୍ଡବ୍ରହ୍ମାଣ୍ଡ ଏକମତ,
ତୋ ଆଗେ କହି ଦେଲି ତତ୍ତ୍ୱ ।

ନାଥ ସିଦ୍ଧମାନେ ମନୁଷ୍ୟ ଦେହକୁ କେବଳ ରଜ ଓ ବୀର୍ଯ୍ୟର ଭୌତିକ ମିଳନ ପିଣ୍ଡ ବୋଲି ନଭାବି ଏହାକୁ ସମଗ୍ର ସୃଷ୍ଟିର, ଜଗତର, ଭୂମାର ଏକ ଅଣୁ ପ୍ରତିରୂପ ବୋଲି ଉପଲବ୍ଧି କରୁଥିଲେ । ଗୋରକ୍ଷ ସିଦ୍ଧାନ୍ତ ସଂଗ୍ରହ ନାମକ ଗୋରକ୍ଷନାଥଙ୍କ ଗ୍ରନ୍ଥରେ ଦେଖାଯାଏ—"ନାଥାଂଶୋ ନାଦୋ, ନାଦାଂଶଃ ପ୍ରାଣଃ, ଶକ୍ତ୍ୟଂଶୋ ବିନ୍ଦୁଃ, ବିନ୍ଦୋରଂଶଃ ଶରୀରମ୍ ।" ଏଠାରେ 'ନାଥ' ଶବ୍ଦର ଅର୍ଥ ସେହି ଭୂମା ପୁରୁଷ—ଭଗବତ ପୁରୁଷ ପରମାତ୍ମା, ଯାହାଙ୍କୁ କି ନାଥ-ମାନେ 'ନାଥସ୍ୱରୂପ' ବୋଲି କହନ୍ତି । ଜୀବାତ୍ମା ଏହି ନାଥସ୍ୱରୂପ ବ୍ରହ୍ମଙ୍କର ଅଣୁ ଅଂଶ । ତେଣୁ ସମଗ୍ର ବ୍ରହ୍ମାଣ୍ଡ ଏହି ଜୀବଦେହରେ ମଧ୍ୟ ଅଣୁ ରୂପେ ବିଦ୍ୟମାନ । ନାଥଯୋଗୀ ସ୍ୱୀୟ ଦେହରେ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ଏହିପରି ଅନୁଭବ କରି ଥାଆନ୍ତି ,—

କୂର୍ମଃ ପାଦତଳେଽଙ୍ଗୁଷ୍ଠତଳେ ପାତାଳମୁଚ୍ୟତେ,
ତଳାତଳଂ ପୃଷ୍ଠେଽଙ୍ଗୁଷ୍ଠାଗ୍ର ପାଦପୃଷ୍ଠେ ମହାତଳମ୍ ।

Digitized by srujanika@gmail.com

ଗୁଲ୍ଫେ ରସାତଳଂ ପ୍ରୋକ୍ତଂ ଜଙ୍ଘାୟାଂ ସୁତଳଂମତମ୍
ବିତଳଂ ଜାନୁଦେଶେ ସ୍ୟାଦତଳଂ ମୂଳ ଈଷ୍ୟତେ ।
ଜଙ୍ଘ୍ୱ ସ୍ୱଭାବୋ ଯଃ ପିଣ୍ଡେ ସ ସ୍ୟାତ୍ କାଳାଗ୍ନି ରୁଦ୍ରକଃ,
ପାତାଳ ପଦବାଚ୍ୟାନାଂ ସପ୍ତାନାମଧିଦେବତା ।
ଭୂଗର୍ଭଲୋକକନ୍ଦିତୟଂ ଗୁଦ୍ୱେ୍ୟା ଲିଂଗାଗ୍ରମୂଳୟୋଃ,
ତଦାଧିଦେବତା ଶମ୍ଭୁଃ ପିଣ୍ଡେଽହକ ବିନାୟକଃ ।
ଦଣ୍ଡାଗ୍ରେ ଦଣ୍ଡକୁହରେ ମହର୍ଲୋକୋ ଜନସ୍ତଥା ।
ତପୋ ଦଣ୍ଡତଳେ ସତ୍ୟଂ ମୂଳେ ଯୋ ମାନ (?) ଏତଦଂଟ୍ ।

ସିଦ୍ଧସିଦ୍ଧାନ୍ତଗ୍ରନ୍ଥ-ଗୋରକ୍ଷନାଥ

ବାସନା ଜୟ ଦ୍ୱାରା ସିଦ୍ଧି ଲାଭ ହୁଏ—ଏହା ନାଥଧର୍ମର ଅନ୍ତରଙ୍ଗ ଭେଦ । ସାଧକ ସମସ୍ତ ବାସନା, କ୍ରୋଧ ଓ ଦମ୍ଭ ଜୟକରି ସମତ୍ୱ ଲାଭ କରନ୍ତି । ଯୋଗଦ୍ୱାରା ନାଥ ସମ୍ପ୍ରଦାୟ ମତରେ ମୋକ୍ଷ-ଲାଭ ହୁଏ । ପକ୍ୱଦେହ ସାଧନ ନାଥସିଦ୍ଧ ମାନଙ୍କର ପ୍ରଧାନ ଲକ୍ଷ୍ୟ, ଏଣୁ ପିଣ୍ଡ ଶୁଦ୍ଧିତତ୍ତ୍ୱ ଆଲୋଚନାକୁ ସେମାନେ ଗୁରୁତ୍ୱ ଆରୋପ କରିଥାଆନ୍ତି । ମୋକ୍ଷ ଲାଭହୁଏ ଦେହ ମଧ୍ୟରେ ମାନସ ଲିଂଗ ପୂଜାଦ୍ୱାରା, କେବଳ ପ୍ରସ୍ତର ଲିଂଗପୂଜା ଦ୍ୱାରା ସିଦ୍ଧିଲାଭ ଅସମ୍ଭବ—ଏହା ନାଥ ସିଦ୍ଧମାନଙ୍କର ଧାରଣା । ଅହିଂସା, ଇନ୍ଦ୍ରିୟଜୟ, ଦୟା, ଜ୍ଞାନ ଇତ୍ୟାଦି ଦେହସ୍ଥ ମାନସ ଲିଂଗପୂଜାର ପ୍ରକୃତ ଫଳ । ଯଥା—

ଅହିଂସା ପ୍ରଥମଂ ପୁଷ୍ପଂ ଦ୍ୱିତୀୟଂ ଇନ୍ଦ୍ରିୟନିଗ୍ରହମ୍,
ତୃତୀୟଞ୍ଚ ଦୟା ପୁଷ୍ପଂ ଭାବପୁଷ୍ପଂ ଚତୁର୍ଥକମ୍ ।
ପଞ୍ଚମଂ ତୁ କ୍ଷମା ପୁଷ୍ପଂ ଷଷ୍ଠଂ କ୍ରୋଧବିବର୍ଜିତମ୍ ।

Digitized by srujanika@gmail.com

ସପ୍ତମଂ ଧ୍ୟାନପୁଷ୍ପଂଚ୍ଚ ଜ୍ଞାନପୁଷ୍ପନ୍ତୁ ଅଷ୍ଟମମ୍ ।
ଏତଂ ପୁଷ୍ପଂବଧଂ ଦତ୍ତ୍ୱା ଅର୍ଚ୍ଚୟେତ୍ ଲିଙ୍ଗମାନସମ୍ ।

ମତ୍ସ୍ୟେନ୍ଦ୍ରନାଥ-କୌଳଜ୍ଞାନନିର୍ଣ୍ଣୟ-
୩ୟ ପଟଳ, ୨୫—୨୭ଶ୍ଳୋକ ।

ଛାନ୍ଦୋଗ୍ୟ ଉପନିଷଦରେ ଦେଖାଯାଏ, ହୃଦୟଠାରୁ ମସ୍ତକ ପର୍ଯ୍ୟନ୍ତ ଯେଉଁ ମୂର୍ଦ୍ଧାନାଡ଼ୀ ଅଛି, ତାହାର ନାମ ସୁଷୁମ୍ନାନାଡ଼ୀ । ସୁଷୁମ୍ନାନାଡ଼ୀର ସାଧନ ଗୋରକ୍ଷନାଥଙ୍କର ଶିଶୁବେଦ ବା ସୁଷୁମ୍ନାବେଦର ପ୍ରତିପାଦ୍ୟ ବିଷୟ ।

ଏହି ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ପରବର୍ତ୍ତୀ ସମଗ୍ର ଓଡ଼ିଆ ଆଧ୍ୟାତ୍ମିକ ସାହିତ୍ୟକୁ ପ୍ରଭାବିତ କରିଛି । ପଞ୍ଚସଖା ସାହିତ୍ୟ ମୂଳତଃ ଏହି ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଉପରେ ପ୍ରତିଷ୍ଠିତ । ଏପରିକି ବୈଷ୍ଣବୀୟ ଭାବଧାରା ମଧ୍ୟ ପିଣ୍ଡ ବା ଦେହର ବ୍ରହ୍ମାଣ୍ଡତ୍ୱ ବା ପିତସ୍ୱରୂପତ୍ୱକୁ ସମର୍ଥନ କରେ ।

ଲଲାଟେ କେଶବଂ ଧ୍ୟାୟେନ୍ନାରାୟଣମଥୋଦରେ
ବକ୍ଷସ୍ଥଳେ ମାଧବନ୍ତୁ ଗୋବିନ୍ଦଂ କଣ୍ଠକୂପକେ ।
ବିଷ୍ଣୁଂ ଚ ଦକ୍ଷିଣକୁକ୍ଷୌ ବାହୌ ଚ ମଧୁସୂଦନଂ
ତ୍ରିବିକ୍ରମଂ କନ୍ଧରେ ତୁ ବାମନଂ ବାମ ପାର୍ଶ୍ୱକେ
ଶ୍ରୀଧରଂ ବାମବାହୌ ତୁ ହୃଷୀକେଶଞ୍ଚ କନ୍ଧରେ
ପୃଷ୍ଠେ ତୁ ପଦ୍ମନାଭଞ୍ଚ କଟ୍ୟାଂ ଦାମୋଦରଂ ନ୍ୟସେତ୍
ତତ୍ ପ୍ରକ୍ଷାଳନତୋୟଂ ବାସୁଦେବାୟ ମୂର୍ଦ୍ଧନି ।

ଏହିପରି ବୈଷ୍ଣବମାନେ ଦେହ ଶୁଦ୍ଧିପାଇଁ ଦ୍ୱାଦଶଅଙ୍ଗରେ ଯେଉଁ ଦ୍ୱାଦଶ ଦେବତାଙ୍କ ପ୍ରତୀକ ତିଳକ ଧାରଣ କରନ୍ତି, ତାହା ମୂଳରେ ମଧ୍ୟ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ନିହିତ । ଏ ସଂପର୍କରେ ବିସ୍ତୃତ ଆଲୋଚନା କାୟସିଦ୍ଧି ପର୍ଯ୍ୟାୟରେ ଆଲୋଚିତ ହେବ ।

Digitized by srujanika@gmail.com

ନାଥଧର୍ମ ଓ ସହଜିଆ ମତବାଦ

ସହଜ ଶବ୍ଦର ଅର୍ଥ— ସହଜାତ । ମାନବର ସହଜାତ ପ୍ରବୃତ୍ତି ଦୁଇଟି— ଈଶ୍ୱରୋପାସନା ଓ ପାଶବ ସଂସ୍କାର । ଜୀବ ସ୍ୱରୂପତଃ ମୁକ୍ତ, ଈଶ୍ୱରଙ୍କର ଅଣୁ ଅଂଶ, ଏଣୁ ଅଣୁସତ୍ ଅଣୁଚିତ୍ ଓ ଅଣୁ ଆନନ୍ଦାତ୍ମକ । ସ୍ୱରୂପତଃ ଯାହା ମୁକ୍ତ ସତ୍, ଚିତ୍ ଓ ଆନନ୍ଦମୟ, ତାହାର ଉପାସନାର ପ୍ରୟୋଜନ କ'ଣ । ଏଣୁ କୁହାଯାଇଛି, ଜୀବ ସ୍ୱରୂପତଃ ନିତ୍ୟ ମୁକ୍ତ ଶୁଦ୍ଧ ବୁଦ୍ଧସ୍ୱରୂପହେଲେ ମଧ୍ୟ ପ୍ରକୃତି ସଂସର୍ଗବଶତଃ ମାୟିକ ସଂସ୍କାରବଦ୍ଧ ହେବାରୁ ସେହି ବନ୍ଧନରୁ ମୁକ୍ତି ବା ସ୍ୱରୂପ ଉପଲବ୍ଧିପାଇଁ ଉପାସନା ପ୍ରୟୋଜନ । ମାନବକୁ ଈଶ୍ୱର-ଉପାସନା ବିଷୟରେ ଉଦ୍ୟାନ୍ୱିତ ଓ ଆଶାଯୁକ୍ତ କରିବା ଲାଗି ତାହାର ସହଜାତ ସ୍ୱରୂପ ଯେ ଅଣୁ ସଚ୍ଚିଦାନନ୍ଦମୟ, ଯାବତୀୟ ଶାସ୍ତ୍ର ତାହାର ଏହି ସହଜାତ ସ୍ୱରୂପ ବୋଧ ଜାଗ୍ରତ କରାଇବା ଲାଗି ବିଭିନ୍ନ ସାଧନପନ୍ଥା ନିର୍ଦ୍ଦେଶ କରିଥାଏ । ସାଂଖ୍ୟ ମତାନୁସାରେ 'ଅୟମାତ୍ମା ନିତ୍ୟ-ଶୁଦ୍ଧ-ବୁଦ୍ଧ-ମୁକ୍ତ ସ୍ୱରୂପଃ'; ଏହାହିଁ ସହଜ ତତ୍ତ୍ୱର ତାତ୍ପର୍ଯ୍ୟ ।

ତାନ୍ତ୍ରିକ ସମାଜ, ବୌଦ୍ଧ ସମାଜ ଓ ବୈଷ୍ଣବ ସମାଜରେ ଯେଉଁ ସହଜିଆ ମତବାଦ ଓ ସହଜିଆ ସଂପ୍ରଦାୟ ବୋଲି ଯାହା ପ୍ରଚଳିତ, ବାସ୍ତବକ୍ଷେତ୍ରରେ ତାହା ଜୀବର ଯେଉଁ ପାଶବ ସହଜ ବୃତ୍ତି, ସେହି ବୃତ୍ତିର ଚରିତାର୍ଥ ଉଦ୍ଦେଶ୍ୟରେ ଧର୍ମର ଆବରଣରେ ଗଢ଼ି ଉଠିଥିବା ମତବାଦ ବା ଅପ ସଂପ୍ରଦାୟ । ପ୍ରକୃତ ପକ୍ଷରେ ସହଜିଆ ମତ ବୋଲି କୌଣସି ଶାସ୍ତ୍ରୀୟ ମତନାହିଁ ବା ସହଜିଆ

Digitized by srujanika@gmail.com

ସମ୍ପ୍ରଦାୟ ବୋଲି କୌଣସି ଶାସ୍ତ୍ରୀୟ ଧର୍ମ ସମ୍ପ୍ରଦାୟ ମହାଜନ କର୍ତ୍ତୃକ ସ୍ୱୀକୃତ ମଧ୍ୟ ନୁହେଁ ।

ସୁ-ସାହିତ୍ୟିକ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି, ତାଙ୍କର "ଓଡ଼ିଆ ସାହିତ୍ୟର ଆଦିପର୍ବ"ରେ ସହଜିଆ ମତବାଦ ସମ୍ପର୍କରେ ଯାହା ଉଲ୍ଲେଖ କରିଛନ୍ତି, ତାହା ସେ କେବଳ ସାହିତ୍ୟିକ ସ୍ୱଭାବରେ ଆଲୋଚନା କରିଛନ୍ତି । ତାଙ୍କ ଦ୍ୱାରା ଆଲୋଚ୍ୟ ସହଜିଆ ମତବାଦ ତାନ୍ତ୍ରିକ ସମ୍ପ୍ରଦାୟରୁ ସଂକ୍ରାମିତ ହୋଇ ବୌଦ୍ଧ ବଜ୍ରଯାନ ପନ୍ଥୀମାନଙ୍କ ମଧ୍ୟରେ ପ୍ରବେଶ ଲାଭ କଲା । ତାହା ପରେ ଚୈତନ୍ୟଙ୍କ ପରବର୍ତ୍ତୀ ଗୌଡ଼ୀ ଅନ୍ତ-ସମ୍ପ୍ରଦାୟଭୁକ୍ତ ହୋଇ ଉଠିଲା, ତାହା ମଧ୍ୟ ବୈଷ୍ଣବ ସହଜିଆ ସମ୍ପ୍ରଦାୟ ନାମରେ ପ୍ରସିଦ୍ଧ ଲାଭକଲା । ଏହି ଭଳି ପ୍ରକାର ସହଜିଆ ସମ୍ପ୍ରଦାୟରେ ନାରୀ ସଂସର୍ଗକୁ ବା ଯୌନ ବ୍ୟଭିଚାରକୁ ମଧ୍ୟ ଧର୍ମ ସାଧନର ଅଙ୍ଗ ବିଶେଷ ବୋଲି ଗ୍ରହଣ କରାଯାଇଅଛି । ଏହା କିନ୍ତୁ ବେଦ ଶ୍ରୁତିଶାସ୍ତ୍ର ବିରୁଦ୍ଧ । ଏପରି ସହଜିଆ ମତବାଦ ବା ଯୌନ ବ୍ୟଭିଚାରକୁ ବୁଦ୍ଧ ବା ଚୈତନ୍ୟ ପ୍ରଭୃତି କୌଣସି ଧର୍ମପ୍ରବର୍ତ୍ତକ ବା ଆଚାର୍ଯ୍ୟ ପ୍ରଚାର ବା ପ୍ରଶ୍ରୟଦାନ କରିନାହାନ୍ତି ।

ମୀନନାଥ ବା ଲୁଇପାଦ ଓ କାହ୍ନୁପାଦ ପ୍ରଭୃତିଙ୍କର ଚର୍ଯ୍ୟାପଦରେ ବ୍ୟବହୃତ ଡୋମ୍ବୀ, ନୈରାମଣି, ନୈରାତ୍ମ୍ୟ ଦେବୀ, ସବରୀ ବା ସହଜ ସୁନ୍ଦରୀ ପ୍ରଭୃତି ଶବ୍ଦ ଅବଲମ୍ବ ତତ୍ତ୍ୱର ରୂପକ ଶବ୍ଦାବଳୀ ମାତ୍ର ।

ଯୋଗ ସାଧନାର ସହସ୍ରଦଳ ଚକ୍ର (ପଦ୍ମ) ଉପରେ ନୈରାତ୍ମ୍ୟ ଦେବୀର ଅବସ୍ଥାନ ।

ପତଞ୍ଜଳିଙ୍କ ଯୋଗସୂତ୍ରର ସମୟ ଖ୍ରୀ: ପୂ: ୧ମ ଶତାବ୍ଦୀର ପୂର୍ବ । ସେହି ସମୟଠାରୁ ହିନ୍ଦୁ ସଂସାର କ୍ରମେ ଯୋଗଶାସ୍ତ୍ରର ଚର୍ଚ୍ଚା, ଅଧ୍ୟୟନ, ଅନୁଶୀଳନ ପ୍ରଭୃତି ହୋଇଥିଲା । କ୍ରମେ

Digitized by srujanika@gmail.com

ଚୋଡ଼ଶୀ ବା ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ଅର୍ଥାତ୍ ମତ୍ସ୍ୟେନ୍ଦ୍ରନାଥ ଓ ଗୋରକ୍ଷନାଥଙ୍କ ଆବିର୍ଭାବ ପର୍ଯ୍ୟନ୍ତ ଗୋଟିଏ ସଂଘ ବା Mission ଆକାରରେ ନାଥଧର୍ମର ପ୍ରସାର ଓ ପରିପ୍ରଚାର ହୋଇ ନ ଥିଲା। ମୀନ ନାଥ ବା ମତ୍ସ୍ୟେନ୍ଦ୍ରନାଥ ଓ ଗୋରକ୍ଷନାଥ—ଏହି ଦୁଇ ସିଦ୍ଧାଚାର୍ଯ୍ୟଙ୍କର ଅଭୂତପୂର୍ବ ଯୌଗିକ ପ୍ରଭାବ, ସଙ୍ଗଠନ ଶକ୍ତି ଓ ପ୍ରଚ୍ଚାର ଫଳରେ ଯୋଗପନ୍ଥା ଅବଲମ୍ବନ କାରୀମାନେ ସଂଘବଦ୍ଧ ହୋଇ ସଂଘମାଧ୍ୟମରେ ଯୋଗର ପ୍ରଚାର ଓ ପ୍ରସାର କରିବାକୁ ଆରମ୍ଭ କଲେ। ସଂଘବଦ୍ଧ ହୋଇ ସ୍ୱୀୟ ଧର୍ମମତ ପ୍ରଚାର କରିବାର ଗ୍ରନ୍ଥ ପ୍ରଥମେ ବୌଦ୍ଧମାନେ ଆରମ୍ଭ କଲେ। "ସଂଘ ଶରଣଂ ଗଚ୍ଛାମି"—ଏହି ବୌଦ୍ଧ ବଚନ ସେମାନଙ୍କର ସଂଘ ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ଉପରେ ତାହାର ସୂଚନା ଦିଏ। ବୌଦ୍ଧ ଧର୍ମର ସୁସ୍ଥ ନୀତିପରମ୍ପରା ଯେପରି ସଂଘ ମାଧ୍ୟମରେ ପ୍ରଚାର ଓ ପ୍ରସାର ଲାଭ କରିଥିଲା, ଠିକ୍ ସେହି ସଂଘ ମାଧ୍ୟମରେ ସହଜିଆ ବଜ୍ରଯାନ ବୌଦ୍ଧମାନଙ୍କର ଯୌନ ବ୍ୟଭିଚାର ମଧ୍ୟ ପ୍ରଚାର ଓ ପ୍ରସାର ଲାଭ କଲା। ସାଧାରଣତଃ ଈଶ୍ୱରଙ୍କର ଅବତାର ବା ଭକ୍ତ ମାନବ ଗୋଷ୍ଠୀର କଲ୍ୟାଣ ଉଦ୍ଦେଶ୍ୟରେ ନିଜ ଧର୍ମମତ ସ୍ଥାପନ, ପ୍ରଚାର ଓ ପ୍ରସାର ନିମିତ୍ତ ସଂଘ ବା ଗୋଷ୍ଠୀ ଗଠନ କରିଥାଆନ୍ତି। କିନ୍ତୁ ତାଙ୍କ ତିରୋଧାନ ପରେ ସେହି ସମ୍ପ୍ରଦାୟୀମାନଙ୍କ ମଧ୍ୟରେ ମାନବ ମନର ପାଶବ ଓ ଜୈବ ପ୍ରବୃତ୍ତିଗୁଡ଼ିକ ପ୍ରବଳ ହେଲେ ତାହାକୁ ସେହି ଧର୍ମର ଆଚରଣ ହେବାପାଇଁ ଅପସମ୍ପ୍ରଦାୟ ଗୋଷ୍ଠି ସୃଷ୍ଟି ହୁଏ। ସେହି ଗୋଷ୍ଠୀ ଜୈବ ବ୍ୟଭିଚାରଗୁଡ଼ିକୁ ଧର୍ମର ଓ ସାଧନାର ଅଂଗ ହିସାବରେ ପ୍ରଚାର କରି ତାହାର ଅନ୍ତରାଳରେ ନିଜ ନିଜ ପ୍ରବୃତ୍ତି ଚରିତାର୍ଥ କରିବାର ପ୍ରଶ୍ରୟ ପାଇଥାଆନ୍ତି। ଏହି ଧରଣର ଧର୍ମୀୟ ବ୍ୟଭିଚାର ପ୍ରଥମେ ତାନ୍ତ୍ରିକ ସାଧନାରେ

Digitized by srujanika@gmail.com

ପ୍ରବେଶଲାଭ କରି ମଦ୍ୟ ମାଂସ ଏପରିକି ନାରୀ ସଙ୍ଗ ଯୌନ ବ୍ୟଭିଚାରାଦି ମଧ୍ୟ ଧର୍ମୀୟ ଅଙ୍ଗ ରୂପେ ବା ସାଧନ ତନ୍ତ୍ର ବୋଲି ପ୍ରଚଳିତ ହେଲା । କ୍ରମଶଃ ଏହା ବୌଦ୍ଧ ସଂଘମାନଙ୍କରେ ପ୍ରବେଶ ଲାଭକଲା । ବୌଦ୍ଧ ମଠ, ବିହାର ମାନଙ୍କରେ ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କର ଧର୍ମୀୟ ଆଚାର ବୋଲି କଥିତ ବ୍ୟଭିଚାର ଏତେ ବ୍ୟାପକ ହେଲ ଯେ, ସମାଜରେ ସେମାନଙ୍କର ସ୍ଥାନ ଅତି ହେୟ ଓ ନିମ୍ନ ସ୍ତରକୁ ଚାଲିଗଲା । ପ୍ରାୟ ୧୦ମ ଶତାବ୍ଦୀ ବେଳକୁ ବୌଦ୍ଧ ଭିକ୍ଷୁଣୀମାନେ କାବ୍ୟ ନାଟକ ଆଦିରେ କୁଟ୍ଟିନୀ ବୋଲି ଚିତ୍ରିତ ହେଲେ । ଦଣ୍ଡୀଙ୍କ ଦଶକୁମାର ଚରିତ ପ୍ରଭୃତି ଏଥିର ପ୍ରସଙ୍ଗରେ ଆଲୋଚ୍ୟ ।

ନାଥଯୋଗାଚାର୍ଯ୍ୟଙ୍କର ସହଜ ଭଜନ

ସହଜ ଯେ ବଜ୍ରଯାନୀ ବୌଦ୍ଧଗଣ ବିଶେଷଭାବରେ ସ୍ୱୀୟ ସମ୍ପ୍ରଦାୟ ମଧ୍ୟରେ ପ୍ରଚଳିତ କରିଥିଲେ । ନାଥସିଦ୍ଧ ମାନଙ୍କର ସହଜ ହେବର ଅର୍ଥ ‘ପରମ ପଦ’ । ନାଥ ମାର୍ଗର ସହଜ ଅବସ୍ଥାର ଅର୍ଥ ସମରସ ସାଧନା । ତନ୍ତ୍ର ମତରେ ଇଡ଼ା ଓ ପିଙ୍ଗଳାର ସଂଯୋଗ ଦ୍ୱାରା ସୁଷୁମ୍ନାର ପଥ ଉନ୍ମୁକ୍ତ ହୁଏ । ଇଡ଼ା ଓ ପିଂଗଳାର ଅନ୍ୟ ନାମ ଲଳନା ଓ ରସନା । ବୌଦ୍ଧବଜ୍ରଯାନ ଓ ତନ୍ତ୍ର ପଥର ପରବର୍ତ୍ତୀ ସାଧକମାନେ ଭ୍ରଷ୍ଟହୋଇ ଲଳନା ଓ ରସନାର ଆକ୍ଷରିକ ଅର୍ଥ ଗ୍ରହଣକରି ଯୌନ ବ୍ୟଭିଚାର ସେବ୍ୟ ହୋଇ ପଡ଼ିବାରୁ ନାଥସିଦ୍ଧମାନେ ଉପାସନା ଦେହକୁ ଏହି ଯୌନ ବ୍ୟଭିଚାର ଓ ରସନା ତୃପ୍ତିକର କପଟ ସାଧନ ମାର୍ଗରୁ ରକ୍ଷା କରି ସୁଷୁମ୍ନାର ବିଶେଷ ଉନ୍ମୁକ୍ତ ପଥ ନିର୍ଦ୍ଦେଶ କରିବା

Digitized by srujanika@gmail.com

ଯାଇଁ ସୁଷୁମ୍ନା ବେଦ ବା ସିଦ୍ଧବେଦ ପ୍ରଣୟନ ଓ ପ୍ରଚାର କରିଥିଲେ ।

ଓଡ଼ିଆ ଭାଷାର ପ୍ରଥମ ଯୋଗଶାସ୍ତ୍ର ସିଦ୍ଧବେଦ ଚର୍ଯ୍ୟାପଦର ପରବର୍ତ୍ତୀ ରଚନା । ଚର୍ଯ୍ୟାପଦ ଓ ଶିଶୁବେଦ ପରବର୍ତ୍ତୀ ସମଗ୍ର ଯୋଗଶାସ୍ତ୍ର ଓ ଜ୍ଞାନମିଶ୍ରା ଭକ୍ତିଶାସ୍ତ୍ରର ମୂଳ ଉତ୍ସ । ଜ୍ଞାନମିଶ୍ରା ଭକ୍ତିର ଅର୍ଥ ଯୋଗମିଶ୍ରା ଭକ୍ତି ବୁଝିବାକୁ ହେବ । 'ଜ୍ଞାନ' ଶବ୍ଦର ଅର୍ଥ ବ୍ରହ୍ମତତ୍ତ୍ୱ ନିରୂପକ ଜ୍ଞାନ, ଯୋଗ ପରମାତ୍ମା ପ୍ରାପକ, ଭକ୍ତି ଭଗବତ୍ ପ୍ରାପକ । ବ୍ରହ୍ମ, ପରମାତ୍ମା ଓ ଭଗବାନ ଏହି ତିନି ତତ୍ତ୍ୱ ପ୍ରକୃତ ପକ୍ଷରେ ଏକ ଅଦ୍ୱୟ ।

ନାଥମାର୍ଗର ସାଧନଭଜନର ତାତ୍ପର୍ଯ୍ୟ ସମରସ ବା ସାମ୍ୟ ସ୍ୱରୂପ ବା ନାଥ ସ୍ୱରୂପ ।

ନିର୍ଗୁଣଂ ବାମଭାଗେ ଚ ସବ୍ୟଭାଗେଽଦ୍ଭୁତା ନିଜା,
ମଧ୍ୟଭାଗେ ସ୍ୱୟଂ ପୂର୍ଣ୍ଣସ୍ତସ୍ମୈ ନାଥାୟ ତେ ନମଃ ।

ଗୋ: ସିଦ୍ଧାନ୍ତ ସଂଗ୍ରହ

ବାମ ଭାଗରେ ନିର୍ଗୁଣ ଅବସ୍ଥାନ ଦ୍ୱାରା ନାଥ ସ୍ୱରୂପର ଗୋଟିଏ ଭାଗ ନିର୍ଗୁଣସ୍ୱରୂପ ଓ ଅନ୍ୟଭାଗରେ ଯେଉଁ ଅଦ୍ଭୁତା ନିଜାଶକ୍ତି, ତାହା ଇଚ୍ଛାଶକ୍ତି, ସର୍ବ ସାକାର ବ୍ରହ୍ମ କାରଣୀଭୂତା-ଶକ୍ତି । ମଧ୍ୟଭାଗରେ ସର୍ବାଧାର ସର୍ବଶିରୋମଣି । ସଗୁଣ ଓ ନିର୍ଗୁଣ ଉଭୟର ଐକ୍ୟ ସ୍ୱରୂପକୁ 'ନାଥ' ଆଖ୍ୟା ପ୍ରଦତ୍ତ ହୋଇଅଛି । ନାଥ ସ୍ୱରୂପ ସତ୍ୟ-ଅସତ୍ୟ, ଜଡ-ଚୈତନ୍ୟ ସର୍ବଭାବର ସାମ୍ୟ ସ୍ୱରୂପ, ଦ୍ୱୈତାଦ୍ୱୈତର ଊର୍ଦ୍ଧ୍ୱବର୍ତ୍ତୀ ଅବାଙ୍ମାନସ-ଗୋଚର । ଏହି ନାଥ ସ୍ୱରୂପରେ ଅବସ୍ଥାନର ନାମ ମୁକ୍ତି । ଏହାହିଁ ପରମ ପଦ । ଭାବାଭାବ ବିନିର୍ମୁକ୍ତ ନାଶୋତ୍ପତ୍ତିବିବର୍ଜିତ, ସର୍ବ ସଂକଳ୍ପନାତୀତ ଦ୍ୱୈତାଦ୍ୱୈତବିଲକ୍ଷଣ ସମରସ ବା ସମତତ୍ତ୍ୱକୁ 'ନାଥସ୍ୱରୂପ' କୁହାଯାଏ ।

Digitized by srujanika@gmail.com

ଏଥିରୁ ନାଥସିଦ୍ଧମାନେ ଯେ ସହଜିଆ ସମ୍ପ୍ରଦାୟର ନାରୀ ସଂସର୍ଗ କଳୁଷିତ ସହଜ ଭଜନର ବିପରୀତ ପନ୍ଥୀ, ତାହା ସହଜରେ ପ୍ରମାଣିତ ହୁଏ ।

ବୌଦ୍ଧ ବଜ୍ରଯାନ ଓ ତନ୍ତ୍ରର ସହଜିଆବାଦ ସହିତ ନାଥ-ସିଦ୍ଧ ମାନଙ୍କର ସହଜ ଭଜନର କୌଣସି ସାଦୃଶ୍ୟ ନାହିଁ । ଡକ୍ଟର ମୋହନ ସିଂହ ଏ କଥା ଅତି ସ୍ପଷ୍ଟ ଭାବରେ ଉଲ୍ଲେଖ କରି ଅଛନ୍ତି । ସେ କହିଛନ୍ତି "ଏ ଦେଶରେ ଗୋଟିଏ ଭ୍ରାନ୍ତ ଧାରଣା ଅଛି ଯେ, ଗୋରକ୍ଷ ବୌଦ୍ଧ ଥିଲେ, ବସ୍ତୁତଃ ଗୋରକ୍ଷଙ୍କର ଧର୍ମ ଉପନିଷଦୀୟ ଧର୍ମ ।"

"ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ"

ଏହି ଉପନିଷଦ ବାକ୍ୟ ପ୍ରତିପାଦିତ "ପରମ"ହିଁ ନାଥସିଦ୍ଧମାନଙ୍କର ଚରମ ପଦ ବା ନାଥ ସ୍ୱରୂପ ।

"ବିଜ୍ଞାନ ସାରଥିର୍ଯସ୍ତୁ ମନଃ ପ୍ରଗ୍ରହବାନ୍ ନରଃ
ସୋଽଧ୍ୱନ ପାରମାପ୍ନୋତି ତଦ୍‌ବିଷ୍ଣୋଃ ପରମଂ ପଦଂ
ଇନ୍ଦ୍ରିୟେଭ୍ୟଃ ପରା ହ୍ୟର୍ଥା ଅର୍ଥେଭ୍ୟଶ୍ଚ ପରଂ ମନଃ
ମନସସ୍ତୁ ପରାବୁଦ୍ଧି ର୍ବୁଦ୍ଧେରାତ୍ମା ମହାନ୍ ପରଃ"।
(କଠୋପନିଷଦ୍)

ଉପନିଷଦୋକ୍ତ ଏହି ପରମ ପୁରୁଷହିଁ ନାଥଧର୍ମର ଉପାସ୍ୟ ପରମ ପଦ ବା ନାଥ ସ୍ୱରୂପ ନାମରେ ଅଭିହିତ ।

ନାଥ ସମ୍ପ୍ରଦାୟ ମତରେ ସିଦ୍ଧାବସ୍ଥାର ଅପରନାମ ଅବଧୂତ ଅବସ୍ଥା । ଶ୍ରୀମଦ୍‌ଭାଗବତଠାରୁ ଆରମ୍ଭ କରି ବୌଦ୍ଧବଜ୍ରଯାନ, ତାନ୍ତ୍ରିକ, ନାଥପନ୍ଥା ପ୍ରଭୃତି ସାଧନ ମାର୍ଗରେ ଅବଧୂତର ଲକ୍ଷଣ, ଆଚରଣ ପ୍ରଭୃତିର ବର୍ଣ୍ଣନା ଦେଖାଯାଏ ।

Digitized by srujanika@gmail.com

ବୌଦ୍ଧବଜ୍ରଯାନ ମତରେ ଅବଧୂତର ଆଚରଣ ନିମ୍ନପ୍ରକାର—

ବ୍ରାହ୍ମଣାଦି କୁଳୋତ୍‌ପନ୍ନାଂ ଶୁଦ୍ରାଂବୈ ଅନ୍ତ୍ୟଜୋଦଭବାଂ
ଦୁଃଶୀଳାଂ ପରମାଂଗୀ ଚ ବିକୃତାଂ ବିକଳାଂ ତଥା ।
ଜନୟିତ୍ରୀଂ ସ୍ୱସାରଂ ଚ ସ୍ୱପୁତ୍ରୀଂ ଭଗିନେୟିକାଂ
କାମୟନ୍ ତତ୍ତ୍ୱଯୋଗେନ ଲଘୁ ସିଧ୍ୟେତ ସାଧକଃ ।

ପ୍ରଜ୍ଞୋପାୟ ବିନିଶ୍ଚୟ ସିଦ୍ଧି (୫ମ ପରିଚ୍ଛେଦ)

ବ୍ରାହ୍ମଣ ବା ଅନ୍ତ୍ୟଜକୁଳୋଦ୍‌ଭବା, ଦୁଷ୍ଟା, ସୁନ୍ଦରୀ, ବିକୃତାଂଗୀ, ବିକଳାଂଗୀ, ଜନନୀ, ଭଗିନୀ, କନ୍ୟା, ଭଗିନେୟୀ— ଯେ କୌଣସି ନାରୀକୁ ଅଭେଦ୍ୟରେ ସମ୍ଭୋଗ କରି ସାଧନ କଲେ ସିଦ୍ଧିଲାଭ ସୁନିଶ୍ଚିତ ।

ଅନଙ୍ଗବଜ୍ରଙ୍କ ଉପଦେଶରେ ଅବଧୂତ ଯୋଗୀର ଲକ୍ଷଣ ନିମ୍ନରୂପ—

କାର୍ଯ୍ୟୈଷ୍ଵେତ୍ ବେଦାଗମ ମୃଷାବାଦମୁଦୀରୟେତ୍
ଭକ୍ଷାଭକ୍ଷବିନିର୍ମୁକ୍ତଃ ପେୟାପେୟବିବର୍ଜିତଃ
ଗମ୍ୟାଗମ୍ୟ ବିନିର୍ମୁକ୍ତୋ ଭବେଦ୍ ଯୋଗୀ ସମାହିତଃ ।

କର୍ପୂର ମଞ୍ଜରୀରେ ଅବଧୂତ ଯୋଗୀର ଆଚରଣ ସମ୍ପର୍କରେ ସ୍ୱାମୀ ଭୈରବାନନ୍ଦ ରଣ୍ଡା ଚଣ୍ଡୀ ଯେ କୌଣସି ସ୍ତ୍ରୀ ଲୋକ ସହବାସରେ ମଦ ମାଂସ ସେବନ ସହଯୋଗେ ସିଦ୍ଧିଲାଭ କରିଯାଏ ବୋଲି ଉଲ୍ଲେଖ କରିଛନ୍ତି ।

କିନ୍ତୁ ନାଥଧର୍ମରେ ସିଦ୍ଧଯୋଗୀ ଅବଧୂତଙ୍କ ଆଚରଣ ସମ୍ପର୍କରେ ଯାହା ଉଲ୍ଲେଖ ଅଛି, ସେଥିରୁ ନାଥସିଦ୍ଧ ଅବଧୂତ ଯେ ସଂପୂର୍ଣ୍ଣ ବ୍ୟଭିଚାରମୁକ୍ତ, ତାହା ପ୍ରମାଣିତ ହୁଏ ।

ଗୋରକ୍ଷନାଥଙ୍କ ସିଦ୍ଧସିଦ୍ଧାନ୍ତ ପଦ୍ଧତିରେ ଅଛି—

"ଅଥ ଅବଧୂତ-ଯୋଗିଲକ୍ଷଣଃ କଥ୍ୟତେ,—

Digitized by srujanika@gmail.com

ସ ସର୍ବାନ୍ ପ୍ରକୃତ ବକାରନବଧୂନୋଜ୍ଞତ୍ୟବଧୂତଯୋଗୀ”
ଅର୍ଥାତ୍ ଯେଉଁ ସାଧକ ଯାବତୀୟ ପ୍ରାକୃତ ବକାର ମୁକ୍ତ, ସେ କେବଳ ଅବଧୂତ ଯୋଗୀ ।

ସର୍ବାସାଂ ନିଜବୃତ୍ତୀନାଂ ପ୍ରସୃତର୍ଭଜତେ ଲୟମ୍
ସ ଭବେତ୍ ସିଦ୍ଧସିଦ୍ଧାନ୍ତେ ସିଦ୍ଧଯୋଗୀ ମହାବଳଃ ।
ଏକହସ୍ତେ ଧୃତସ୍ତ୍ୟାଗୋ ଭୋଗଶ୍ଚୈକକରେ ସ୍ୱୟମ୍ ।

(ଗୋରକ୍ଷ-ସିଦ୍ଧାନ୍ତ ସଂଗ୍ରହ ୧ପୃଷ୍ଠା)

ବିଷୟ ଭୋଗରେ ଓ ଅନାସକ୍ତ ତ୍ୟାଗରେ ସମ୍ପୂର୍ଣ୍ଣ ସିଦ୍ଧ ହୋଇ ଯେ ଯାବତୀୟ ଇନ୍ଦ୍ରିୟ ବୃତ୍ତିକୁ ନିରୋଧକରେ, ସେ କେବଳ ମହାବଳଶାଳୀ ସିଦ୍ଧଯୋଗୀ ହୋଇ ପାରେ ।

ଗୋରକ୍ଷନାଥ-ରଚିତ ଅମରୌଘଶାସନରେ ଦେଖାଯାଏ, “ସର୍ବଂ ପରିତ୍ୟଜ୍ୟ ଶବ୍ଦ ବ୍ରହ୍ମ ସଦାଭ୍ୟସେତ୍”—ସହଜ ସମାଧି କ୍ରମେ ମନଦ୍ୱାର ମନକୁ ସମାଲୋଚନା କଲେ ଯଥାର୍ଥ ମୁକ୍ତ ହୁଏ ।

କାମ ବିଷହର ସ୍ଥାନଂ ମନସୋଦ୍‌ଭବଃ ମନୋମଧ୍ୟେ କାରଣଂ କାରଣାତ୍ ଉତ୍ପତ୍ତି-ସ୍ଥିତି-ପ୍ରଳୟାଃ ପ୍ରବର୍ତ୍ତନ୍ତେ ।

କାମବିଷହର ନିରଞ୍ଜନ ଜ୍ଞାନଦ୍ୱାର ଜୀବନ୍ମୁକ୍ତ ଲଭହୁଏ । ଏହାହିଁ ନାଥମାର୍ଗୀୟ ଅବଧୂତର ଆଚରଣ । ଏହି ଆଚରଣରେ ବିଷୟ ସମ୍ଭୋଗ ବା ଯୌନ ସମ୍ଭୋଗର କୌଣସି ଇଙ୍ଗିତ, ସମର୍ଥନ ବା ପ୍ରଚାର ପରିଲକ୍ଷିତ ହୁଏନା । କିନ୍ତୁ ବୌଦ୍ଧତନ୍ତ୍ର ସାଧନାର କୁତ୍ସିତ ଯୌନ ବ୍ୟଭିଚାରରୁ ଧର୍ମ ସମ୍ପ୍ରଦାୟ ଓ ସାଧକ ସମାଜକୁ ମୁକ୍ତ କରିବା ଲାଗି ନାଥସିଦ୍ଧ ମାନଙ୍କର ପ୍ରଚେଷ୍ଟା ବିଲକ୍ଷଣ ସୁସ୍ପଷ୍ଟ । ବସ୍ତୁତଃ ବୌଦ୍ଧ ବଜ୍ରଯାନ ଓ ତାନ୍ତ୍ରିକ ସହଜିଆମାନଙ୍କର ଯୌନ ବ୍ୟଭିଚାରରୁ ଭାରତୀୟ ସମାଜ ଓ ଉପନିଷଦୀୟ ସନାତନ ଧର୍ମକୁ

Digitized by srujanika@gmail.com

ରକ୍ଷା କରିବାଲାଗି ଲୁଇପାଦ ବା ମତ୍ସ୍ୟେନ୍ଦ୍ର ନାଥ, ଗୋରକ୍ଷନାଥ, କାହ୍ନୁପାଦ, ଶବରୀପାଦ, ଓ ଭର୍ତ୍ତୃହରି ପ୍ରମୁଖ ଯୋଗ ମାର୍ଗର ପ୍ରଧାନ ସିଦ୍ଧାଚାର୍ଯ୍ୟଗଣ ନୂତନ ଅଭିଯାନ ଆରମ୍ଭ କଲେ । ସାଧନ ଭଜନ ଜପରୁ ମାନବ ସମାଜକୁ ଯୌନ ବ୍ୟଭିଚାରରୁ ନିବର୍ତ୍ତାଇବା ଲାଗି ଏବଂ ଯୋଗମାର୍ଗକୁ ସହଜ, ସୁଗମ କରିବା ମାନସରେ ଏହି ସିଦ୍ଧାଚାର୍ଯ୍ୟଗଣ କେତେ ଗୁଡ଼ିଏ ରୂପକ କଳ୍ପନା ମାଧ୍ୟମରେ ନିଜ ନିଜର ଯୋଗାଙ୍ଗ ସାଧନ ପ୍ରଣାଳୀଗୁଡ଼ିକ ଜନସମାଜରେ ପ୍ରଚାର କରିଥିଲେ । ଚର୍ଯ୍ୟାପଦ ଗୁଡ଼ିକ ସମ୍ୟକ ଆଲୋଚନା କଲେ ବୁଝାଯିବ, ସେଥିରେ ଯେଉଁ ଡୋମ୍ବୀ, ଦାସୀ, ଶବରୀ, ସହଜ ସୁନ୍ଦରୀ, ନୈରାମଣୀ, ପ୍ରଭୃତି ନାରୀ-ରୂପକ କଳ୍ପନା କରାଯାଇଅଛି, ତଦ୍ଦ୍ୱାରା ଯୌନ ବ୍ୟଭିଚାରର ଲେଶ ମାତ୍ର ପ୍ରଶ୍ରୟ ପ୍ରଚାର କରାଯାଇ ନାହିଁ; ଉପରନ୍ତୁ ଦୈହିକ ପ୍ରବୃତ୍ତି ଚର୍ଯ୍ୟାର ବହୁଊର୍ଦ୍ଧ୍ୱରେ ଯେଉଁ ସାଧନମାର୍ଗ ଅବସ୍ଥିତ, ତାହାହିଁ ସୁସିଦ୍ଧାନ୍ତିତ ହୋଇଅଛି । ନାଥ ଯୋଗାଚାର୍ଯ୍ୟ-ମାନଙ୍କର ଜୀବନୀ ସମ୍ବନ୍ଧୀୟ ବହୁଳ କିମ୍ବଦନ୍ତୀ ଓ କାହାଣୀ ତଥା ଲୋକଗୀତି ବିଶେଷତଃ ଗୀତ ଗୋବିନ୍ଦଚନ୍ଦ୍ର ଓ ଟୀକା ଗୋବିନ୍ଦଚନ୍ଦ୍ର ପ୍ରଭୃତି ଏତତ୍ ପ୍ରସଙ୍ଗରେ ଆଲୋଚ୍ୟ । ମୀନନାଥଙ୍କର ନାରୀ ସଂସର୍ଗ ଜନିତ ଅଧଃ ପତନ ଓ ସ୍ୱଶିଷ୍ୟ ଗୋରକ୍ଷନାଥଙ୍କ ଦ୍ୱାରା ତାଙ୍କର ଚୈତନ୍ୟୋଦୟ ଆଖ୍ୟାୟିକା ବର୍ଣ୍ଣନା ପ୍ରସଙ୍ଗରେ ପ୍ରଖ୍ୟାତ ସାହିତ୍ୟିକ ଶ୍ରୀ ସୁରେନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟର ଆଦି ପର୍ବରେ ଲେଖିଛନ୍ତି, "ଏହି ପୌରାଣିକ ଉପାଖ୍ୟାନର ପୃଷ୍ଠ ଭୂମିରେ ସହଜିଆ ବୌଦ୍ଧର ନିର୍ବାଣ ସାଧନରୁ ପରକୀୟା ପ୍ରୀତି ଓ ସାଧନା ସଙ୍ଗୀମାନଙ୍କୁ ବାହଦେଇ ସାଧନାକୁ ନିର୍ମଳ, ପୁଷ୍କଳ ଓ ସଂଯତ କରିବା ପାଇଁ ନାଥ ସିଦ୍ଧମାନଙ୍କର ପ୍ରଚେଷ୍ଟା ଓ ପରବର୍ତ୍ତୀରେ ତାହା ପ୍ରତ୍ୟେକ ପୁରୁଷ ମଧ୍ୟରେ ପ୍ରଚ୍ଛନ୍ନ ଥିବା

Digitized by srujanika@gmail.com

ବହୁନାସ୍ତି ସଂସ୍ପେଗର ଅତୃପ୍ତ ଅଭିଳାଷ ଦ୍ୱାରା ବିଡ଼ମ୍ବିତ ହୋଇ ପତିବାର ଶୋଚନୀୟ ଇତିହାସ, ପୁଣି ସାଧନାକୁ ନେଷ୍ଠ ବିଡ଼ମ୍ବନାରୁ ରକ୍ଷା କରିବା ପାଇଁ ନାଥ ସିଦ୍ଧମାନଙ୍କର ଉଦ୍ୟମ ଲକ୍ଷ୍ୟ କରଯାଇ ପାରେ । ନାଥଧର୍ମ ସହଜିଆ ବୌଦ୍ଧବାଦର ରୂପକାତ୍ମ ସଂକେତ, ତନ୍ତ୍ରର ଜଟିଳତା ପୁଣି ସାଧନାର କୁଟିଳତା ପରିହାର କରି ଯୋଗାଭ୍ୟାସ, ଅନାସକ୍ତି ଓ ବୀତସ୍ପୃହ ସନ୍ନ୍ୟାସ ମଧ୍ୟରେ ନିର୍ବାଣ ବା ମୁକ୍ତିଲାଭର ଉପାୟ ପ୍ରଚାର କରିଥିଲା ।”

———

ଓଡ଼ିଶାରେ ନାଥଧର୍ମର ବ୍ୟାପକତା ଓ ତାହାର କାଳ

ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ପ୍ରମାଣ ଉଲ୍ଲେଖ ସହ ଦର୍ଶାଇଛନ୍ତି ଯେ ସାରଳାଯୁଗ ଅର୍ଥାତ୍ ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ନାଥଧର୍ମ ଓ ଯୋଗାଚାର୍ଯ୍ୟ ମୀନନାଥ ଓ ଗୋରକ୍ଷନାଥ ସର୍ବଜନ ପ୍ରସିଦ୍ଧି ଲଭ କରି ସାରିଥିଲେ । ସାରଳା ମହାଭାରତର ସଭାପର୍ବରେ ରାଜସୂୟ ଯଜ୍ଞର ନିମନ୍ତ୍ରଣପତ୍ରସହ ନକୁଳ କଦଳୀବନରେ ସିଦ୍ଧଯୋଗୀ ଗୋରକ୍ଷନାଥ ବା ଗୋରେଖନାଥଙ୍କୁ ସାକ୍ଷାତକରି ବହୁ ଉପଦେଶ ଶ୍ରବଣ କରିଥିବାର ଉଲ୍ଲେଖ ଅଛି ।

“ଦର୍ଶନ ପାଇଲେ ମତ୍ସ୍ୟେନ୍ଦ୍ର ନାଥ ସୁତ
ଭେଟିଲେ ଗୋରେଖ ମହାଯୋଗୀ ଅବଧୂତ ।
ଶୁକ୍ଳାମ୍ବର ପୁରୁଷ ସେ ଶିରେ ଜଟା ବେଣୀ
ବଂଶୀବାଦ୍ୟେ କୁରୁଳନ୍ତି ସଦାମତ ହୋଇ ।
ଅନନ୍ତ ଗାୟତ୍ରୀ ମଧ୍ୟେ କପିଳା ବଳିଲା ।

Digitized by srujanika@gmail.com

କରେ ଖର୍ପର ସ୍ଫଟିକ ଅଛୁ ବେକ କର୍ଣ୍ଣେ
କଣ୍ଠ ବକଳର ମାଳା ପାଦୁକା ଗଗନେ ।

× × ×

ଗୋରେଖ ବୋଇଲେ-ତୁହ୍ମ ଶୁଣ ଆରେ ସୁତ
ଆମ୍ଭେ ଯେ ଅଟୁ ଗୋରେଖ ନାମେ ଅବଧୂତ ।
ଆଦ୍ୟନାଥ ଅଟନ୍ତି ଯେ ନିରଞ୍ଜନ ଗୋସାଁ
ତା ସୁତ ମଚ୍ଛେନ୍ଦ୍ରନାଥ ନାମେ ଇନ୍ଦ୍ରପତି ।
ମଚ୍ଛେନ୍ଦ୍ର ନାଥର ଜାଣ ଆମ୍ଭେ ଅଟୁ ସୁତ ।
ତୋର ଅଗ୍ରତେ କହିଲୁ ଜନ୍ମର ବୃତ୍ତାନ୍ତ ।

× × ×

ନକୁଳ ବୋଇଲେ ନିର୍ମଳ ଅଟେ ତୁମ୍ଭ ଦୀକ୍ଷା
ଯାଗ ଯଜ୍ଞେ ପିବାକୁ ନ ଥାଏ କେବେହେ ଇଚ୍ଛା ।
ଗୋରେଖ ବୋଇଲେ ଆମ୍ଭେ ଅଟୁ କୁଣ୍ଡଳୀ
ଭ୍ରମଣେ ସର୍ବଦା ଇଚ୍ଛା ବୁଲୁ ଖେଳା ଖେଳି ।

× × ×

ପିଣ୍ଡ ପ୍ରାଣ ଏକତତ୍ତ୍ୱ ଅଟେ ଯାହାଙ୍କର
ହେତୁ ଜ୍ଞାନ ପୁରୁଷ ସେ ତେଣୁ ଯୋଗେଶ୍ୱର ।”

ବନପର୍ବରେ ମଧ୍ୟ ସାରଳା ଦାସ ମତ୍ସ୍ୟେନ୍ଦ୍ର ନାଥଙ୍କୁ ନିମ୍ନୋକ୍ତରୂପେ ସ୍ତୁତି କରିଛନ୍ତି—

ଜୟତୁ ମତ୍ସ୍ୟଇନ୍ଦ୍ର ପରମ ମୀନରୂପୀ
କଅଁଳ ଅବଲୋକନେ ସପତ ବ୍ରହ୍ମାଣ୍ଡ ବ୍ୟାପୀ ।

Digitized by srujanika@gmail.com

କାଣ୍ଡିକର ରକତ କାଅଁଚ ବେନି ଓଲେ
ପବନ ବୁଡ଼ାଇଲୁ ଅନଙ୍ଗ କମଳେ
ଉଙ୍କାଣି ପବନ ଯେ ଛେଦିଲ ମହା ଶୁନ୍ୟ
ଚପଳଲେ ଡେଇଁଲୁ ଅରକତ ଜଳୁ ସୁଧା ।
ଅଣାକାର ପାପ ଲୋକେ ସ୍ୱଶର ଚନ୍ଦ୍ରା
ନବଇନ୍ଦ୍ର ନାଥ ହୋଇଲୁକ ଶକ୍ତା
ନିରନ୍ତରେ ସେବା ମୁଁ ମାଗଇ ପରମ ଯୋଗୀ
ପବନ ଆଚ୍ୟାନେ ଅନେକ କାଳ ଭେଟି ।
ଆଦ୍ଧ ନାଥର ପୃବ ଚରଣେ ପରଣାମି
ଶୂଦ୍ରମୂନି ସାରଳା ଦାସ ଶତ ସହସ୍ର ଦଣ୍ଡ ପ୍ରଣାମି ।

ପୁନଶ୍ଚ ସଭା ପର୍ବରେ—

ଭୁ ଦେବ ପରମ ପଣ୍ଡିତ ଗୋରେକ୍ଷ
କାଠି ହାତେ ଯେନି ବୋଲଇ
ମୋତେ ହୋଇ ସାହା ପକ୍ଷ ।

ଏହାପରି ସମଗ୍ର ସାରଳାକୃତରେ ନାଥଧର୍ମ ଓ ନାଥଯୋଗୀ ସିଦ୍ଧ ପୁରୁଷମାନଙ୍କ ଉଲ୍ଲେଖ ଏତେ ବେଶୀ ଯେ, ତାହା ସମସ୍ତ ଉଦ୍ଧାରକଲେ ଗ୍ରନ୍ଥର କଳେବର ବୃଦ୍ଧିହେବ । ଏଥିରୁ ସାରଳା ଯୁଗରେ ଓଡ଼ିଶାରେ ନାଥଧର୍ମ ଓ ନାଥସିଦ୍ଧ ଯୋଗୀମାନଙ୍କର ଲୋକପ୍ରିୟତା ସ୍ପଷ୍ଟ ପ୍ରମାଣିତ ହୁଏ ।

ନାଥଧର୍ମ ଓ ନାଥ ସିଦ୍ଧାବଲମ୍ବୀମାନେ ୧୫ଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ସୁଶିକ୍ଷିତ ସମାଜଠାରୁ ଆରମ୍ଭ କରି ମୂର୍ଖ ଜନସାଧାରଣ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ସ୍ଥାନ ପାଇ ସାରିଥିଲେ । ନାଥ ଧର୍ମର

Digitized by srujanika@gmail.com

ପିଣ୍ଡବ୍ରହ୍ମାଣ୍ଡତତ୍ତ୍ୱ ମଧ୍ୟ ସାରଳା ଯୁଗରେ ଓଡ଼ିଶାରେ ସୁପରିଚିତ ହୋଇ ସାରିଥିଲା । ପରବର୍ତ୍ତୀ କାଳରେ ଦ୍ୱାରକା ଦାସଙ୍କ ତରତେରୀତା, ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତ,ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତା ପ୍ରଭୃତିରେ ଗୋରକ୍ଷ ନାଥଙ୍କର ନାମ, ଯୌଗିକ ବଭୂତି ଓ ଯୋଗ ତତ୍ତ୍ୱର ଏବଂ ଶିଶୁବେଦର ବହୁବାର ଉଲ୍ଲେଖ ଅଛି । ଭାରତର ପ୍ରାୟ ସମସ୍ତ ଧର୍ମ ପ୍ରଚାରକ ଓଡ଼ିଶା ବିଶେଷତଃ ଶ୍ରୀକ୍ଷେତ୍ରକୁ ଆସି ନିଜ ନିଜର ଧର୍ମ ପ୍ରଚାର ଓ ଧର୍ମପୀଠମାନ ସ୍ଥାପନ କରି ଯାଇଅଛନ୍ତି । ସେଥି ମଧ୍ୟରୁ ପ୍ରାୟ ସମସ୍ତ ଧର୍ମଗୋଷ୍ଠୀ, ଧର୍ମତତ୍ତ୍ୱ ଓ ଧର୍ମାଚାର୍ଯ୍ୟମାନେ ଓଡ଼ିଶାର ମୁଷ୍ଟିମେୟ ପଣ୍ଡିତ ଗୋଷ୍ଠୀ ବା ତତ୍ ଧର୍ମାବଲମ୍ବୀ ମୁଷ୍ଟିମେୟ ଶିଷ୍ୟ ପରମ୍ପରା ମଧ୍ୟରେ ସୀମାବଦ୍ଧ । ସେଗୁଡ଼ିକ ଓଡ଼ିଶାର ଆପାମର ଜନସାଧାରଣ ମଧ୍ୟରେ ପ୍ରଚାର ଓ ପ୍ରସାର ଲାଭକରି ନାହିଁ । କେବଳ ଶ୍ରୀଚୈତନ୍ୟ ଓ ତାଙ୍କର ବୈଷ୍ଣବଧର୍ମ ଏବଂ ଗୋରକ୍ଷ ନାଥ ଓ ନାଥଧର୍ମ ଓଡ଼ିଶାର ପଣ୍ଡିତ ସମାଜରୁ ଆରମ୍ଭ କରି ଅଶିକ୍ଷିତ ସ୍ୱଳ୍ପ ଶିକ୍ଷିତ ଜନସାଧାରଣ ପର୍ଯ୍ୟନ୍ତ ଘରେ ଘରେ ସୁପରିଚିତ । ଏହାର ବହୁବିଧ କାରଣ ମଧ୍ୟରୁ ଗୋଟିଏ କାରଣ ହେଉଛି, ଭାରତ ପ୍ରସିଦ୍ଧ ଏ ଦୁଇ ଧର୍ମ ନେତାଙ୍କ ଧମନୀରେ ଓଡ଼ିଆରକ୍ତ ପ୍ରବାହିତ । ଶ୍ରୀ ଚୈତନ୍ୟ ଭାରତରେ ସର୍ବତ୍ର ତାଙ୍କ ଧର୍ମ ପ୍ରଚାର କରିଥିଲେ । କିନ୍ତୁ ବଙ୍ଗଦେଶ ଓ ଓଡ଼ିଶାର ପ୍ରତିପଲ୍ଲୀରେ ତାଙ୍କର ଏତେ ଜନପ୍ରିୟ ହେବାର ବହୁ କାରଣ ମଧ୍ୟରୁ ତାଙ୍କ ଜାତୀୟତା ଅନ୍ୟତମ କାରଣ । ଓଡ଼ିଶାରେ ଗୋରକ୍ଷ ନାଥଛଡ଼ା ଆଜି ଯେତେ ଧର୍ମ ପ୍ରଚାରକ ଧର୍ମ ପ୍ରଚାର କରିଛନ୍ତି, କେହି ଗୋରଖନାଥଙ୍କ ପରି ଏତେ ଲୋକ ପରିଚିତ ଲାଭକରି ଅଦ୍ୟାପି ପ୍ରତିପଲ୍ଲୀରେ ସୁପରିଚିତ ହୋଇ ରହିପାରି ନାହାନ୍ତି । ଶ୍ରୀଯୁକ୍ତ ମହାନ୍ତିଙ୍କ ଭାଷାରେ ସିଦ୍ଧ

Digitized by srujanika@gmail.com

ଗୋରକ୍ଷନାଥ ଓଡ଼ିଶା ବାସୀ ନ ହୋଇଥିଲେ ଓଡ଼ିଶାର ଶ୍ରୁତି ଓ ପରମ୍ପରାରେ ସେ ଏତେ ପ୍ରସିଦ୍ଧ ହୋଇ ପାରି ନଥାନ୍ତେ ।'

ଲୁଇପାଦ ବା ମୀନନାଥ ବା ମତ୍ସ୍ୟେନ୍ଦ୍ରନାଥ ମଧ୍ୟ ଓଡ଼ିଶାବାସୀ ଥିଲେ । ସେ ଓଡ଼ିଶାରେ ଲେଙ୍କୁଦାସ ନାମରେ ମଧ୍ୟ ପରିଚିତ । ଲେଙ୍କୁ ବା ଲୁଇ ଶବ୍ଦର ଅର୍ଥ ମତ୍ସ୍ୟର ଉଦର । ମୟୂରଭଞ୍ଜ ଜିଲ୍ଲାରେ ଅଦ୍ୟାପି ଲୁଇ ପୂଜା ପ୍ରଚଳିତ । ମୟୂରଭଞ୍ଜ ତାଙ୍କର ସାଧନାପୀଠ ଥିଲା ।

ବସ୍ତୁତଃ ନାଥଧର୍ମର ଦୁଇ ସିଦ୍ଧାଚାର୍ଯ୍ୟ ମୀନନାଥ ଓ ଗୋରକ୍ଷନାଥ ଓଡ଼ିଆ ଥିବାରୁ ତାଙ୍କ ଧର୍ମମତ ଓଡ଼ିଶାରେ ଏକ ସମୟରେ ଘରେ ଘରେ ପ୍ରଚଳିତ ହୋଇଥିଲା । ଓଡ଼ିଶାର ପ୍ରତ୍ୟେକ ପ୍ରସିଦ୍ଧ ତୀର୍ଥକ୍ଷେତ୍ରମାନଙ୍କରେ ନାଥଧର୍ମର ମଠ ଅଦ୍ୟାପି ବିଦ୍ୟମାନ । ଏହାଛଡ଼ା ବହୁତ ପଲ୍ଲୀ ଗ୍ରାମରେ ମଧ୍ୟ ବଡ଼ ବଡ଼ ମଠ ଓ ଗାଦିମାନ ରହିଛି । ପୁରୀ, ଭୁବନେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର ଆଦି, କପିଳାସ ପ୍ରଭୃତି ସ୍ଥାନରେ ମଠପୀଠ ସମୂହ ଅଦ୍ୟାପି ମହନ୍ତ ପରମ୍ପରାଦ୍ୱାରା ପରିରକ୍ଷିତ ଓ ପରିଚାଳିତ । କପିଳ ସସ୍ତିର ମହାଦେବ ପ୍ରଥମେ ଯୋଗାଚାର୍ଯ୍ୟ ଓ ନାଥ ଧର୍ମାବଲମ୍ବୀମାନଙ୍କର ପୂଜିତ ଥିଲେ । ପରବର୍ତ୍ତୀକାଳରେ ବ୍ରାହ୍ମଣମାନେ ତାହା ଅଧିକାର କରି ଅଛନ୍ତି । ତଥାପି 'ଶିବରାତ୍ରି' ପ୍ରଭୃତି ବିଶିଷ୍ଟ ପର୍ବ କାଳରେ ଯୋଗୀମାନଙ୍କର ପୂଜାର ଅଧିକାର ଲୋପ ପାଇ ନାହିଁ ।

ସାରଳାଯୁଗର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ପ୍ରାୟ ସମଗ୍ର ଆଧ୍ୟାତ୍ମିକ ଧର୍ମଗ୍ରନ୍ଥରେ ଶିଶୁବେଦ, ଗୋରକ୍ଷନାଥ, ଓ ନାଥଧର୍ମର ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱର ବହୁଳ ଉଲ୍ଲେଖରୁ ଜଣାଯାଏ, ନାଥଧର୍ମ ଦଶମ ଶତାବ୍ଦୀଠାରୁ ଆରମ୍ଭକରି ଅଷ୍ଟାଦଶ ଶତାବ୍ଦୀ

Digitized by srujanika@gmail.com

ପର୍ଯ୍ୟନ୍ତ ଓଡ଼ିଶାର ସାହିତ୍ୟ ଓ ଆଧ୍ୟାତ୍ମିକ ଭାବଧାରାକୁ ପରିପୂର୍ଣ୍ଣ ଭାବରେ ପ୍ରଭାବିତ କରିଥିଲା । ତତ୍ କାଳୀନ ଓଡ଼ିଆ ସାହିତ୍ୟକୁ ଅନ୍ୟ କୌଣସି ଅଧ୍ୟାତ୍ମ ଭାବଧାରା ଏଭଳି ପ୍ରଭାବିତ କରିବାକୁ ସମର୍ଥ ହୋଇନାହିଁ; ଏତଥ୍ୟ ଚିନ୍ତାଶୀଳ ଚିନ୍ତାନୁସନ୍ଧିତ୍ସୁମାନେ ନିଶ୍ଚୟ ଉପଲବ୍ଧି କରି ପାରିବେ । ଯେଉଁ ଜାତିର, ଯେଉଁ ଧର୍ମର ଏତାଦୃଶ ପ୍ରଭାବର ଉଜ୍ଜ୍ୱଳ ସ୍ୱାକ୍ଷର ଆଜି ପର୍ଯ୍ୟନ୍ତ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସୁସ୍ପଷ୍ଟ, ସେହି ଜାତି ଓ ଧର୍ମର ଅଧୁନାତନ ଅଧଃପତିତ, ଅବହେଳିତ, ଓ ଦୟନୀୟ ଅବସ୍ଥା କପରି, କାହିଁକି, କେବେଠାରୁ ଆରମ୍ଭ ହେଲା, ତାହା ଗବେଷଣାର ବିଷୟ ବସ୍ତୁ ।

ପୂର୍ବରୁ ଶ୍ରୀ କ୍ଷିତିମୋହନ ସେନ୍ ଶାସ୍ତ୍ରୀଙ୍କ ଗ୍ରନ୍ଥ ଉଦ୍ଧାର କରି ଉଲ୍ଲେଖ କରାଯାଇଅଛି ଯେ, ନାଥଧର୍ମର ସୂତ୍ରପାତ ମହେଞ୍ଜୋଦାରୋ ଓ ହରପ୍ପାର ପ୍ରାଗ୍‌ବୈଦିକ ସଭ୍ୟତାଠାରୁ ଆରମ୍ଭ । ସଂସ୍କୃତ ଅଧ୍ୟାପକ ଶ୍ରୀଯୁକ୍ତ ଗଙ୍ଗାଧର ବଳ ଏହି ମତକୁ ସମର୍ଥନ କରି ତାହାର ପ୍ରାମାଣିକତା ବିଭିନ୍ନ ଯୁକ୍ତି ଦେଇ ଦର୍ଶାଇଛନ୍ତି ।

ପ୍ରଫେସର ଶ୍ରୀ ଏ, ପି, କାରମରକାରଙ୍କ ମତରେ ବୈଦିକ ଆର୍ଯ୍ୟମାନେ ଭାରତର ପ୍ରାକ୍‌ବୈଦିକ ଅଧିବାସୀମାନଙ୍କୁ ବ୍ରାତ୍ୟ ବୋଲି ଅଭିହିତ କରୁଥିଲେ । ଏହି ବ୍ରାତ୍ୟମାନେ ପ୍ରଧାନତଃ ଶୈବ ଥିଲେ । ସେମାନେ ଶିବ ଓ ଦୁର୍ଗାଙ୍କୁ ଉପାସନା କରୁଥିଲେ । ପରେ ବୈଦିକ ସଭ୍ୟତା ଓ ପ୍ରାକ୍‌ବୈଦିକ ସଭ୍ୟତାର ସଂମିଶ୍ରଣ ହେବାରୁ ବ୍ରାତ୍ୟ ଦେବତା ଶିବ ଦୁର୍ଗା ପ୍ରଭୃତି ବୈଦିକ ଦେବତାଙ୍କର ଶ୍ରେଣୀଭୁକ୍ତ ହୋଇ ବୈଦିକ ଆର୍ଯ୍ୟମାନଙ୍କର ମଧ୍ୟ ପୂଜାଲାଭ କଲେ । ଅଥର୍ବବେଦର ପଞ୍ଚଦଶ ଅଧ୍ୟାୟରେ ଯେଉଁ

Digitized by srujanika@gmail.com

ବ୍ରାତ୍ୟ ଯୋଗୀମାନଙ୍କର ଉଲ୍ଲେଖ ଅଛି, ସେମାନେ ଏହି ଶିବ-ପୂଜକ ପ୍ରାଗ୍ ବୈଦିକ ଅଧିବାସୀ । ଶିବଙ୍କର ଅପର ନାମ ଏକବ୍ରାତ୍ୟ । ବ୍ରାତ୍ୟ ଶବ୍ଦର ଦୁଇଟି ବିପରୀତ ଅର୍ଥ ଦେଖାଯାଏ । ଏକ ଅର୍ଥରେ ସାବିତ୍ରୀ ଭ୍ରଷ୍ଟ ଦ୍ୱିଜଙ୍କୁ ବ୍ରାତ୍ୟ କୁହାଯାଏ । ବ୍ରାତ୍ୟ ମାନେ ସଂସ୍କାରଚ୍ୟୁତ । ଅନ୍ୟ ଅର୍ଥରେ ବ୍ରାତ୍ୟ ଶବ୍ଦଦ୍ୱାରା ସଂସ୍କାରବିଦର ଅତୀତ । ଶିବ ସଂସ୍କାର ହୀନ ନୁହନ୍ତି, ସେ ସଂସ୍କାରବିଦର ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ । ଏଣୁ ତାଙ୍କ ନାମ ଏକବ୍ରାତ୍ୟ । ଅଥର୍ବ-ବେଦୀୟ ପ୍ରଶ୍ନୋପନିଷଦରେ ପ୍ରାଣକୁ 'ବ୍ରାତ୍ୟ' ବୋଲି ସମ୍ବୋଧନ କରି ସ୍ତୁତି କରାଯାଇ ଅଛି ।

ବ୍ରାତ୍ୟସ୍ତ୍ୱଂ ପ୍ରାଣୈକ ଋଷିରତ୍ତା ବିଶ୍ୱସ୍ୟ ସତ୍ପତିଃ ।
ବୟମାଦ୍ୟସ୍ୟ ଦାତାରଃ ପିତା ତ୍ୱଂ ମାତରିଶ୍ୱନଃ ॥
(ପ୍ରଶ୍ନୋପନିଷଦ୍ ୨ । ୧୧)

ହେ ପ୍ରାଣ, ତୁମେ ବ୍ରାତ୍ୟ (ଉପନୟନାଦି ସଂସ୍କାର ହୀନ, ଅର୍ଥାତ୍ ତୁମେ ପ୍ରଥମଜ, ସୁତରାଂ ତୁମର ସଂସ୍କାରକ କେହି ନାହାନ୍ତି, ତୁମେ ସ୍ୱଭାବତ ଶୁଦ୍ଧ); ତୁମେ ଆଥର୍ବଣ ମାନଙ୍କର ଏକର୍ଷି ନାମକ ଅଗ୍ନି ରୂପରେ ହବିର୍ଭୋକ୍ତା; ତୁମେ ସମସ୍ତ ବିଦ୍ୟମାନ ବସ୍ତୁର ପତି ଅଥବା ସମସ୍ତଙ୍କର ଉତ୍ତମ ପତି । ଆମ୍ଭେମାନେ ତୁମର ଭକ୍ଷଣୀୟ ହବିଃ ଦାନ କରୁଅଛୁ । ହେ ମାତରିଶ୍ୱନ୍, ତୁମେ ଆମ୍ଭମାନଙ୍କର ପିତା ।

ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ, ଉପନିଷଦ ଯୁଗ ପର୍ଯ୍ୟନ୍ତ ବ୍ରାତ୍ୟ ଶବ୍ଦର ଅର୍ଥ ସଂସ୍କାରଚ୍ୟୁତ ନୁହେଁ, ସଂସ୍କାରର ଊର୍ଦ୍ଧ୍ୱରେ ଅବସ୍ଥାନ-କାରୀକୁ ବୁଝାଉଥିଲା । କିନ୍ତୁ ମନୁଙ୍କ ସମୟଠାରୁ ବ୍ରାତ୍ୟଶବ୍ଦର

Digitized by srujanika@gmail.com

ଅର୍ଥର ଅବନମନ ଘଟିଲା । ଯେପରି "ଅସୁର" ଶବ୍ଦ ପୂର୍ବେ ଦେବତା ଅର୍ଥରେ ବ୍ୟବହୃତ ହେଉଥିଲା, କିନ୍ତୁ ପରବର୍ତ୍ତୀ କାଳରେ ଦାନବ ଅର୍ଥରେ ବ୍ୟବହୃତ ହେଲା ।

ଯୋଗୀମାନେ ପ୍ରାଗ୍‌ବୈଦିକ ଯୁଗରୁ କିରୂପ ସଂସ୍କାରାଦି ପାଳନ କରୁଥିଲେ, ତାହା ଗବେଷଣା ସାପେକ୍ଷ, କିନ୍ତୁ ବୈଦିକ ଆର୍ଯ୍ୟମାନଙ୍କର ସହିତ ଏକତ୍ର ବସବାସ ଏବଂ ସାଂସ୍କୃତିକ ଓ ରାଜନୈତିକ ସମ୍ପର୍କ ଫଳରେ ସେମାନେ ଆର୍ଯ୍ୟ ବୈଦିକ ସଂସ୍କାରାଦି ଗ୍ରହଣ କଲେ ଏବଂ ଆର୍ଯ୍ୟମାନେ ମଧ୍ୟ ବ୍ରାତ୍ୟଯୋଗୀ ମାନଙ୍କର ଶୈବଧର୍ମ ଓ ଶିବ ଦୁର୍ଗାଦି ପୂଜାକୁ ବୈଦିକ ଉପାସନାଦିର ଅଙ୍ଗୀଭୂତ କରିନେଲେ ।

ଏହିପରି ବୈଦିକ ଆର୍ଯ୍ୟଧର୍ମ ଓ ସମାଜ ସହିତ ପ୍ରାଗ୍-ବୈଦିକ ବ୍ରାତ୍ୟ ଶୈବ୍ୟ ମାନଙ୍କର ଧର୍ମ ଓ ସମାଜ ଅଭିନ୍ନରୂପ ଗ୍ରହଣ କରି ଉତ୍ତର ଭାରତରୁ ଉତ୍ତର ପୂର୍ବ ଭାରତ ଓ କ୍ରମଶଃ ଦାକ୍ଷିଣାତ୍ୟର ଦ୍ରାବିଡ଼ ସଭ୍ୟତା ଓ ସଂସ୍କୃତି ସହିତ ସମ୍ମିଶ୍ରିତ ହେଲା ।

ଅନ୍ୟାନ୍ୟ ପ୍ରଦେଶ ମାନଙ୍କ ପରି ଓଡ଼ିଶାରେ ମଧ୍ୟ ନାଥଧର୍ମ ପ୍ରସାର ଓ ପ୍ରଚାର ଲାଭ କରିଥିଲା । ପୂର୍ବରୁ କୁହା ଯାଇଛି, ପ୍ରାୟ ଦଶମ ଶତାବ୍ଦୀ ବେଳକୁ ବୌଦ୍ଧ ବଜ୍ରଯାନୀ ଓ ତାନ୍ତ୍ରିକ ମାନଙ୍କର ବ୍ୟଭିଚାର କଳୁଷିତ ଧର୍ମଧ୍ୱଜତା ଓ ମୁସଲମାନ ମାନଙ୍କ ଇସ୍‌ଲାମ ଧର୍ମର ଆକ୍ରମଣରୁ ସନାତନ ହିନ୍ଦୁଧର୍ମ ଓ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ରକ୍ଷା କରିବା ଲାଗି ମୀନନାଥ ଓ ଗୋରକ୍ଷନାଥ ତାଙ୍କ ସାଧନାଲବ୍ଧ ବଳିଷ୍ଠ ସଂଗଠନ ଶକ୍ତି, ତଥା କାୟସିଦ୍ଧି ଓ ହଠଯୋଗ

Digitized by srujanika@gmail.com

ଲବ୍ଧ ଅଲୌକିକ ଶକ୍ତି ଦ୍ୱାରା ଜନସମାଜକୁ ଚମତ୍କୃତ ଓ ଆକୃଷ୍ଟ କରି ଯୋଗମାର୍ଗକୁ ସର୍ବଭାରତୀୟ ଧର୍ମପନ୍ଥା ରୂପେ ପ୍ରତିଷ୍ଠିତ କରି ପାରିଥିଲେ । ଏଠାରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କର ଅଭିମତ ଆଲୋଚ୍ୟ । ସେ ଲେଖିଛନ୍ତି,

"କେତେ ମୁସଲମାନ ଶାସକ ମୁସଲମାନ ଧର୍ମକୁ ପ୍ରଚାର କରିବା ପାଇଁ ଉଗ୍ର-ପନ୍ଥା ମଧ୍ୟ ଅବଲମ୍ବନ କରୁଥିଲେ । ଏହାର ପ୍ରତିକ୍ରିୟା ସ୍ୱରୂପ ହିନ୍ଦୁମାନଙ୍କ ଭିତରେ ସଂଗଠନ ସ୍ପୃହା ମଧ୍ୟ ବେଳେବେଳେ ଜାଗ୍ରତ ହେଉଥିଲା । ସେକାଳର ଯୋଗୀ ଗୁରୁ ନାନକ, ଗୋରକ୍ଷନାଥ, ମଚ୍ଛିନ୍ଦ୍ରନାଥ, ଶ୍ରୀ ଚୈତନ୍ୟ ପ୍ରଭୃତି ହିନ୍ଦୁମାନଙ୍କୁ ଏକତା ପାଶରେ ଆବଦ୍ଧ କରିବା ପାଇଁ ବହୁ ଚେଷ୍ଟା କରିଥିଲେ । ଏମାନଙ୍କ ଭିତରୁ ଅଧିକାଂଶ ପ୍ରଚାରକ ହିନ୍ଦୁଧର୍ମ ଭିତରେ ବିଦ୍ୟମାନ ଥିବା ମତ-ବିରୋଧକୁ ଲୋପକରି ତା ସଙ୍ଗେ ସଙ୍ଗେ ସଂଗଠନ କରିବାର ପକ୍ଷପାତୀ ଥିଲେ ।"

(ଓଡ଼ିଆ ସାହିତ୍ୟର ଇତିହାସ ପୃ: ୧୪୭-୪୮)

ମୀନନାଥ ଓ ଗୋରକ୍ଷନାଥ ଯେ ଓଡ଼ିଶାବାସୀ, ଏହା ଆଲୋଚିତ ହୋଇଛି । ତିବ୍ବତର ଲୋକଶ୍ରୁତି ଅନୁସାରେ ଲୁଇପାଙ୍କ ପ୍ରଥମ ନାମ ସାମନ୍ତ ଶୁଭ୍ର, ସେ ଉଡ୍ଡିୟାନ ନୃପତି ଇନ୍ଦ୍ରଭୂତିଙ୍କର ରାଜକର୍ମଚାରୀ ଥିଲେ ଏବଂ ଉଡ୍ଡିୟାନ ଦେଶରେ ଶବରୀ ପାଦଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଉଡ୍ଡିୟାନ ନୃପତି ଇନ୍ଦ୍ରଭୂତି ଓ ତାଙ୍କ ଭଗିନୀ ରାଜକୁମାରୀ ଲକ୍ଷ୍ମୀଙ୍କରା । ଏହି ଦେଶ ଯାଦୁବିଦ୍ୟା ପାଇଁ ପ୍ରସିଦ୍ଧ ।

Digitized by srujanika@gmail.com

ହର ପ୍ରସାଦ ଶାସ୍ତ୍ରୀଙ୍କ ମତରେ ଓଡ୍ଡଆନ ଓଡ଼ିଶା ଦେଶର ନାମାନ୍ତର । ଭଟ୍ଟାଚାର୍ଯ୍ୟ ମହାଶୟଙ୍କ ମତରେ ଏହା ଆସାମ । ଲେଭି ସାହେବଙ୍କ ମତରେ ଏହା ଉତ୍ତର ପଶ୍ଚିମ ସୀମାନ୍ତ ଉପତ୍ୟକା । ନଳିନୀ ଦାସ ଗୁପ୍ତଙ୍କ ମତରେ ଏହା ବଙ୍ଗଦେଶ ।

ଚୋଡଗଙ୍ଗଦେବଙ୍କ ଦ୍ୱାଦଶ ଶତାବ୍ଦୀର ଶିଳାଲିପିରୁ ଜଣାଯାଏ, କେନ୍ଦୁଝର ଓ ମୟୂରଭଞ୍ଜ ଠାରୁ ମହାନଦୀର ପଶ୍ଚିମ ତୀର ପର୍ଯ୍ୟନ୍ତ ଭୂମିଖଣ୍ଡ ଓଡ୍ର ନାମରେ ଅଭିହିତ ହେଉଥିଲା । ତିରୁ ମଲ୍ଲାଇ ଶିଳାଲିପିରୁ ଜଣାଯାଏ ଯେ, ଶିଳାଲିପି କଥିତ ବୀରମାନେ ହିକଳଙ୍ଗ ଜୟକରି ଓଡ୍ରଦେଶ ମଧ୍ୟଦେଇ କୋଶଳ (ସମ୍ବଲପୁର) ଯାଇଥିଲେ ।

ଐତିହାସିକ ଶ୍ରୀଯୁକ୍ତ ଋ, ସି, ମଜୁମଦାରଙ୍କ ମତରେ ସମ୍ବଲପୁର ଓ ତାହାର କରଦ ରାଜ୍ୟ ଗୁଡ଼ିକୁ ପ୍ରାଚୀନ କାଳରେ ଦକ୍ଷିଣ କୋଶଳ କୁହା ଯାଉଥିଲା, ଏବଂ ଏହି ଦକ୍ଷିଣ କୋଶଳ ଓ କଳିଙ୍ଗର ମଧ୍ୟବର୍ତ୍ତୀ ପାର୍ବତ୍ୟ ପ୍ରଦେଶ ଓଡ୍ର ନାମରେ ଅଭିହିତ ହେଉଥିଲା ।

ଓଡ୍ର ଶବ୍ଦ ଦ୍ରାବିଡ଼ ଶବ୍ଦରୁ ଜାତ । ପ୍ରାଚୀନ ଦ୍ରାବିଡ ଅର୍ଥରେ ଏହାର ଅର୍ଥ, ଯେ ଚଳାୟୁନ କରେ । ଓଡ ଧାତୁରୁ ଓଡ୍ର ଶବ୍ଦ ଜାତ । କର୍ଣ୍ଣାଟ ଭାଷାରେ ଓଡ଼ଶୁ ଶବ୍ଦର ଅର୍ଥ ମଧ୍ୟ ତାହା ଅଟେ । ଲୁଇପା ବା ମୀନନାଥ ବା ସାମନ୍ତ ଶୋଭ ଯେଉଁ ଓଡ୍ଡିୟାନ ନୃପତି ଇନ୍ଦ୍ରଭୂତିଙ୍କର ରାଜକର୍ମଚାରୀ ଥିଲେ, ଉଡ୍ର ଶବ୍ଦର ପ୍ରାକୃତ ରୂପ ଅପଭ୍ରଷ୍ଟ ହୋଇ ସେହି ଓଡ୍ଡିୟାନରେ ରୂପାନ୍ତରିତ

Digitized by srujanika@gmail.com

ହୋଇଥିଲା, ଏହା ନିଃସନ୍ଦେହରେ କୋଲଯାଇ ପାରେ । ଅଦ୍ୟାପି ଓଡ଼ିଶାର ମୟୂରଭଞ୍ଜରେ ଲୋହିଦାସ ମଠ ବିଦ୍ୟମାନ ଏବଂ ସେଠାରେ ଲୁଇପା ବା ଲୋହିଦାସ ବା ମୀନ ନାଥଙ୍କ ପୂଜା ହୁଏ ।

ଆହୁରି ମଧ୍ୟ ଶାସ୍ତ୍ରୀ ମହାଶୟଙ୍କ ମତରେ ତନ୍ତ୍ରସାର ଗ୍ରନ୍ଥର ପୀଠସ୍ଥାନ ଓଡ଼ିଆନ ଓଡ଼ିଶା ବ୍ୟତୀତ ଅନ୍ୟ କୌଣସି ସ୍ଥାନ ହୋଇ ପାରିବନା । କାରଣ, ଯାଦୁବିଦ୍ୟା, ଜଡ଼ୀ'ବାଡ଼ି ମନ୍ତ୍ରଶକ୍ତି ଓ ହଠଯୋଗ ଦ୍ୱାରା ଅଲୌକିକ ଶକ୍ତି ପ୍ରଦର୍ଶନାଦି ବ୍ୟାପାର ଓଡ଼ିଆନ ବା ଓଡ଼ିଶା ଦେଶରେ ପ୍ରଚଳିତ ଥିବାର ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀ ଠାରୁ ଉଲ୍ଲେଖ ଦେଖାଯାଏ । ଏଣୁ ଏହିସବୁ ବିଦ୍ୟା ବ୍ରାତ୍ୟ ଶୈବ ବା ନାଥଧର୍ମୀ ମାନଙ୍କର ନିଜସ୍ୱ ଧର୍ମୀୟ ସଂପଦ ହୋଇଥିବାରୁ ଓଡ଼ିଶାରେ ନାଥଯୋଗୀ ସଂପ୍ରଦାୟ ଯେ ସେତେବେଳକୁ ବିଶେଷ ଭାବରେ ପରିଚିତ ଥିଲେ, ଏଥିରେ ସଂଦେହ ନାହିଁ । କେବଳ ମୀନନାଥ ଓ ଗୋରକ୍ଷନାଥ ଏହି ଧର୍ମମାର୍ଗକୁ ସର୍ବଭାରତୀୟ ଧର୍ମରୂପେ ପରିଚିତ ଓ ପ୍ରତିଷ୍ଠିତ କରାଇ ପାରିଥିଲେ ।

ଅଧ୍ୟାପକ ଶ୍ରୀ କୃଷ୍ଣଚନ୍ଦ୍ର ସାହୁ, ଅଧ୍ୟାପକ ଶ୍ରୀ ବଂଶୀଧର ମହାନ୍ତି, ଅଧ୍ୟାପକ ଶ୍ରୀ ଗଂଗାଧର ବଳ ଓ କଥାଶିଳ୍ପୀ ଶ୍ରୀ ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଆଲୋଚକମାନେ ଗୋରକ୍ଷନାଥ ଓ ମୀନନାଥ ତଥା ନାଥଧର୍ମର ପ୍ରଚାର କାଳ ଦ୍ୱାଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ଦଶମ ଓ ଏକାଦଶ ଶତାବ୍ଦୀ, ଏହା ପ୍ରମାଣ ସହ ଦର୍ଶାଇଛନ୍ତି । ସୁତରାଂ ନାଥଧର୍ମର ଓଡ଼ିଶାରେ ବ୍ୟାପକତାର କାଳ ଯେ ଦଶମ ଶତାବ୍ଦୀରୁ ଆରମ୍ଭ, ଏହା ସର୍ବବାଦୀ ସମ୍ମତ ।

ପ୍ରସିଦ୍ଧ ଚର୍ଯ୍ୟାପଦକାର ନାଥସିଦ୍ଧାଚାର୍ଯ୍ୟ ଭୁସୁକୁ ପାଦ ବା ଭୁସୁକୁ ରାଉତ ଓଡ଼ିଆ ଥିଲେ । ରାଉତୁ, ରାଉତ ବା ରାଉତରାୟ

Digitized by srujanika@gmail.com

ପ୍ରଭୃତି ଉପାଧି କେବଳ ଓଡ଼ିଶାରେ ପ୍ରଚଳିତ । ସାଧାରଣତ ସେନାଧ୍ୟକ୍ଷ ମାନଙ୍କୁ ଏହି ଉପାଧି ଦିଆ ଯାଉଥିଲା । ରାଉତୁ ଉପାଧି ଓଡ଼ିଶା ବା ଓଡ଼ିଆ ଛଡ଼ା ଅନ୍ୟ କୌଣସି ପ୍ରଦେଶ ବା ପ୍ରଦେଶ ବାସୀଙ୍କର ନାହିଁ । ରାହୁଲ ସାଂକୃତ୍ୟାୟନ ଓ ଆର୍ଥାର ଗ୍ରୀ ଏନ୍ ଓ୍ୱେଡେଲଙ୍କ ମତରେ ଭୁସୁକୁ ରାଉତୁ ୯ମ ଶତାବ୍ଦୀର ଶେଷ ଭାଗରେ ଆବିର୍ଭୂତ ହୋଇଥିଲେ । ଭୁସୁକୁଙ୍କର ଅନ୍ୟନାମ ଶାନ୍ତି ଦେବ । ସେ ଜାଟହାର ନାମକ ସ୍ଥାନରେ ଜନ୍ମଲାଭ କରିଥିଲେ । ଅଧ୍ୟାପକ ଖଗେଶ୍ୱର ମହାପାତ୍ର ଏହି ଜାଟହାର, ଯେ କେନ୍ଦୁଝର ଜିଲାର ଜାହୋବଇ ଗଡ଼ର ସଂଲଗ୍ନ, ଏହା ପ୍ରମାଣ କରିଛନ୍ତି । ଶାସ୍ତ୍ରୀ, ଡା, ସୁକୁମାର ସେନ, ଡା, ନୀହାର ରଞ୍ଜନ ବସୁ ପ୍ରଭୃତିଙ୍କ ମତରେ ଭୁସୁକୁ ପାଦ ଏକାଦଶ ଶତାବ୍ଦୀର ମଧ୍ୟଭାଗରେ ଆବିର୍ଭୂତ ହୋଇଥିଲେ । ବସ୍ତୁତ ଦଶମ-ଏକାଦଶ ଶତାବ୍ଦୀବେଳକୁ ଓଡ୍ର ବା ଓଡ଼ିଆନ ଅର୍ଥାତ୍ କେନ୍ଦୁଝର ଓ ମୟୂରଭଞ୍ଜ ଭୁସୁକୁ ପାଦ, ମୀନନାଥ ଓ ଗୋରକ୍ଷନାଥଙ୍କର ପ୍ରଧାନ ପ୍ରବୃତ୍ତି ସ୍ଥଳୀରୂପେ ପ୍ରତିଷ୍ଠିତ ହୋଇ ସାରିଥିଲା ।

ଗୋରକ୍ଷନାଥଙ୍କ ସମୟ ନିରୂପଣ—ଡା, ମୋହନ ସିଂଙ୍କ ମତରେ ଗୋରକ୍ଷନାଥ ନବମ ବା ଦଶମ ଶତାବ୍ଦୀରେ ଆବିର୍ଭୂତ ହୋଇଥିଲେ । ସାର ଫ୍ରାନ୍‌ସିସ୍ ୟଂ ହଜବେଣ୍ଡ (Sri Francis Young Husband) କହନ୍ତି—ଯେଉଁ ଯୁଗରେ ଉତ୍ତରଭାରତରେ ହିନ୍ଦୁ, ଜୈନ, ବୌଦ୍ଧ ଓ ମୁସଲମାନ ଧର୍ମ ସଂପ୍ରଦାୟ, ସମସ୍ତେ ପ୍ରାଧାନ୍ୟ ପାଇଁ ଉନ୍ମୁଖ ଥିଲେ, ସେହି ଯୁଗରେ ଗୋରକ୍ଷନାଥଙ୍କ ଆବିର୍ଭାବ ହୁଏ । ସେ ନବମ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ଏବଂ ଦଶମ ଶତାବ୍ଦୀରେ ଦେହତ୍ୟାଗ କଲେ । ତାଙ୍କର ଗ୍ରନ୍ଥ-ଗୁଡ଼ିକ ଭାରତର ବିଭିନ୍ନ ସ୍ଥାନରେ ରଚିତ ହୋଇଅଛି । ସ୍ୱାଭାବିକ

Digitized by srujanika@gmail.com

ଜ୍ଞାନର ଅଖଣ୍ଡ ସାଧନ ବା କୃଚ୍ଛ୍ରିମତା ପ୍ରତି ଗୋରକ୍ଷ ବୀତରାଗ ଥିଲେ । ସେ ବ୍ରହ୍ମଚର୍ଯ୍ୟର ଉପଦେଶ ଦେଉଥିଲେ । ବଜାଏକୃତ ସେଥିରେ ମଧ୍ୟ ଖାଦ୍ୟ, ପାନୀୟ ବା ଇନ୍ଦ୍ରିୟ ସଂସର୍ଗଦ୍ୱାରା ଈଶ୍ୱରଙ୍କୁ ଲଭନ୍ତୁ ଏ, ଏହା ତାଙ୍କର ପ୍ରତିପାଦ୍ୟ ବିଷୟ ଥିଲା ।

ଡକ୍ଟର ବେଟି ହେମାନ୍ (Dr. Betty Heimann)ଙ୍କ ଲିଖନ୍ତି ଗୋରକ୍ଷଙ୍କର ଯୋଗ ବାହ୍ୟିକ ବଳଯୋଗ ନୁହେଁ । ଋଦ୍ଧି ତାଙ୍କର ଲକ୍ଷ୍ୟ ନଥିଲା । ହଠଯୋଗର କଠିନ ସାଧନ ତାଙ୍କଦ୍ୱାରା ଅନୁମୋଦିତ ନଥିଲା ।

ଗୋରକ୍ଷଙ୍କର ଯୋଗ ରୂପକ ବିଶେଷ । ଏହା ଉପନିଷଦ ଦର୍ଶନର ପ୍ରତିପାଦ୍ୟ ବିଷୟ । ଗୋରକ୍ଷ ବୋଧ ଉପନିଷଦର ତତ୍ତ୍ୱ ଗୁଡ଼ିକ ସ୍ମରଣ କରାଇ ଦିଏ ।

ଡକ୍ଟର ବଡ଼ଥ୍ୱାଲଙ୍କ ମତରେ, ଗୋରକ୍ଷ ୧୦ମ ଶତାବ୍ଦୀରେ ଆବିର୍ଭୂତ ।

ବାବା ରତନ ହାଜି ଗୋରକ୍ଷ ନାଥଙ୍କର ଶିଷ୍ୟ ଓ ତାଙ୍କର ଗୁରୁରୂପେ ପ୍ରସିଦ୍ଧ । ସେମାନଙ୍କ କାଳ ଅନୁମାନିକ ଦଶମ ଶତାବ୍ଦୀ ।

ଡକ୍ଟର କଲ୍ୟାଣୀ ମଲ୍ଲିକଙ୍କ ମତରେ ଗୋରକ୍ଷନାଥ ବଙ୍ଗ ଦେଶର ରାଜା ମାଣିକଚନ୍ଦ୍ରଙ୍କର ସମସାମୟିକ ।

ତାଙ୍କ ଗୁରୁ ମତ୍ସ୍ୟେନ୍ଦ୍ରନାଥ, ମୀନନାଥ ବା ଲୁଇପା ଏକ ଏବଂ ଅଭିନ୍ନ ।

ଅଭିନବ ଗୁପ୍ତଙ୍କ ତନ୍ତ୍ରାଲୋକ ଏକାଦଶ ଶତାବ୍ଦୀର ପ୍ରଥମ ଭାଗରେ ରଚିତ । ସେଥିରେ "ମତ୍ସ୍ୟେନ୍ଦ୍ର ଗୁରୁଙ୍କୁ ନମସ୍କାର" ଏହି ବାକ୍ୟଟି ଦେଖାଯାଏ । ଏହାର କାଳ ପର୍ଯ୍ୟାଲୋଚନା ଅନୁସାରେ ଗୋରକ୍ଷନାଥ ୯୭୫ ଖ୍ରୀଷ୍ଟାବ୍ଦରେ ଏବଂ ମୀନନାଥ ୮୭୫ ଖ୍ରୀଷ୍ଟାବ୍ଦରେ ଆବିର୍ଭୂତ ହୋଇଥିଲେ ବୋଲି ସିଦ୍ଧାନ୍ତ କରାଯାଏ ।

Digitized by srujanika@gmail.com

ଯାହା ହେଉ ଉପରେ ଉଲ୍ଲିଖିତ ଯାବତୀୟ ପ୍ରମାଣକୁ ଭିତ୍ତିକରି ଏକଥା ନିଃସନ୍ଦେହରେ କୁହାଯାଇ ପାରେ ଯେ, ମୀନନାଥ ଓ ଗୋରକ୍ଷନାଥ ୧୦ମ-୧୧ଶ ଶତାବ୍ଦୀ ବେଳକୁ ପରିଚିତ ହୋଇ ଥିଲେ ଏବଂ ସେତେବେଳକୁ ତାଙ୍କ ଧର୍ମ ଓଡ଼ିଶାରେ ଓ ଓଡ଼ିଶା ବାହାରେ ପ୍ରଚଳିତ ହୋଇ ସାରିଥିଲା ।

ପୂର୍ବରୁ ଉଲ୍ଲେଖ କରାଯାଇ ଅଛି ଯେ, ନାଥ ଧର୍ମର ଆବିର୍ଭାବ ଓ ପ୍ରଚାର ଗୋଟିଏ ଯୁଗ ସନ୍ଧିକ୍ଷଣରେ ଆରମ୍ଭ ହୋଇଥିଲା ।

ଯେଉଁ ଯୁଗରେ ଭାରତର ବୈଦିକ ସନାତନ ଧର୍ମ ବାହାରୁ ଇସ୍ଲାମଧର୍ମର ଆକ୍ରମଣର ସମ୍ମୁଖୀନ ହୋଇଥିଲା ଏବଂ ଭିତରରେ ବେଦବିରୋଧୀ ବୌଦ୍ଧ ତାନ୍ତ୍ରିକତାର ବ୍ୟଭିଚାର ହିନ୍ଦୁ ସମାଜକୁ କଳଙ୍କିତ କରିଥିଲା, ଠିକ୍ ସେହି ସନ୍ଧିକ୍ଷଣରେ ନାଥ ଯୋଗାଚାର୍ଯ୍ୟ ସିଦ୍ଧ ଗୋରକ୍ଷନାଥ ଓ ମତ୍ସ୍ୟେନ୍ଦ୍ରନାଥ ପ୍ରଭୃତି ଇସଲାମଧର୍ମ ଓ ବେଦବିରୋଧୀ ବୌଦ୍ଧମାନଙ୍କ କବଳରୁ ବୈଦିକ ସନାତନ ଧର୍ମକୁ ରକ୍ଷା କରିବାଲାଗି ଦୃଢ ସଂକଳ୍ପ ଗ୍ରହଣ କରିଥିଲେ । ଶ୍ରୁତି ଓ ଉପନିଷଦୋକ୍ତ ଯୋଗ ପନ୍ଥାକୁ ଏମାନେ ବିଶେଷ ପ୍ରଚାର କରିବାର କାରଣ ହେଉଛି, ତତ୍କାଳରେ ହିନ୍ଦୁମାନଙ୍କୁ ସନାତନ ବୈଦିକ ଧର୍ମ ପ୍ରତି ଆକୃଷ୍ଟ ରଖିବା ଲାଗି ଯୌଗିକ ସିଦ୍ଧି ଓ ବିଭୂତି ବିଶେଷ ସାହାଯ୍ୟ କରିଥିଲା । ବୌଦ୍ଧ ସହଜିୟା ମାନଙ୍କର ଇନ୍ଦ୍ରିୟଭୋଗବାଦ ଓ ଇସ୍ଲାମଧର୍ମର ପ୍ରଲୋଭନରୁ ଜନସମାଜକୁ ନିବର୍ତ୍ତାଇବାକୁ ରାଜଯୋଗ ଓ ହଠ ଯୋଗର ଐଶ୍ୱରିକ କ୍ଷମତା ବିଶେଷ କାର୍ଯ୍ୟକାରୀ ହୋଇଥିଲା ।

—୦—

Digitized by srujanika@gmail.com

ସିଷୁବେଦ ବା ସୁଷୁମ୍ନା ବେଦ

ଏ ପର୍ଯ୍ୟନ୍ତ ଓଡ଼ିଶାର ସର୍ବପ୍ରାଚୀନ ଗଦ୍ୟସାହିତ୍ୟର ନମୂନା ହିସାବରେ ମାଦଳାପାଞ୍ଜି ଉଲ୍ଲିଖିତ ହେଉଥିଲା । ସ୍ୱର୍ଗୀୟ ଆର୍ତ୍ତବଲ୍ଲଭ ମହାନ୍ତି ତତ୍କାଳପ୍ରାପ୍ତ ପ୍ରମାଣ ଓ ତଥ୍ୟାବଳି ସାହାଯ୍ୟରେ ଏହା ପ୍ରମାଣ କରିଥିଲେ । ସିଷୁବେଦ ନାମକ ଓଡ଼ିଆ ଗ୍ରନ୍ଥର କେତୋଟି ପଦ ଓ ସୋମନାଥ ବ୍ରତ କଥା ମଧ୍ୟ ଏ ପର୍ଯ୍ୟାୟରେ ଉଲ୍ଲେଖ କରାଯାଉଥିଲା । କିନ୍ତୁ ସିଷୁବେଦର ଅନ୍ୟ କୌଣସି ପରିଚୟ ମିଳୁନଥିଲା । ଅଧ୍ୟାପକ ଶ୍ରୀଯୁକ୍ତ ବଂଶୀଧର ମହାନ୍ତିଙ୍କ ଦ୍ୱାରା ସଦ୍ୟ ଆବିଷ୍କୃତ ଓ ପ୍ରବନ୍ଧାକାରରେ ପ୍ରକାଶିତ ସିଷୁବେଦ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଅଛି । ଶ୍ରୀଯୁକ୍ତ ମହାନ୍ତି ପ୍ରମାଣ କରିବାକୁ ସମର୍ଥ ହୋଇଛନ୍ତି ଯେ, ଏହି ସିଷୁବେଦହିଁ ଓଡ଼ିଆ ଗଦ୍ୟ ଓ ପଦ୍ୟ ସାହିତ୍ୟର ସର୍ବପ୍ରଥମ ଓ ସର୍ବପ୍ରାଚୀନ ନିଦର୍ଶନ । ଭାଷାତାତ୍ତ୍ୱିକ ଦିଗରୁ ଆଲୋଚନା କଲେ ଏ ସିଦ୍ଧାନ୍ତ ଯେ ଅଭ୍ରାନ୍ତ, ତାହା ପ୍ରମାଣିତ ହେବ ।

ସାରଳା ସାହିତ୍ୟର ଭାଷାଠାରୁ ମାଦଳାପାଞ୍ଜିର ଭାଷା ଯେ ଅପୁଷ୍ଟ, ତାହା ତୁଳନା ମୂଳକ ଆଲୋଚନା ଦ୍ୱାରା ପ୍ରମାଣିତ । ସିଷୁବେଦର ଭାଷା ମାଦଳା ପାଞ୍ଜିର ଭାଷାଠାରୁ କଅଁଳ ଅପୁଷ୍ଟ ।

Digitized by srujanika@gmail.com

ମିଷ୍ଟବେଦର ଗୋଟିଏ ଶ୍ଳୋକର ପଦ୍ୟ ଓ ଗଦ୍ୟଶୈଳୀ ଏ ପ୍ରସଙ୍ଗରେ ଆଲୋଚ୍ୟ ।

ସୁଜନ ଜନ ଜାଣଇ ମିଷ୍ଟବେଦ ବାଣୀ
ଦୁରଜଣ୍ଣେ ଭୁଲାଦେଇ ବୁଝି ପରମାଣି
ରାଜ ପ୍ରହରେ ଥାଇ ଉଠିଣ ବସିବ
କର୍ଣ୍ଣର ମୂଳକୁ ସେ ଚଲ୍ଲପ୍ତେ କରିବ ।
ଯେଉଁ ଧୁନ ଆକାଶ ମଧ୍ୟରେ ପୂରଇ
ସେ ଶ୍ରୀ ଅନ୍ତର୍ଯାମୀ ନିରାକାର ସ୍ୱାମୀ
ନ ବୋଇଲେ କଳି କ ସୁବୁଧଙ୍କି କାହାଣୀ
କାବ୍ୟ ସାହାସ୍ର ମଧ୍ୟ ସମସ୍ତ ଭଣଇ
ସେ ମିଷ୍ଟବେଦ ଟି
ସ୍ୱେକ ନୁହିଁଇ ବେନିବନ୍ଧ ପୁଣି ମିଷ୍ଟବେଦ ମଧ୍ୟେ ପ୍ରକାଶ
ବଦନ୍ତି ନାଥେ ମିଷ୍ଟବେଦର ଟଶୁଆଂପ ।

ଏଥିରେ ବ୍ୟବହୃତ 'ଚଳପ୍ତେ' ଶବ୍ଦ ପରବର୍ତ୍ତୀ କୌଣସି ଗଦ୍ୟ ବା ପଦ୍ୟ ସାହିତ୍ୟରେ ଦେଖିବାକୁ ମିଳେ ନା ।

ଉକ୍ତ ଓଡ଼ିଆ ଶ୍ଳୋକର ଅର୍ଥ ଗଦ୍ୟରେ ଲିଖିତ । "ସ୍ୱେକ ନୁହଇ, ଦୁଇ ଦୁଇ ହୋଇଅଛି । ସେ ଯେ ଚକ୍ଷୁଟି, ବେନି ମିଳିକ ଯେସନ୍ତ ସ୍ୱେକ ଜଣେ । ବେନି ଚକ୍ଷୁ ଧ୍ୟାନ ହୋଇଅଛି । ଧ୍ୟାନଘରେ ମନ ପଶିଲେ ସମାଧି ଲାଗଇ । ସେହିବାକୁ ପରମ ଯୋଗୀ ସମାଧି ବୋଲି ।

ଖୁବ ସତର୍କତାର ସହିତ ଆଲୋଚନା କଲେ ବୁଝାଯିବ, ରୁଦ୍ର ସୁଧାନିଧିର ଗଦ୍ୟଶୈଳୀ ମଧ୍ୟ ମିଷ୍ଟବେଦର ଗଦ୍ୟଶୈଳୀଠାରୁ କିଞ୍ଚିତ୍ ପରିମାଣରେ ପୃଷ୍ଟିଲାଭ କରିଛି । ତା ଛଡା ରୁଦ୍ରସୁଧା-

Digitized by srujanika@gmail.com

ନିଧିରେ ସିଦ୍ଧବେଦକୁ ପଞ୍ଚମ ବେଦବୋଲି ଉଲ୍ଲେଖ କରାଯାଇଅଛି। ନିମ୍ନରେ ପ୍ରଦତ୍ତ ରୁଦ୍ରସୁଧାନିଧିର ଗଦ୍ୟଶୈଳୀ ଏହାର ପ୍ରମାଣ।

"ପଞ୍ଚମବେଦ (ସିଦ୍ଧବେଦ)। ଷଟଶାସ୍ତ୍ର। ନବଧା ବ୍ୟାକରଣ ଅଷ୍ଟାଦଶ ବିଦ୍ୟା। ଗୀତା, ପୁରାଣ, ନବନାଟକ, ସ୍ତମ୍ଭନ, ମୋହନ, ବଶ, ଉଚ୍ଚାଟନ, ଗୁଟିକୁ ଅଞ୍ଜନ।

ଅବଧୂତକୁ ନିରେଖିଥାଏ। ଏ ମନ୍ତ୍ରରେ ସେ ଏକଦିନକ ନଗରରେ ପୁରୁଷେକ ଆସି ପ୍ରବେଶ ହୋଇଲା। ସେ ପୁରୁଷର ଦେହ କେମନ୍ତ ଅଟଇ। କୃଷ୍ଣ ଧୂସର କେଶକାନ୍ତି। କେଶ କୁଟିଳ ଜଟିଳ। ଦେଖିବାର କନକର ଭ୍ରାନ୍ତି। ଚକ୍ଷୁ ପିଙ୍ଗଳ ଚକ୍ରାକୃତି। ଶରୀର ଦୀର୍ଘ ପୃଥୁଳ ଆକୃତି। ମୁହଁ ଅଛି ଚନ୍ଦ୍ର ଚବଟି।

× × ×

ଇଡ଼ା ପିଙ୍ଗଳା ସାଧିଅଛି। ମୂଳକମଳ ସାଧିଅଛି। ଖେଚରୀ ମୁଦ୍ରା ବନ୍ଧିଅଛି। ଜଗତ ଜାଙ୍କର ମୂଳଅଛି। ଏମନ୍ତ ସେ ଅବଧୂତ।

"ରୁଦ୍ର ସୁଧାନିଧିର ଗଦ୍ୟଶୈଳୀର ଅପେକ୍ଷାକୃତ ସ୍ପଷ୍ଟତା ଏବଂ ସେଥିରେ ସିଦ୍ଧବେଦକୁ ପଞ୍ଚମ ବେଦରୂପେ ଉଲ୍ଲେଖ ଥିବାରୁ ମନେହୁଏ, ରୁଦ୍ରସୁଧାନିଧି ରଚନା କାଳରେ ଯୋଗଶାସ୍ତ୍ର ହିସାବରେ ସିଦ୍ଧବେଦର ପ୍ରାମାଣିକତା ଓ ଲୋକ ପ୍ରିୟତା ପ୍ରତିଷ୍ଠିତ ହୋଇ ସାରିଥିଲା। ଏଥିରେ ଖେଚରୀ ମୁଦ୍ରା ଶବ୍ଦର ସଙ୍କେତ ଅନୁଧାବନ ଯୋଗ୍ୟ। ସିଦ୍ଧବେଦରେ ମଧ୍ୟ ଏ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ।

Digitized by srujanika@gmail.com

"କୁଣ୍ଡଳକୁ କାଳସର୍ପ ବୋଲି । ସର୍ପବୋଲି ପଡନ୍ତି, ଗୁହ୍ୟ ଦ୍ୱାରେ ବାମ ଗୋଇଠି ବୃଷି ଦେବ । ଚେବେ ଇଅଁଳା ପିଅଁଳାରେ ଖଂଜଲେ ଯେବ୍ହାକୁ କହନ୍ତି ଓଡ଼ିଆଣୀ ବୋଲି ।"

ଏ ଦୁଇ ଗ୍ରନ୍ଥରେ ଓଡ଼ିଆଣୀ ଶବ୍ଦର ପ୍ରୟୋଗ ଦ୍ୱାରା ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ପୂର୍ବ କଥିତ ଓଡ଼ିଆନ ଦେଶ ଯାହାକୁ ମତ୍ସ୍ୟେନ୍ଦ୍ର ନାଥଙ୍କ ଜନ୍ମଭୂମି ବୋଲି ପୂର୍ବରୁ ପ୍ରମାଣ ଦର୍ଶାଇ ଦିଆ ଯାଇଅଛି, ତାହା ଓଡ଼ିଶା ଏବଂ ତାହାର ଅଧିବାସୀ ଓଡ଼ିଆ ଓ ତାହାର ସ୍ତ୍ରୀଲିଂଗ ଓଡ଼ିଆଣୀ ଶବ୍ଦ ତନ୍ତ୍ରଶାସ୍ତ୍ରରେ ରହି ଆସିଲାଣି ଏବଂ ଯୋଗଶାସ୍ତ୍ରର ଏକ ବଶିଷ୍ଟ ମୁଦ୍ରାକୁ ଓଡ଼ିଆଣୀ ମୁଦ୍ରା ନାମରେ ନାମକରଣଦ୍ୱାରା ପ୍ରମାଣିତ ହୁଏ ଯେ, ସିଷ୍ଟବେଧ ରଚୟିତା ଗୋରକ୍ଷନାଥ ଏବଂ ରୁଦ୍ରସୁଧାନିଧି ରଚୟିତା ନାରାୟଣ ନନ୍ଦ ଅବଧୂତଙ୍କୁ ଓଡ଼ିଶାବାସୀ ଛଡା ଅନ୍ୟ କୌଣସି ଦେଶବାସୀ କଳ୍ପନା କରିବା ଅସମ୍ଭବ ।

ସିଷ୍ଟବେଧ ନାମର ତାତ୍ପର୍ଯ୍ୟ—ସୁଷୁମ୍ନା ନାଡୀର ସହ ଯୋଗରେ ଯୋଗସାଧନ ହେଉଛି ନାଥସିଦ୍ଧ ଯୋଗୀମାନଙ୍କର ପ୍ରଧାନ ସାଧନପଦ୍ଧତି । ଏହି ଯୋଗ ସାଧନ ତତ୍ତ୍ୱ ଯେଉଁ ଶାସ୍ତ୍ର ନିର୍ଦ୍ଦେଶ କରିଥାଏ, ତାହା ସୁଷୁମ୍ନାବେଧ ବା ସିଷ୍ଟବେଧ । ଏହି ସୁଷୁମ୍ନା ଶ୍ରୁତିରେ ସୂର୍ଯ୍ୟ ଓ ଚନ୍ଦ୍ର ନାମରେ ଅଭିହିତ ।

ସୁଷୁମ୍ନଃ ସୂର୍ଯ୍ୟରଶ୍ମିଶ୍ଚନ୍ଦ୍ରମା ଗନ୍ଧର୍ବସ୍ତସ୍ୟ
ନକ୍ଷତ୍ରାଣ୍ୟପ୍ସରସୋ ଭେକୁରୟୋ
ନାମ ! ସନ ଇଦଂ ବ୍ରହ୍ମକ୍ଷତ୍ରଂ ପାତୁ
ତସ୍ମୈ ସ୍ୱାହା ୍‌ବାଟ୍ ତାଭ୍ୟଃ ସ୍ୱାହା ।

ଶୁକ୍ଳ ଯଜୁର୍ବେଦ ବାଜସନେୟୀ ସଂହିତା
ମାଧ୍ୟନ୍ଦିନ ୧୮ ଶ ଅଧ୍ୟାୟ ୪୦ ଶ୍ଲୋକ

Digitized by srujanika@gmail.com

The Chandra who is of the form of Gandharba, who is Susumna, that is giver of Supreme Happiness to those who perform Sacrifices and whose rags are both the rags of the Sun, may that Chandra protect us Brahmanas and Khatriyas; We offer our oblations to him. His Apsaras are the stars who are illuminators (Bhekurayah). We offer our oblations to him (Translation by Swami Gambhirananda)

ଯେଉଁ ଚନ୍ଦ୍ର ଗନ୍ଧର୍ବର ଆକୃତି, ଯେ ସ୍ୱୟଂ ସୁଷୁମ୍ନା, ଯଜ୍ଞକାରୀଙ୍କୁ ଯେ ଶାଶ୍ୱତ ସୁଖ ପ୍ରଦାନ କରନ୍ତି, ଯାହାଙ୍କ କିରଣ ସୂର୍ଯ୍ୟଙ୍କ କିରଣ ସ୍ୱରୂପ, ସେହି ଚନ୍ଦ୍ର ବ୍ରାହ୍ମଣ ଏବଂ କ୍ଷତ୍ରିୟ ଆମ୍ଭମାନଙ୍କୁ ରକ୍ଷା କରନ୍ତୁ, ଆମ୍ଭେମାନେ ତାହାଙ୍କୁ ଆହୁତି ପ୍ରଦାନ କରୁଅଛୁ । ତାଙ୍କର ଅପ୍ସରାଗଣ ଆକାଶରେ ଉଦ୍ଭାସିତ ତାରକା ରାଶି, ଆମ୍ଭେମାନେ ସେମାନଙ୍କୁ ଆହୁତି ପ୍ରଦାନ କରୁଅଛୁ ।

ସୁଷୁମ୍ନା ନାଡ଼ୀର ଅବସ୍ଥିତି ଓ ସ୍ୱରୂପ ସମ୍ପର୍କରେ ତୈତ୍ତିରୀୟ ଉପନଷଦର ନିମ୍ନ ଉଦ୍ଧୃତ ଆଲୋଚ୍ୟ—

ସ ଯ ଏଷୋଽନ୍ତର୍ହୃଦୟ ଆକାଶଃ । ତସ୍ମିନ୍ନୟଂ ପୁରୁଷୋ ମନୋମୟ । ଅମୃତୋ ହିରଣ୍ମୟଃ । ଅନ୍ତରେଣ ତାଲୁକେ । ଯ ଏଷସ୍ତନ ଇବାବଲମ୍ବତେ । ସେନ୍ଦ୍ରଯୋନିଃ । ଯତ୍ରାସୌ କେଶାନ୍ତୋ ବିବର୍ତ୍ତତେ । ବ୍ୟପୋହ୍ୟ ଶୀର୍ଷକପାଲେ । ଭୂରିତ୍ୟଗ୍ନୌ ପ୍ରତି ତିଷ୍ଠତି ଭୁବ ଇତି ବାୟୌ ।

—ଷଷ୍ଠ ଅନୁବାକ୍, ୧।୬।୧

Digitized by srujanika@gmail.com

ହୃଦୟଦେଶ ମଧ୍ୟରେ ଏହି ଯେ ପ୍ରସିଦ୍ଧ ଆକାଶ, ତହିଁରେ ସେହି ବିଜ୍ଞାନମୟ ଅମୃତସ୍ୱରୂପ ଜ୍ୟୋତିର୍ମୟ ପୁରୁଷ ଅବସ୍ଥିତ । ତାଳୁଦ୍ୱୟ ମଧ୍ୟରେ ଏହି ଯେ ସ୍ତନସଦୃଶ ଲମ୍ବମାନ ମାଂସଖଣ୍ଡ ତାହାର ମଧ୍ୟ ଦେଇ ଏବଂ ଯେଉଁ ସ୍ଥାନରେ କେଶମୂଳ ବିଭକ୍ତ ହୋଇଅଛି, ସେହି ସ୍ଥାନରେ ଉପସ୍ଥିତ ହୋଇ ଯେଉଁ ସୁଷୁମ୍ନାନାଡ଼ୀ ମସ୍ତିଷ୍କ କପାଳଦ୍ୱୟ ଭେଦକରି ନିର୍ଗତହୋଇଅଛି । ସେହି ନାଡ଼ୀହିଁ ବ୍ରହ୍ମଲାଭର ପଥ । ସେହି ମାର୍ଗରେ ନିଷ୍କ୍ରାନ୍ତ ହୋଇ ଉପାସକ ଭୂଃ ଏହି ବ୍ୟାହୃତିରୂପୀ ଅଗ୍ନିରେ ପ୍ରତିଷ୍ଠିତ ହୁଅନ୍ତି । ଭୁବଃ ଏହି ବ୍ୟାହୃତିରୂପୀ ବାୟୁରେ ପ୍ରତିଷ୍ଠିତ ହୁଅନ୍ତି ।

ସୁଷ୍+ମ୍ନା+କର୍ତ୍ତୃବାଚ୍ୟେଡ଼+ସ୍ତ୍ରିୟାମ୍ ଆପ୍ ପ୍ରତ୍ୟୟ ଯୋଗେ ସୁଷୁମ୍ନା ଶବ୍ଦ ନିଷ୍ପନ୍ନ । ଏହାର ଅର୍ଥ ମେରୁଦଣ୍ଡବାହୀ ନାଡ଼ୀବିଶେଷ । ଯୋଗସାଧନ ବ୍ୟାପାରରେ ଏହି ନାଡ଼ୀରେ ଶ୍ୱାସ ପ୍ରଶ୍ୱାସ ନିୟନ୍ତ୍ରଣ ଏକ ଅପରିହାର୍ଯ୍ୟ ସାଧନା । ଗାୟତ୍ରୀ ବା ସାଧ୍ୟ ମନ୍ତ୍ର ଜପ କାଳରେ ଏହି ନାଡ଼ୀବାହିତ ବାୟୁର ନିୟନ୍ତ୍ରଣ କରାଗଲେ ସାଧନାସିଦ୍ଧି ଅନିବାର୍ଯ୍ୟ ।

ସୁଷୁମ୍ନା ନାଡ଼ୀର ଅବସ୍ଥିତି ସମ୍ପର୍କରେ ଶାସ୍ତ୍ରରେ ଅଛି—
ଇଡ଼ା ବାମେ ସ୍ଥିତା ନାଡ଼ୀ ପିଂଗଳା ଦକ୍ଷିଣେ ମତା ।
ତୟୋର୍ମଧ୍ୟଗତା ନାଡ଼ୀ ସୁଷୁମ୍ନା ଚ ସମାନ୍ୱିତା ।
ବ୍ରହ୍ମାନଂ ସମାପନ୍ନା ସୋମସୂର୍ଯ୍ୟାଗ୍ନି ରୂପିଣୀ ।

ଉପରେ ଉଦ୍ଧୃତ ଶ୍ରୁତି ଓ ଉପନିଷଦ ବାକ୍ୟରୁ ସୁଷୁମ୍ନା ଯେ ଚନ୍ଦ୍ର, ସୂର୍ଯ୍ୟ ଓ ଅଗ୍ନି ରୂପରେ ଶ୍ରୁତିର ବ୍ୟାହୃତି ଓ ମନ୍ତ୍ରର ଅଧିଷ୍ଠାତ୍ରୀ ଦେବତା—ଏହା ଶାସ୍ତ୍ରସିଦ୍ଧ ।

Digitized by srujanika@gmail.com

ସିଷ୍ଟୁ ଶବ୍ଦ ଏହି ସୁଷୁମ୍ନା ଶବ୍ଦରୁ ଅପଭ୍ରଷ୍ଟ । ଅନେକ ଗବେଷକ ଶିଶୁବେଦ ସୀସୁବେଦ ପ୍ରଭୃତି ଶବ୍ଦ ବ୍ୟବହାର କରିଛନ୍ତି । ମନେହୁଏ ସୁଷୁମ୍ନା ଶବ୍ଦରୁ 'ସିଷୁ' ଶବ୍ଦ ଗୃହୀତ ହୋଇଥିବାରୁ ଏହାର ବନାନ 'ସିଷୁବେଦ' ଅଧିକ ବ୍ୟାକରଣ ଓ ଯୁକ୍ତିସିଦ୍ଧ । ଏଣୁ ଏ ଗ୍ରନ୍ଥରେ 'ସିଷୁବେଦ' ଏହି ବନାନ ଗୃହୀତ ହୋଇଅଛି । ସିଷୁବେଦ ଯେ ସୁଷୁମ୍ନା ବେଦ ଶବ୍ଦରୁ ଗୃହୀତ, ଏହାର ପ୍ରମାଣ ସାରଳା ମହାଭାରତର ବହୁ ବାକ୍ୟରେ ମିଳେ ।

ସିଷୁବେଦର ପ୍ରାଧାନ୍ୟ—ସାରଳା ମହାଭାରତର ବନପର୍ବ ଓ ଅନ୍ୟାନ୍ୟ ଅନେକ ପର୍ବରେ ସିଷୁବେଦ ସିଷୁମ୍ନାବେଦ ରୂପରେ କଥିତ ହୋଇ ଥିବାର ଦେଖାଯାଏ, ଉଦ୍‌ଯୋଗପର୍ବରେ ଯେଉଁ ପାଞ୍ଚଟି ବେଦର ଉଲ୍ଲେଖ ଦେଖାଯାଏ ସେଥିରେ ସିଷୁମ୍ନା ବେଦ ଅନ୍ୟତମ । ଏହାଛଡ଼ା ମହାଭାରତରେ ଏହାକୁ ଋକ ସାମ ପ୍ରଭୃତି ବେଦ ସହିତ ସମପର୍ଯ୍ୟାୟ ଦାନକରି ପଞ୍ଚମ ବେଦ ବୋଲି ଉଲ୍ଲେଖ କରଯାଇ ଅଛି ।

ସାରଳା ମହାଭାରତରେ ସିଷୁବେଦର ଯେତେବାର ଉଲ୍ଲେଖ କରଯାଇ ଅଛି, ତାହା ସଂଗ୍ରହ କଲେ ଏକ ସ୍ୱତନ୍ତ୍ର ଗ୍ରନ୍ଥ ହେବ । ଏଣୁ ନମୁନାରେ କେତୋଟି ମାତ୍ର ପ୍ରଦତ୍ତ ହେଲା ।

ମଧ୍ୟ ପର୍ବରେ କାମାକ୍ଷାବ୍ରତ ପାଳନ ପ୍ରସଂଗରେ—

ସିଷୁବେଦୀ ହୋଇବେ ପଞ୍ଚବଂଶ ସହସ୍ର ବ୍ରାହ୍ମଣ ।

ଏହି ପର୍ବରେ ଶିବଙ୍କୁ ସିଷୁବେଦର ଜନ୍ମଦାତା ହିସାବରେ ଅନ୍ୟତ୍ର ବର୍ଣ୍ଣନା ଅଛି—

ଋକ ଯଜୁ ସାମ ଅଥର୍ବ ଚ୍ଛରବେଦ ଘୋଷଇ
ପଞ୍ଚମ ମୁଖରେ ସିଷୁବେଦ ଅଭ୍ୟାସଇ ।
ଯେମନ୍ତେ ପଞ୍ଚମ ବେଦ ମୁଁ ପଢ଼ଇ ବେଦବର ।

Digitized by srujanika@gmail.com

ଉଦ୍‌ଯୋଗପର୍ବ ୧୬୧ ପୃଷ୍ଠା—

ଆପୂର ଜ୍ୟୋତିର ଯେ ଧନୁର ସିଷମୁନା
ଜପା ଅଜପା ଗାୟତ୍ରୀ ଯେମନ୍ତେ ସପ୍ତବେଦ ଉଚ୍ଚପନା ।

ବନପର୍ବ କାମାକ୍ଷା ସ୍ତୁତି ୨୭୩ ପୃଷ୍ଠା—

ସ୍ୱରୂପ ସଖାଙ୍ଗୀ ଗୋ କାମାକ୍ଷୀ ସିଧ୍ୟଶ୍ୱରୀ
ସିଷମ୍ନା ବେଦ ସାଧ୍ୟାଙ୍ଗୀ ଗୋ ଶରୀର ମାତସାଙ୍ଗୀ

ବନପର୍ବ ୩୩୦ ପୃଷ୍ଠା—

ଆପୂର ଜ୍ୟୋତି ସିଷମ୍ନା ମନ୍ତ୍ରସାଧି ବ୍ରହ୍ମହତ୍ୟା ପାରକର

ବନପର୍ବ ୪୫୦ ପୃଷ୍ଠା—

ଆପୂର ଜ୍ୟୋତ ଧନୁ ସିଷମୁନା ଅଯପା ପଞ୍ଚମହାମନ୍ତ୍ରେ
ଯଥା ବାକ୍ୟ ଉଚ୍ଚାରଣ କରନ୍ତ୍ର ପ୍ରୋକ୍ତବତେ ।

ବନପର୍ବ ୫୮୩ ପୃଷ୍ଠା—

ସ୍ୱାମୀ ଆପୂର ଯୋତିର ଯେ ଧନୁ ସିଷମ୍ନା
ସେ ତୋହର ଶରୀରକୁ ଗୋପ୍ୟାନ ମେଖଳା ସିନା

ସଭାପର୍ବ ୩୦୫ ପୃଷ୍ଠା—

ଆବର ଯୋତଧନୁ ସିଷୁମ୍ନା ଗୃଶବେଦ ତଜମନ୍ତ୍ରେ
ଉଙ୍କାଣି ଉଠାଇଲୁ ମାତ ଗୋ ତୋହର ଅଯପା କୃଷ୍ଣମନ୍ତ୍ରେ

ସଭାପର୍ବ ୫୯୯ ପୃଷ୍ଠା—

ଯେକଣ ଶାସ୍ତ୍ର ବାହାର ସିଷୁମ୍ନା ବେଦୁ
ଶୂଦ୍ରମୁନି ପଦ ମୋର ଶ୍ରୀସାରଳା ପ୍ରସାଦୁ ।

ବନପର୍ବ ୫୯-୭୦ ପୃଷ୍ଠା—

ସଇନ୍ଦ୍ର ବାମେ ଇଶାନ ସେ ପୁରୁଷ ପଞ୍ଚବଦନ
ଅଜପା ପଞ୍ଚବେଦ ସିଷୁମ୍ନା ଯୋଗଧ୍ୟାନ ।

Digitized by srujanika@gmail.com

ଷଗଠ ପର୍ବ ୨୬୩ ପୃଷ୍ଠା

ପିଷ୍ଟୁମୁନା ବେଦେଣ ଯେ ଲିଙ୍କ ଦ୍ୱିଜ
ପିନ୍ଧୁ ଦୋଷ ପ୍ରାପ୍ତେ ଶୁଭଇ ସମ୍ଭବ ତେଜ ।
ଅଇପା ଗାୟତ୍ରୀ ପାଞ୍ଚ ସହସ୍ର ଦ୍ୱିଜ ସତୀ
ଯୋଗ ଅଭ୍ୟାସେଣ ପାଞ୍ଚସହସ୍ର ଇଙ୍ଗମବଂଶୀ ।

ପିଷ୍ଟୁବେଦର ଉଲ୍ଲେଖ ଯେଉଁ ସବୁ ଅଧ୍ୟାତ୍ମ ଗ୍ରନ୍ଥରେ ଦେଖାଯାଏ, ତନ୍ମଧ୍ୟରେ ସାରଳା ମହାଭାରତର ପରବର୍ତ୍ତୀ ପ୍ରସିଦ୍ଧ ଗ୍ରନ୍ଥ ବଷ୍ଟୁଗର୍ଭ ପୁରାଣରେ ସର୍ବାଧିକ ଉଲ୍ଲେଖ ଦେଖାଯାଏ । ସେ ସମସ୍ତ ସଗ୍ରହ କଲେ ଗୋଟିଏ କ୍ଷୁଦ୍ର ପୁସ୍ତିକା ହୋଇ ପାରିବ । ନିମ୍ନରେ କେତୋଟି ମାତ୍ର ଉଲ୍ଲେଖ ପ୍ରଣିଧାନ ଯୋଗ୍ୟ ।

ବଷ୍ଟୁ ଗର୍ଭପୁରାଣ, ୪ର୍ଥ ଅଧ୍ୟାୟ—

ସାମ ଋକ ଯଜୁ ଅଥର୍ବ ମଧ୍ୟେ ପିଷ୍ଟୁବେଦ
ପିଷ୍ଟୁବେଦ ମଧ୍ୟେ ଅଛି ବ୍ରହ୍ମବନ୍ଧ ଭେଦ ।

୬ଷ୍ଠ ଅଧ୍ୟାୟ—

ଗୃଢ଼ବେଦ ମଧ୍ୟେ ପିଷ୍ଟୁବେଦ ନାମ ଏକ ।
ତାହାର ଯେ ପରାକ୍ରମ ସବୁଠୁଁ ଅଧିକ ।

× × ×

ଜୀବ ଆତ୍ମା ରହିଲା ଯେ ପିଷ୍ଟୁବେଦ ଘରେ

୧୧ଶ ଅଧ୍ୟାୟ—

ପିଷ୍ଟୁ ବେଦକୁ ଭେଦକଲେ
ଜୀବ ପରମ ଏକ ହୋନ୍ତି
ପିଷ୍ଟୁବେଦ ପୁରାଣର ମହିମା ଏବେ ଶୁଣ ।
ବେଦବ୍ୟାସ ତତ୍ତ୍ୱ ଆଣି ଥୋଇଲେ ଯେତେ ଶୁଣ ।

Digitized by srujanika@gmail.com

ନାରଦ ବୋଇଲେ ତୁ ଶୁଣସି ନାଗକନ୍ୟା
ଶିଷ୍ଟବେଦ ପୁରାଣେ ଅଛି ପ୍ରକଟ ସାଧ ବାଞ୍ଛା ।
ଶିଷ୍ଟବେଦ ପୁରାଣ ପଢ଼ନ୍ତି ଯେତେ ପ୍ରାଣୀ
ଏ ମନ୍ତ୍ରୀ ମଣ୍ଡଳେ ସେମାନେ ବୋଲନ୍ତି ବ୍ରହ୍ମଜ୍ଞାନୀ ।

× × ×

ଋକବେଦୁ ଗୁପ୍ତଖଣ୍ଡ ପୁରାଣ ହୋଇଲା
ଅଥର୍ବ ବେଦରୁ ଗୁପ୍ତଖଣ୍ଡ ପ୍ରକାଶିଲା ।
ବେନାଖଣ୍ଡ ପୁରାଣ ଯେ ଶିଷ୍ଟବେଦୁ ନିର୍ମାଣ
ଏ ସବୁ ଲେଖନ୍ତେ ହୋଇଲା ଅଷ୍ଟାଦଶ ପୁରାଣ ।

× × ×

ଗୁପ୍ତବେଦ ମଧ୍ୟରେ ଶିଷ୍ଟବେଦ ଏକ ଥୋଇଲା

× × ×

ଜୀବଆତ୍ମା ରହିଲା ଯେ ଶିଷ୍ଟବେଦ ଘଟରେ

ବିଷ୍ଣୁଗର୍ଭ ପୁରାଣ ବ୍ୟତୀତ ତତ୍ ପରବର୍ତ୍ତୀ ପ୍ରାୟ ପାବଣ୍ଡସୁ ଅଧ୍ୟାତ୍ମ ଗ୍ରନ୍ଥରେ ଶିଷ୍ଟବେଦର ଉଲ୍ଲେଖ ଦେଖାଯାଏ । ପଞ୍ଚସଖାଙ୍କର ରଚନାରେ ଶିଷ୍ଟବେଦର ସ୍ଥାନ ଅତି ଉଚ୍ଚ ଏବଂ ଏହା ଯୋଗଶାସ୍ତ୍ର ଏକ ପ୍ରଧାନ ଓ ପ୍ରାମାଣିକ ଗ୍ରନ୍ଥରୂପେ ସ୍ୱୀକୃତ ।

ବଳରାମଦାସଙ୍କ ବ୍ରହ୍ମଗୀତାରେ—

ସେ ଗୁପ୍ତବେଦଙ୍କର ଶିରରେ ନିରାକାରଙ୍କର ସ୍ଥାନ ।
ସେଠାରେ ଶିଷ୍ଟବେଦ ବସଇ । ଜିହ୍ୱାରେ ଓଁକାର
ବେଦ ବସଇ । ସେମନ୍ତେ ଚଉଠ ବେଦ ।

Digitized by srujanika@gmail.com

ଦୋ ମୂର୍ଦ୍ଧା ସର୍ପ ଶିଖାରେ ଗର୍ଜଇ
ଶୁଭେ ଅନହତ ଧ୍ୱନ
ସତ୍ୟ ସୂକ୍ଷ୍ମ ଏହୁଟି ଷିଷ୍ଠବେଦ
ପାରୁ ଯେବେ ପାର୍ଥ ଚହ୍ନି ।

ବଳରାମଦାସଙ୍କ ବିରାଟ ଗୀତାରେ—

ଚକ୍ଷୁରେ ଯଜୁର୍ବେଦ ବସେ
ଅଥର୍ବବେଦ କର୍ଣ୍ଣଦେଶେ
ଷିଷ୍ଠବେଦକି ଶୂନ୍ୟ ଥାଇ
ଏମନ୍ତ ପାଞ୍ଚବେଦ କହି ।

ବଳରାମଦାସଙ୍କ ଗୁପ୍ତଗୀତା—

ଷଷ୍ଠବେଦ ସାଧିଲେଟି ମନଥିର ହୋଇ ।

ବଳରାମଦାସଙ୍କ ଘାଣ୍ଟିଧାର ଗୀତା—

ଷିଷ୍ଠବେଦଙ୍କ ଶୁଣ ପାର୍ଥ ବୁଦ୍ଧ
ତ୍ରିକୂଟଠାରେ ସ୍ଥାପନା
ଗଙ୍ଗା ଯମୁନା ଦୁଇ ପୃଷ୍ଠା ମଧ୍ୟରେ
ଚଳକ୍ରୁ ଧାଟରେ ରଚନା
ସେହି ଠାବରୁ ତେଜ ଉପର
ବହୁ ଅଛି ନୃପବର
ଶବଦ ବାଇ ଷିଷ୍ଠବେଦ ସେହ
ତା ପରେ କୃଷ୍ଣ ଉଦାର ।
ସ୍ୱର ସର୍ବେବର ସ୍ୱରୂପ ଗର
ମଧ୍ୟେ ଷିଷ୍ଠବେଦ ଶୋଭ

Digitized by srujanika@gmail.com

ଗହଳ ଚହଳ ଶବଦ ବାରିବ ଶୂନ୍ୟ ସମାଧିକି ଲୋଡ଼ି ।

ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତା—

ସିଷୁବେଦ ହଲଠ ସେ ଅନାହତର ଦେହ
ପୂରୁଅଛି ନାଦ ଘୋଷ ଜଗତ ସେ ମୋହ ।

ଅଚ୍ୟୁତାନନ୍ଦଙ୍କ ଘଟସାଗର—

ଆରକ୍ତ ରୁକ ଅଥବ ଲୋହିତରେ
ନୀଳବର୍ଣ୍ଣ ଧରେ ସିଷୁବେଦରେ ।

ଅଚ୍ୟୁତାନନ୍ଦଙ୍କ ଅଣାକାର ସଂହିତା—

ସିଷୁ ଶବ୍ଦେ ଚିତ୍ତ ଦେଇ
ବ୍ରହ୍ମ ସ୍ୱରୂପେ ଅଛି ଧ୍ୟାୟି ।

ଅଚ୍ୟୁତାନନ୍ଦଙ୍କ ବ୍ରହ୍ମ ସାଂକୋଳ—

ସିଷୁ ବେଦୁ ଏ ବାକ୍ୟ ଉଦେ ।
ମୋହନ୍ତ ଶିକ୍ଷା ଦୀକ୍ଷା ପଦେ ।

ଜଗନ୍ନାଥ ଦାସଙ୍କ ନଳଗିରି ଧ୍ୟାନ—

ଓଁକାରଂ ସିଷୁବେଦଞ୍ଚ ଭବସୃତ ସାଧୁ ଉତ୍ତମା
କଣ୍ଠମୂଳେ ସ୍ଥିତା ଦୃଷ୍ଟି ଦୃଷ୍ଟ ଚ ବାୟୁ ମଣ୍ଡଳେ
ପୂର୍ଣ୍ଣବ୍ରହ୍ମ ଭବେଦ୍ ଜ୍ୟୋତି ଆଦବୈଦ୍ଧ ନମୋନମଃ ।

କୃଷ୍ଣଦାସଙ୍କ ନାମବ୍ରହ୍ମ ଗୀତା ୨୫ ପୃଷ୍ଠା—

ନିଶବଦ ଘରୁ ସିଷୁ ବେଦ ହେଲା
ଚନ୍ଦ୍ର ଜନ୍ମ ଷୋଳ ଗୋପୀ ।

ଯୋଗୀନ୍ଦ୍ର ଦାଣ୍ଡ ଧୂଆରେ ୪ ପୃଷ୍ଠା—

ଠୂଳ ଶୂନ୍ୟ ଉପରେ ଯେ ସିଷୁବେଦ ଅଛି
ଅନାହତ ଧ୍ୱନି ସେଠାବରେ ହେଉଅଛି ।

Digitized by srujanika@gmail.com

ଯୋଗାନ୍ତ ସୂତ୍ରରେ—

ପିଣ୍ଡବେଦ ଧ୍ୱନି ଯେ ମୂଳ ଅନାହତ ଧ୍ୱନି
ଯେଉଁ ଧ୍ୱନି ଲାଗି ଅଛନ୍ତି ସିଦ୍ଧ ବ୍ରହ୍ମା ମୁନି
ପରମ ଗୋପନକଥା ଅଜପା ଏହାର ନାମ

ଅଜ୍ଞାନ ମୋଚନରେ—

ଅଲେଖ ମୁଦ୍ରାକୁ ଧରିଥିବୁ ଠାଣି
ପିଣ୍ଡବେଦ ତତ୍ତ୍ୱ ଥିବୁ ଯେ ଜାଣି ।

ଦ୍ୱାରକା ଦାସଙ୍କ ଶିବସ୍ୱରଣ—

ପିଣ୍ଡବେଦ ବୋଲି ଯାହା ପଚାରିଲୁ ସଖୀ
ଶୂନ୍ୟରେ ଲୁଚିଛି ତାକୁ କେହି ନାହିଁ ଦେଖି
ଅଣାକାର ଘରେ ଯେ ଅନନ୍ତର ପୁର
ଓଁ କାର ଊର୍ଦ୍ଧ୍ୱରୁ ଯେ ପିଣ୍ଡବେଦ ବାହାର ।

ଅଚ୍ୟୁତ ଭଜନରେ—

ହ ଅକ୍ଷର ପିଣ୍ଡବେଦ ପ୍ରମାଣ
ସ ଅକ୍ଷରୁ ହୋଇଛି ପବନ ।

ସିଦ୍ଧବାରଙ୍କ ବ୍ରହ୍ମକୁଣ୍ଡଳୀରେ—

ଋକ ସାମ ଯଜୁ ଅଥର୍ବ ଏ ପୁଣ ।
ଅବ୍ୟକ୍ତ ପିଣ୍ଡବେଦ ଅଟେ ପୁଣ ।
ପିଣ୍ଡବେଦଟି ନିର୍ଗୁଣ ହୋଇଛି ।
ତ୍ରିବେଣୀ ନାଦେ ଏକାକାର ଥିଭ ।

ଭେଦଗୀତାରେ—

ସେହୁଣୁ ପିଣ୍ଡବେଦ ସବୁର ପ୍ରାଣ ।
ମହା ଶୂନ୍ୟରୁ ହୋଇଲା ଜନମ ।

Digitized by srujanika@gmail.com

ସିଷ୍ଟବେଦରେ 'କାଳ କମଳ' 'ନିରଂଜନ' ଏ ଶବ୍ଦଗୁଡ଼ିକ ବିଶିଷ୍ଟ ଶ୍ଳୋକରୁ ଦେଖାଯାଏ । ପରବର୍ତ୍ତୀ ଅଧିକାଂଶ ଅଧ୍ୟାତ୍ମ ସାହିତ୍ୟରେ ଏ ଶବ୍ଦ ଗୁଡ଼ିକର ବହୁଳ ପ୍ରୟୋଗ ଦୃଷ୍ଟିରୁ ସିଷ୍ଟ-ବେଦର ପ୍ରାମାଣିକତା ଓ ପ୍ରସିଦ୍ଧି ପ୍ରମାଣିତ ହୁଏ ।

ସିଷ୍ଟବେଦର ବିଶିଷ୍ଟ ଶ୍ଳୋକ—

କାଳ କମଳ ନିରଂଜନ ତନହେଁ
ସେବକଇ ଠାକରେ ବାସ
ଯେଉଁ ଗୁରୁ ପ୍ରତି ପ୍ରତି କରି କହବ
ସେ ଗୁରୁର ମୁହଁ ଦାସର ଦାସ ।

ହିନ୍ଦି ଭାଷାରେ ଲିଖିତ ଗୋରେଖବାଣୀ ଗ୍ରନ୍ଥଟି ସିଷ୍ଟବେଦର ହିନ୍ଦି ସଂସ୍କରଣ । ଗୋରେଖ ବାଣୀରେ ଏହା ସର୍ବଂବେଦ, ସଂଧିବେଦ, ସପ୍ତମବେଦ ପ୍ରଭୃତି ନାମରେ ଅଭିହିତ ।

ଓଡ଼ିଆ ଭାଷାରେ ଅଧିକାଂଶ ଯୋଗ ଶାସ୍ତ୍ରରେ ଲେଖକ ଯୋଗଶାସ୍ତ୍ରର ପଦ୍ଧତି ବର୍ଣ୍ଣନପରେ ଭଗବତ୍‌ନାମ ଜପ ଓ କୀର୍ତ୍ତନକୁ ପ୍ରାଧାନ୍ୟ ଦେଇଅଛନ୍ତି । ଏଥିରୁ କେହି କେହି ମତ ବ୍ୟକ୍ତ କରନ୍ତି ଯେ, ଏହା ପରବର୍ତ୍ତୀ ବୈଷ୍ଣବ ଧର୍ମର ପ୍ରଭାବର ସମିଶ୍ରଣ । ତାହା କିନ୍ତୁ ସତ୍ୟ ନୁହେଁ । ଶ୍ରୀମଦ୍ ଭାଗବତ କଳିଯୁଗରେ ନାମକୀର୍ତ୍ତନକୁହିଁ ପ୍ରାଧାନ୍ୟ ଦେଇଛନ୍ତି । ତାହାର କାରଣ, କଳିଯୁଗରେ ମାନବ ଅନ୍ନଗତପ୍ରାଣ, ଯୋଗାଦି କଠିନ ଦେହସାଧ୍ୟ ସାଧନ ପ୍ରଣାଳୀ ଅନୁସରଣ କରିବାକୁ ଅକ୍ଷମ । ୧୦ମ ଶତାବ୍ଦୀ ପୂର୍ବରୁ ରଚିତ ସିଷ୍ଟବେଦର ଶେଷ ଶ୍ଳୋକଟି ଅନୁଧାବନ କଲେ ବୁଝାପିବ ଯେ, ନାମ ସଂକୀର୍ତ୍ତନହିଁ ସର୍ବଶ୍ରେଷ୍ଠ ଯୋଗ, ଏହା ଗୋରକ୍ଷନାଥ ମଧ୍ୟ ପ୍ରଚାର ଓ ପ୍ରସାର ଆରମ୍ଭକରି ଯାଇଥିଲେ ।

Digitized by srujanika@gmail.com

ରାମନାମ ଯେ ଦୁଇଗୋଟି ଅକ୍ଷର
ଯେହୁ ଚିନ୍ତିଲେ ନାହିଁ ଜପତନ୍ତ ।
ନାହିଁ ସ୍ନାହାନ ସନ୍ଧ୍ୟାନାହିଁ ତର୍ପଣ ନାହିଁ ନାହିଁ ଶୁଚ
ଗୁରୁମୁଖେ ନାହିଁ ପୂଚ୍ଛି
ଯେହୁ ଯେ ଦୃଢ଼କରି ଧରଇ
ତାକୁ ସେ ବୋଲି ଅଚ୍ୟୁତ ଗୋସାଇଁ
ତାହାର ନାହିଁ ନାନା ବାରବ୍ରତ
ଯେ ନାମ ଧରଇ ହୁଅଇ ମୁକତ ।

ତେବେ ଯୋଗାଦି କୃଚ୍ଛ୍ର ସାଧନର ପ୍ରୟୋଜନର ସାର୍ଥକତା ଏଇଥି ପାଇଁ ଯେ, ମାନବର ରୁଚି ଓ ଅଧିକାର ବିଭିନ୍ନ । ଏଣୁ ଭାରତୀୟ ଦର୍ଶନ ଶାସ୍ତ୍ରରେ ବହୁମତ ଓ ବହୁପଥର ନିର୍ଦ୍ଦେଶ ଦେଖାଯାଏ । ଲକ୍ଷ୍ୟ କିନ୍ତୁ ଏକ ଏବଂ ଅଭିନ୍ନ । ଭିନ୍ନତା ମଧ୍ୟରେ ଏକତା, ବହୁ ମଧ୍ୟରେ ଏକର ସନ୍ଧାନ ଯାବତୀୟ ଭାରତୀୟ ଦର୍ଶନ ଚିନ୍ତାର ମୂଳମନ୍ତ୍ର । ବାହାରେ ଦେଖିବାକୁ ଗଲେ ଯୋଗସାଧନ ଓ ନାମକୀର୍ତ୍ତନ ଏ ଦୁଇଟି ପନ୍ଥା ଭିନ୍ନମୁଖୀ, କିନ୍ତୁ ଓଡ଼ିଶାର ଯାବତୀୟ ଜ୍ଞାନ-ଯୋଗ-ମିଶ୍ର ଅଧ୍ୟାତ୍ମ ଓ ଭକ୍ତିତତ୍ତ୍ୱ ଏହି ଦୁଇ ଚିନ୍ତାର ଅପୂର୍ବ ସମନ୍ୱୟ ଦର୍ଶାଇ ପାରନ୍ତି । ପଞ୍ଚସଖା ସାହିତ୍ୟ, ଭୂପତି ପଣ୍ଡିତଙ୍କ ପ୍ରେମ ପଞ୍ଚାମୃତ, ଏପରିକି ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ ଏହାର ପ୍ରକୃଷ୍ଟ ପ୍ରମାଣ ।

—o—

Digitized by srujanika@gmail.com

କାୟସିଦ୍ଧି

ନାଥ ସମ୍ପ୍ରଦାୟ ମତରେ ଯୋଗ ସାଧନହିଁ ପରମାର୍ଥ ଲାଭର ପ୍ରଧାନ ଉପାୟ । ଏହି ଯୋଗ ଶରୀର ଓ ମନଦ୍ୱାରା ସାଧନ କରାଯାଏ, ଏଣୁ ଶରୀର ଓ ମନକୁ ନିରୋଗ ଉବହ୍ଲାନ ଓ ସାଧନକ୍ଷମ ଅବସ୍ଥାରେ ସର୍ବଦା ନ ରଖିଲେ ଯୋଗ ସାଧନ ବ୍ୟାହତ ହୁଏ । ଏଥିପାଇଁ ନାଥ ସିଦ୍ଧମାନେ କାୟସିଦ୍ଧି ପାଇଁ ପ୍ରାଣାୟାମ, ହଠଯୋଗ ଓ ରସାୟନ ବିଦ୍ୟାର ଆଶ୍ରୟ ଗ୍ରହଣ କରୁଥିଲେ ।

ନାଥ ମାର୍ଗରେ ବିନ୍ଦୁରକ୍ଷା ହିଁ ପ୍ରଥମ ସାଧନ । ବିନ୍ଦୁରକ୍ଷାର ସୁଫଳ ଓ ବିନ୍ଦୁକ୍ଷୟର କୁଫଳ ଦେଖାଇବା ପାଇଁ ନାଥ ଧର୍ମର ଗ୍ରନ୍ଥମାନଙ୍କରେ ବହୁ ଉପାଖ୍ୟାନ ଓ ନିଦର୍ଶନ ଦେଖାଯାଏ । ମୀନନାଥଙ୍କର ନାରୀସଂସର୍ଗ ଓ ଗୋରକ୍ଷନାଥଙ୍କ ଦ୍ୱାରା ତାଙ୍କର ଉଦ୍ଧାର କାହାଣୀ ଏ ପ୍ରସଙ୍ଗରେ ଉଲ୍ଲେଖ ଯୋଗ୍ୟ । ଗୋରକ୍ଷନାଥ ପ୍ରଥମେ ବୌଦ୍ଧ ଥିଲେ । ତାଙ୍କର ବୌଦ୍ଧନାମ ରମଣବଜ୍ର ବା ଅନଙ୍ଗବଜ୍ର । ସେ ବୌଦ୍ଧ ସହଜିଆ ମାନଙ୍କର ସାଧନ ନାମରେ ପ୍ରଚଳିତ ବ୍ୟଭିଚାରକୁ ପସନ୍ଦ ନକରି ବୌଦ୍ଧ ଧର୍ମ ତ୍ୟାଗକଲେ ଏବଂ ନାଥଧର୍ମ ପ୍ରଚାର କଲେ । ଯେଉଁମାନେ ଗୋରକ୍ଷନାଥ ପ୍ରଭୃତି ନାଥସିଦ୍ଧମାନଙ୍କୁ ବୌଦ୍ଧ ସହଜିଆ ସମ୍ପ୍ରଦାୟ ଭୁକ୍ତ ବୋଲି ମତ ପୋଷଣ କରନ୍ତି, ସେମାନଙ୍କର ଉକ୍ତମତ ଯେ ଭ୍ରାନ୍ତ, ଏହା ଏଥିରୁ

ପ୍ରମାଣିତ । ନାଥସିଦ୍ଧମାନଙ୍କର କାୟସିଦ୍ଧି ପ୍ରଚେଷ୍ଟାହିଁ ଯୌନ ବ୍ୟଭିଚାର ପ୍ରଶ୍ରୟ ନ ଦେବାର ପ୍ରକୃଷ୍ଟ ପ୍ରମାଣ ।

ଭାରତର ପ୍ରାଚୀନ ସାଧନ ପନ୍ଥାଗୁଡ଼ିକ ଆଲୋଚନା କଲେ ବୁଝାପିବ ଯେ, ପ୍ରତ୍ୟେକେ କାୟସିଦ୍ଧି ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ନାଥସିଦ୍ଧମାନଙ୍କର କାୟସିଦ୍ଧିର ପନ୍ଥା ସମଧିକ ବ୍ୟାପକ । କାରଣ, ସେମାନେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ । କାୟସିଦ୍ଧି ପାଇଁ ସେମାନେ ପ୍ରାଣାୟାମ, ହଠଯୋଗ ପନ୍ଥା ସହିତ ରସାୟନ ବିଦ୍ୟାଚର୍ଚ୍ଚା ବିଶେଷଭାବରେ କରୁଥିଲେ । ରସାୟନ ବିଦ୍ୟା ବା ଚିକିତ୍ସାବିଦ୍ୟାରେ ନାଥଧର୍ମାବଲମ୍ବୀମାନେ ବଂଶପରମ୍ପରାକ୍ରମେ ପାରଦର୍ଶିତା ରକ୍ଷାକରି ଆସୁଅଛନ୍ତି । ଆଜି ପର୍ଯ୍ୟନ୍ତ ଦେଖାଯାଏ, ନାଥଧର୍ମାବଲମ୍ବୀମାନେ ବୈଦ୍ୟଶାସ୍ତ୍ର ଅଧ୍ୟୟନ ଅଧ୍ୟାପନ ଓ କବିରାଜ ଚିକିତ୍ସା ବଂଶାନୁକ୍ରମେ କରିଆସୁଛନ୍ତି । ପ୍ରାୟ ପ୍ରତ୍ୟେକ ଗୃହସ୍ଥଙ୍କରେ ଓ ମଠମାନଙ୍କରେ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ସହିତ ଚିକିତ୍ସାଶାସ୍ତ୍ରର ପୋଥି ଦୁଇ ଚାରିଖଣ୍ଡ ନିଶ୍ଚୟ ପୂଜିତ ହେଉଥିବାର ଦେଖାଯାଏ ।

ରସାୟନୀ ମହାବିଦ୍ୟା ସିଦ୍ଧିର୍ଭବତି ନିଶ୍ଚିତମ୍ ।

(ଗୋରକ୍ଷ ସିଦ୍ଧାନ୍ତ ସଂଗ୍ରହ ୪୫ପୃଷ୍ଠା)

ରସାୟନ ବିଦ୍ୟା ଓ ଚିକିତ୍ସା ବିଦ୍ୟା ଯୋଗୀମାନଙ୍କ ପକ୍ଷରେ କେତେଦୂର ଅପରିହାର୍ଯ୍ୟ, ତାହା ଉକ୍ତ ବଚନରୁ ସ୍ପଷ୍ଟ ପ୍ରମାଣିତ ହୁଏ ।

ରସାୟନବିଦ୍ୟା ଦ୍ୱାରା ନାଥଧର୍ମାବଲମ୍ବୀ ଯୋଗୀ ଦେହକୁ ନିରୋଗ ଓ ସାଧନକ୍ଷମ କରି ନିର୍ବିଘ୍ନ ସାଧନାଭ୍ୟାସ ଦ୍ୱାରା ସିଦ୍ଧିଲାଭ କରନ୍ତି ଓ କାଳକୁ ଜୟ କରନ୍ତି ।

Digitized by srujanika@gmail.com

ଯୋଗଦେହଂ ସୃଜତ୍ୟେବ କାଳମିତ୍ୟଭ୍ରୁବଚ୍ୟୁତମ୍ ।
ହନ୍ତ୍ର ବୈଷ୍ଣବିକଂ ଦେହଂ ତନ୍ନାଥଃ କଦମ୍ବଶ୍ୱରଃ ॥
(ଗୋରକ୍ଷସିଦ୍ଧାନ୍ତ ସଂଗ୍ରହ ୫୩ପୃଷ୍ଠା)

ସିଦ୍ଧଦେହ ବା ଶୁଦ୍ଧ ଦେହକୁ 'ପ୍ରଣବତନୁ' କୁହଯାଏ । ଏହାକୁ ମନ୍ତ୍ରଦେହ ମଧ୍ୟ କହନ୍ତି । ଯୋଗ ବା ବୈଷ୍ଣବ ମତରେ ଦେହ ଭୋଗାୟତନ ବା ଭୋଗର ସାଧନ ନୁହେଁ । ଏହା ପରମାର୍ଥ ସାଧନର ପ୍ରଧାନ ଅବଲମ୍ବନ । ବୈଷ୍ଣବ ମତରେ ଦେହର ବିଭିନ୍ନ ଅଂଗ ପ୍ରତ୍ୟଂଗ ବିଭିନ୍ନ ଭଗବତ୍ ବିଗ୍ରହମାନଙ୍କର ଅଧିଷ୍ଠାନ କ୍ଷେତ୍ର ଏଣୁ ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଂଗରେ ତାହା ଉପଲବ୍ଧି କରି ତଦ୍ଦ୍ୱାରା ପରମାର୍ଥ ସାଧନ ବିଧେୟ । ଶ୍ରୀମଦ୍ ଭାଗବତରେ ମହାରାଜ ଅମ୍ବରୀଷ ଉପାଖ୍ୟାନ ପ୍ରସଂଗରେ ଅଛି ଯେ, ମହାରାଜ ଅମ୍ବରୀଷ ମସ୍ତକାଦି ସମସ୍ତ ଅଂଗପ୍ରତ୍ୟଂଗକୁ ଭଗବତ୍ ସେବାରେ ନିୟୋଗକରି ନବଧାଭକ୍ତି ସାଧନଦ୍ୱାରା ସିଦ୍ଧ ଦେହରେ ଭଗବତ୍‌ଚରଣସେବା ଲାଭ କରିଥିଲେ ।

ନାଥଧର୍ମାବଲମ୍ବୀ ଯୋଗାଚାର୍ଯ୍ୟଗଣ ଦେହ ବା ପିଣ୍ଡକୁ ବ୍ରହ୍ମାଣ୍ଡ ବା ସୃଷ୍ଟିର ଅଣୁସଂସ୍କରଣ ବୋଲି କଳ୍ପନା କରୁଥିଲେ ଏବଂ ଦେହାଭ୍ୟନ୍ତରସ୍ଥ ଯାବତୀୟ ଅଂଶ ଓ ଅଂଗପ୍ରତ୍ୟଂଗକୁ ବିଭିନ୍ନ ଦେବତାଙ୍କର ଅଧିଷ୍ଠାନ କ୍ଷେତ୍ରରୂପେ ଭାବନା କରି ମନ୍ତ୍ର ଜପ ଦ୍ୱାରା ସିଦ୍ଧିଲାଭ କରିବାର ପ୍ରୟାସୀ ଥିଲେ । ବେଦାନ୍ତ ଓ ଯୋଗମତେ ଶରୀର ତିନି ପ୍ରକାର, ସ୍ଥୂଳ ଶରୀର, ସୂକ୍ଷ୍ମ ଶରୀର ଓ କାରଣ ଶରୀର । ସ୍ଥୂଳ ଶରୀର ପଞ୍ଚଭୂତାତ୍ମକ, ସୂକ୍ଷ୍ମ ଶରୀର ସପ୍ତଦଶ ଅବୟବଯୁକ୍ତ । କାରଣ ଶରୀର ସଦସଦ୍ ଅଜ୍ଞାତ, ଅନିର୍ବଚନୀୟ, ଅନାଦି । ଆତ୍ମା ଏହି ତ୍ରିବିଧ ଉପାଧି ଶରୀରଠାରୁ

Digitized by srujanika@gmail.com

ପୃଥକ । ନାଥ ସଂପ୍ରଦାୟ ମତରେ ଭୌତିକ ଅର୍ଥାତ୍ ପଞ୍ଚଭୂତାତ୍ମକ ଦେହ ଚଞ୍ଚଳ ଓ ପରିବର୍ତ୍ତନଶୀଳ ହେଲେ ମଧ୍ୟ ତାହା ଆତ୍ମପ୍ରକାଶର ଆଶ୍ରୟସ୍ଥଳ । ଏହାର ମଳିନତା ଏହାର ଏକମାତ୍ର ଦୋଷ । ଏହି ମଳିନତା ଦୂର କରି ଗୋଟିଏ ଅକ୍ଷତ ଦେହର ସ୍ଥିତିର ବ୍ୟବସ୍ଥା ହୋଇ ପାରିଲେ ଚୈତନ୍ୟ ଲୋପ ହେବନାହିଁ । ପାଞ୍ଚରାତ୍ରିୟ ବୈଷ୍ଣବ ଆଚାର୍ଯ୍ୟମାନେ ମଧ୍ୟ ଶୁଦ୍ଧ ଦେହକୁ ବିଶୁଦ୍ଧ ସତ୍ତ୍ୱମୟ ବୋଲି ବର୍ଣ୍ଣନା କରିଛନ୍ତି । ଏହି ବିଶୁଦ୍ଧ ସତ୍ତ୍ୱ ଅପ୍ରାକୃତ ଅର୍ଥାତ୍ ପ୍ରକୃତିର ଅତୀତ । ସୁତରାଂ ପ୍ରାକୃତ ଦେହକୁ ଶୁଦ୍ଧକରିବାକୁ ଗଲେ ସାଧନଦ୍ୱାରା ତାହା କରିବାକୁ ହେବ । ସ୍ଥୂଳଦେହରେ ଯେଉଁସବୁ ମଳିନତା ବା ଦୋଷଥାଏ, ତାହା ସାଧନଦ୍ୱାରା ଦୂରକରିବାହିଁ ନାଥଧର୍ମର ପ୍ରାରମ୍ଭିକ ସାଧନ । ଏଣୁ ପ୍ରାକୃତ ଦେହର ରୋଗ, ଜରା, ମୃତ୍ୟୁ ପ୍ରଭୃତି ଶାରୀରିକ ଦୌର୍ବଲ୍ୟ ଦୂର କରିବାକୁ ହେଲେ ଶୁଦ୍ଧସତ୍ତ୍ୱର ଜ୍ଞାନ ବା ଆଶ୍ରୟ ପ୍ରୟୋଜନ । ଆତ୍ମା ସେହି ଶୁଦ୍ଧସତ୍ତ୍ୱ ।

ପାତଞ୍ଜଳ ଯୋଗ ସୂତ୍ରରେ 'କାୟସମ୍ପତ୍'ନାମରେ କାୟସିଦ୍ଧିର ପ୍ରସଙ୍ଗ ବିଶେଷ ଭାବରେ ଉଲ୍ଲେଖ କରାଯାଇ ଅଛି । ପଞ୍ଚଭୂତକୁ ଜୟକରି ବଜ୍ରବତ୍ କାନ୍ତିମାନ ଦେହ ଲାଭ କରିବାର ପ୍ରଣାଳୀ ବ୍ୟାସଭାଷ୍ୟରେ ଆଲୋଚିତ ହୋଇଅଛି । ସାଧନଦ୍ୱାରା ଶୁଦ୍ଧଦେହ ଲାଭହେଲେ ନାଥଯୋଗୀ ଗୁରୁ ସେହି ଶୁଦ୍ଧଦେହରେ ମହାଜ୍ଞାନ ସଞ୍ଚାର କରନ୍ତି । ସାଧକ ଶିଷ୍ୟ ମନ୍ତ୍ର ଜପାଦିଦ୍ୱାରା ଗୁରୁପ୍ରଦତ୍ତ ମହାଜ୍ଞାନଶକ୍ତିକୁ ବିକଶିତ କରନ୍ତି ଏବଂ ଶୁଦ୍ଧଦେହ ସମ୍ପୂର୍ଣ୍ଣ ଭାବରେ ବିଶୁଦ୍ଧ ହୋଇ ଶୁଦ୍ଧସତ୍ତ୍ୱର ଅନୁଗମନ କରେ । ପାଞ୍ଚଭୌତିକ ଦେହ ଗୋଟିଏ ବାହ୍ୟ ଆବରଣରୂପରେ କିଛି ସମୟ ପାଇଁ ଶୁଦ୍ଧ ସତ୍ତ୍ୱକୁ ଅଚ୍ଛାଦନ କରି ଅବସ୍ଥାନ କରେ । ନାଥଯୋଗୀମାନଙ୍କ ମତରେ ଏହି ପ୍ରକାର ଶୁଦ୍ଧସତ୍ତ୍ୱ ଅଯୋନିଜ ।

Digitized by srujanika@gmail.com

ଯୋନିଜ ଦେହର ମଳିନତା ସେଥିରେ ନଥାଏ । ଏଥିପାଇଁ ଗୋରକ୍ଷନାଥ ଓ ମତ୍ସ୍ୟେନ୍ଦ୍ରନାଥଙ୍କୁ ଅଯୋନିଜ ବୋଲି ବର୍ଣ୍ଣନା କରି ଯାଇଅଛି ।

ମାନବ ଶରୀରରେ ଇଡ଼ା ଓ ପିଙ୍ଗଳା ନାଡୀ ଦୁଇଟି ଚନ୍ଦ୍ର ସୂର୍ଯ୍ୟର ପ୍ରତୀକ । ଊର୍ଦ୍ଧ୍ୱଗତ ସମୟରେ କୁଣ୍ଡଳିନୀ ପ୍ରବାହ ଊର୍ଦ୍ଧ୍ୱମୁଖୀ ହେଲେ ଚନ୍ଦ୍ର ଓ ସୂର୍ଯ୍ୟର ମିଳନ ହୁଏ । ଏହି କୁଣ୍ଡଳି-ନୀର ଜାଗରଣ ଫଳରେ ମନ ମୂଳା ବା ନାଭିସ୍ଥାନରୁ ଊର୍ଦ୍ଧ୍ୱକୁ ଉଥିତହୁଏ, କିନ୍ତୁ ସୁଷୁମ୍ନାପଥ ଉନ୍ମୁକ୍ତ ନହେବା ପର୍ଯ୍ୟନ୍ତ ଶିବ-ଶକ୍ତିର 'ସାମରସ୍ୟ' ସାଧନ ହୁଏ ନା । କେବଳ ଜ୍ଞାନାଲୋଚନା ଦ୍ୱାରା ଏହା ସମ୍ଭବ ହୁଏନା । ସେଥିପାଇଁ ନାଥସିଦ୍ଧମାନେ ଦେହଦ୍ୱାରା ଯୋଗ ସାଧନ କରିବାକୁ ଉପଦେଶ ଦେଇଥାଆନ୍ତି । ଯୋଗଦ୍ୱାରା ମନୁଷ୍ୟର ଅପକ୍ୱ ଦେହ ପକ୍ୱ ହୁଏ । ଏହାହିଁ ନାଥଯୋଗୀମାନଙ୍କର ପ୍ରଧାନ ଲକ୍ଷ୍ୟ । ଏହାଦ୍ୱାରା ଶୀତ, ଉଷ୍ମ, ଜରା, ମୃତ୍ୟୁର ଜୟ ହୁଏ ଏବଂ ମୋକ୍ଷ ସାଧିତ ହୁଏ । ଯୋଗରୂପକ ଅଗ୍ନିଦ୍ୱାରା ପକ୍ୱ ଦେହକୁ ସିଦ୍ଧଦେହ ଆଖ୍ୟା ଦିଆଯାଏ । ସିଦ୍ଧ ଦେହଦ୍ୱାରା ଦିବ୍ୟଦେହ ଲାଭ ସମ୍ଭବ । ଏହି ଦିବ୍ୟଦେହ ଲଘୁ, ମନର ଗତି ପରି କ୍ଷିପ୍ରଗତିସମ୍ପନ୍ନ, ଯେ କୌଣସି ରୂପ ଧାରଣ କରିବାକୁ ସମର୍ଥ ଓ ଯେଉଁ ସ୍ଥାନକୁ ଇଚ୍ଛା ଯିବାକୁ ମଧ୍ୟ ସମର୍ଥ । ଜଳ, ଅଗ୍ନି, ବାୟୁ, ପ୍ରସ୍ତର ଏହାର ଗତିରେ ବାଧା ଦେଇ ପାରେନା । ଏହିପରି ସିଦ୍ଧ ଦେହପ୍ରାପ୍ତ ସାଧକ କାୟାବସ୍ଥାର ବା ଦେହାନ୍ତର ଗ୍ରହଣ କରିବାକୁ ମଧ୍ୟ ସମର୍ଥ ହୁଏ । ପୁରାଣାଦିରୁ ଜଣାଯାଏ, ସୌଭରି ଋଷି ଏକ ସମୟରେ ପଚାଶଟି ଦେହ ଧାରଣକରି ମାନ୍ଧାତାଙ୍କର ପଚାଶ କନ୍ୟାଙ୍କୁ ବିବାହ କରିଥିଲେ । କୃଷ୍ଣ ଏକ ସମୟରେ ଷୋଳ ସହସ୍ର ରାଣୀଙ୍କ ପାଖରେ ଷୋଳସହସ୍ର ଦେହ ଧାରଣକରି ଥିବାର ପ୍ରମାଣ

Digitized by srujanika@gmail.com

ଶ୍ରୀମଦ୍‌ଭାଗବତ ୧୦ମସ୍କନ୍ଧରେ ଅଛି । ଶଙ୍କରାଚାର୍ଯ୍ୟ ମଣ୍ଡନମିଶ୍ରଙ୍କ ପତ୍ନୀଙ୍କୁ ତର୍କ ଶାସ୍ତ୍ରରେ ପରାଜିତ କରିବା ଲାଗି ରାଜଶରୀରରେ ସାମୟିକ ପ୍ରବେଶର କିମ୍ବଦନ୍ତୀ ଅଦ୍ୟାପି ପ୍ରଚଳିତ । କାୟସିଦ୍ଧି ଲାଭକାରୀ ଯୋଗୀ ଏ ସମସ୍ତ ଅଲୌକିକ କାର୍ଯ୍ୟ କରିବାକୁ ସମର୍ଥ ହୁଏ ।

ନାଥଯୋଗାଚାର୍ଯ୍ୟଗଣ ପ୍ରଣବ ସାଧନ ବ୍ୟତୀତ ରସାୟନ ବିଦ୍ୟାଭ୍ୟାସଦ୍ୱାରା କାୟ ବା ଶରୀରକୁ ଅମର କରିବାର ପ୍ରଣାଳୀ ଗ୍ରହଣ କରିଥିଲେ । 'ପାରଦ'କୁ 'ରସ' କୁହାଯାଏ । 'ପାରଦ' ଘଟିତ ଔଷଧାଦି ରସାୟନ ବିଦ୍ୟାଦ୍ୱାରା ପ୍ରସ୍ତୁତ କରାଯାଏ । ଯୋଗୀମାନେ ରସାୟନ ଓ ଚିକିତ୍ସା ବିଦ୍ୟାକୁ ବଂଶପରଂପରାକ୍ରମେ ଅଭ୍ୟାସ ଓ ଚର୍ଚ୍ଚା କରି ଆସୁଛନ୍ତି । 'ପାରଦ' ସହିତ ଅଭ୍ର ଓ ଗନ୍ଧକାଦିମିଶ୍ରଣ କରି ଔଷଧ ପ୍ରସ୍ତୁତିର ପ୍ରକ୍ରିୟା ନାଥଧର୍ମାବଲମ୍ବୀ ବୈଦ୍ୟ ବା କବିରାଜ ପରିବାରରେ ଆଜି ସୁଦ୍ଧା ଚଳି ଆସୁଥିବାର ଦେଖାଯାଏ । ଆଧୁନିକ ଚିକିତ୍ସା ପ୍ରଣାଳୀର ବହୁଳ ପ୍ରସାର ପୂର୍ବରୁ ଆବହମାନକାଳରୁ ଏହି ନାଥ ଯୋଗୀମାନେ କବିରାଜୀ ଚିକିତ୍ସାକୁ ବଂଶ ପରଂପରାକ୍ରମେ ରକ୍ଷାକରି ଆସୁଥିଲେ ।

ଗୋରକ୍ଷ, ଦତ୍ତାତ୍ରେୟ, ନବନାଥ, ନାଗାର୍ଜୁନ ପ୍ରଭୃତି ସିଦ୍ଧଯୋଗୀଗଣ ପ୍ରସିଦ୍ଧ ଥିଲେ । ଶଙ୍କରାଚାର୍ଯ୍ୟଙ୍କର ପରାତ୍ପର ପରମଗୁରୁ ଶ୍ରୀମଦ୍ ଗୋବିନ୍ଦ ଭଗବତ୍ ପାଦାଚାର୍ଯ୍ୟ ପ୍ରସିଦ୍ଧ ଥିଲେ ଏବଂ କାୟସିଦ୍ଧି ଜାଣିଥିଲେ । ଗୌଡ଼ପାଦ ଓ ଗୋବିନ୍ଦପାଦ ମଧ୍ୟ ପ୍ରସିଦ୍ଧ ଯୋଗୀ ଥିଲେ । ବୃହଜ୍ଜାବାଳ ଉପନିଷଦରେ ମୃତ୍ୟୁଞ୍ଜୟର ପ୍ରସଙ୍ଗ ଦେଖାଯାଏ । ଯେଉଁ ବ୍ୟକ୍ତି ଶିବଶଙ୍କରଙ୍କ ଅମୃତ ସ୍ପର୍ଶ ଲାଭ କରିଛନ୍ତି, ତାହାଙ୍କର ମୃତ୍ୟୁ ନାହିଁ ।

Digitized by srujanika@gmail.com

ଧ୍ୟାନବିନ୍ଦୁ ଉପନିଷଦର ମଧ୍ୟ କାୟସିଦ୍ଧିର ଇଙ୍ଗିତ ଦେଖାଯାଏ ।

ବିନ୍ଦୁଃଶିବୋ ରଜଃ ଶକ୍ତିଃ ବିନ୍ଦୁରିନ୍ଦୁ ରଜୋ ରବିଃ ।
ଉଭୟୋଃ ସଙ୍ଗମାଦେବ ପ୍ରାପ୍ୟତେ ପରମଂ ବପୁଃ ।

ଏହି ଶିବ ଶକ୍ତିର ମିଳନ ବା ଚନ୍ଦ୍ର ସୂର୍ଯ୍ୟର ମିଳନ ଦ୍ୱାରା ପରମ ସୁନ୍ଦର ଦେହ ଲାଭ ହୁଏ ।

ଯୋଗ କୁଣ୍ଡଳୀ ଉପନିଷଦରେ ଅଛି, ଖେଚରୀ ମୁଦ୍ରା ସାଧନ ଦ୍ୱାରା ଅଜର-ଅମରତ୍ୱ ଲାଭ ହୁଏ । ଖେଚରୀମୁଦ୍ରା ସାଧନ ଦ୍ୱାରା ଯୋଗସିଦ୍ଧି ନାଥଧର୍ମର ପ୍ରଧାନ ଉପଦେଶ । ସୁତରାଂ କାୟସିଦ୍ଧି ବ୍ୟାପାର କେବଳ ନାଥଧର୍ମର ନୂତନ ଆବିଷ୍କାର ନୁହେଁ ବା ଅଶ୍ରୌତ ପନ୍ଥାନୁହେଁ । ଏହା ବେଦ-ଉପନିଷଦ ପ୍ରଭୃତି ଶାସ୍ତ୍ରସିଦ୍ଧ । ଅଧିକାରୀ ଭେଦରେ ସାଧକର ଯୋଗ୍ୟତା ଓ ରୁଚି ଭେଦରେ ତାହା ଭିନ୍ନ ସମୟରେ ବିଭିନ୍ନ ଶାସ୍ତ୍ରକାର ମାନଙ୍କ ଦ୍ୱାରା ଉପଦିଷ୍ଟ ହୋଇଥିଲା । ଗୋରକ୍ଷନାଥ ଓ ମତ୍ସ୍ୟେନ୍ଦ୍ରନାଥ ତାତ୍କାଳିକ ଯୁଗୋପଯୋଗୀ ପ୍ରୟୋଜନ ଅନୁସାରେ କାୟସିଦ୍ଧିକୁ ବିଶେଷ ଗୁରୁତ୍ୱ ଦାନକରି ପ୍ରଚାର କରିଥିଲେ ।

—*—

Digitized by srujanika@gmail.com

ଓଡ଼ିଆସାହିତ୍ୟର ପ୍ରାଚୀନତମ ରଚନା

"ସିଷୁବେଦ"

ସୁଜନ ଜନ ଜାଣଇଂ ସିଷୁବେଦବାଣୀଂ
ଦୁଇକର୍ଣ୍ଣେ ଭୁଲାଦେଇ ବୁଝ ପରମାଣିଂ ।
ସବ ପ୍ରହରେ ଥାଉଂ ଜଠଣ ବସିବ
କର୍ଣ୍ଣର ମୂଳକୁ ସେ ଚଲସ୍ୟେ କରିବ ।
ଯେଉଁ ଧୂନ ଆକାଶର ମଝରେ ପୁରେଇଂ
ସେ ଶ୍ରୀ ଅନ୍ତର୍ଯାମୀ ନବାକାରସ୍ୱାମୀ ।
ନ ବୋଇଲେ କଳିକ ସୁବୁଧି ହ୍ନଂ କାହାଣୀ
କାବ୍ୟ ଶାହାସ୍ତ୍ର ମଝ ସମସ୍ତ ଭଣଇଂ ।
ସେ ସିଷୁବେଦଟି ।

ସ୍ଳୋକ ନୁହଇଂ ବେନି ଅଧି ପୁଣି ସିଷୁବେଦ ମଧେଂ ପ୍ରକାଶ
ବଦନ୍ତି ନାଥେ ସିଷୁବେଦର ବଣୁଆସ ।

ସ୍ଳୋକ ନୁହଇଂ ଦୁଇ ଦୁଇ ହୋଇ ଅଛିଂ । ସେ ଯେ ଚକ୍ଷୁଟି । ବେନି ପିତୁଳ ସେହ୍ନ ସ୍ଳୋକ ଜନେଣଂ । ବେନି ଚକ୍ଷୁ ଧୂନ ହୋଇଅଛିଂ । ଧୂନ ଘରେ ମନ ପଶିଲେ ସମାଧି ଲାଗଇଂ । ସେହାକୁ ପରମ ଯୋଗୀ ସମାଧି ବୋଲି ।

Digitized by srujanika@gmail.com

ଶ୍ଲୋକ—କାଳକମଳ ନିରଂଜନ ସ୍ୱେକଇଂ ଘରେ ବାସ
ସ୍ୱେହା ଯେ ପ୍ରଭ ପ୍ରଭ କର ବୃଝାବଇଂ ସେ ମୋର ଗୃରୁ
ମୃଷ୍ଟଂ ତା'ର ଦ୍ୟାସର ଦାସ ।

ଅର୍ଥ—କାଳ ଯାହା କହୁ ସେ ଚକ୍ଷୁଟି । ତାହାର ଯେ ପିଛଣ୍ଡା
ଡାଙ୍କୁଣି ଅଛୁ ସେ ଯମର କଣ୍ଠାଷଟି । ସ୍ୱେହାକୁ କାଳ କହ୍ନ ।
ଝମଳ ଯାହାକୁ ବୋଲି ସେ ଯେଟି ରହୁଅଛୁ । କଳା ଡୋଳା
ସ୍ଫଟିକର ଉଦେକଲେ ନିରଜଂନ କହନ୍ତି । ତେଣୁଂ କର
ତିନିହେଂ ସ୍ୱେକଇ ଘରେ ବାସ ।

ଶ୍ଲୋକ—ସୁଜାନ୍ତ ସମ୍ଭ୍ରେଂ ଥିତା କ୍ଷୀର ନୀର
ମାତାଗର୍ଭେ ପଶି ନ ଖାଇଲା ଥୀର ।
କେତେତେହେଂ ଅଇଲା ପୁତା କେତେତେହେଂ ରହଂଅଛୁ
ତାହାକୁ ପଚରେ ଦୁଅ ସଦଗୃରୁ ପୁଚ୍ଛୁ ।

ଅର୍ଥ—ଚକ୍ଷୁଭିତରେ ଯେଉଁ ପିତୁଳି ଅଛୁ । ସେ କରତା ବଟଯାଗଟି ।
ସେ ଗୋରଖନାଥଙ୍କ ପରମ ଶୂନ୍ୟଟି ।

ଶ୍ଲୋକ—ନପୁନ ମନ ଦୁଇ ସ୍ୱେକଇ ମତ
ନପୁନ ମନ ଭିତରେ ପରମଂ ଗୃରୁତତ୍ତ୍ୱ ।

ଅର୍ଥ—ବ୍ରହ୍ମଣ୍ଡରେ ସ୍ୱୟଂ ଧୂନ ପ୍ରକାଶ । ବଦନ୍ତି ଗୋରେଖନାଥେ
ନପୁନକୁ ମନ ବୋଲି । ନପୁନ ଉପରେ ମନୁଆର ବାସନ୍ତି ।
ତେଣୁକର ଶୂନ୍ୟର କଥାକୁ ମନ ଯାଇଂନ୍ତି । ସେ ଦେଖିଲେ
କହ୍ନଂ ପାରେଇନ୍ତିଂକ । ଶୁଣିଲା କଥାକୁ ଶୃଢ ନ ପାରେଇନ୍ତି ।

ଶ୍ଲୋକ—ପବନ ପାଲଟିକେ
ପ୍ରକୃତ ଛଡ଼ା କମଳ ଫୁଟା କେ ।
ତେବେହେଂ ଶୁଖିବାକ ପାଣି (?)

Digitized by srujanika@gmail.com

ଚନ୍ଦ୍ରଂସୂର୍ଯ୍ୟଙ୍କୁଂ ଯେଉଁ ଯୋଗୀ ଜାଣି ପାରଇ
ସେ ଯୋଗୀ ଅତ୍ୟନ୍ତ ଗରୁଆ ଜାଣି ।

ଅର୍ଥ –ଚନ୍ଦ୍ର ସୂର୍ଯ୍ୟ ବୋଲି ସେ ଚକ୍ଷୁଟି । ପିଛୁଡ଼ା ଥିବ କଲେ ତାହାକୁ ଦେବତା ବୋଲି । ଦେବତା ଯେ ସେ ଜିର୍ଣ୍ଣସୁ ହୋଇ ଅଛନ୍ତି । ସେମନ୍ତ କଲେ ସିଧ୍ୟ ଦେହ୍ମି ।

ଶ୍ଳୋକ –ଉଦେଗିରି ଅସ୍ତଗିରି ପୁଣ୍ୟଗିରି ମେଳା
ହସ୍ତୀ ଚରବଇ ପଙ୍କଚମାଳା ।
ଯେବଣ ସେ ପକ୍ଷୀ ମହାରସ ଖାଇ
ବେନି ପକ୍ଷୀ ଛେଦିଲେ ଗଗନେ ସମ୍ଭାଇ ।

ଅର୍ଥ—ପକ୍ଷୀ ଯେ ବୋଲି ବେନି ପିଚୁଡ଼ାଟି । ଶୂନ୍ୟଗିରି ବୋଲି ଯେ ସେ ମନଟି । ସେ ମନ ଲେଉଟି ଧ୍ୟାନଘରେ ପଶିଲେ ମନକୁ ମନ ଧେଖଇ । ରହି ପାରିଲେ ପବନ ପ୍ରାଣ ପଲଟିତ ହୋଇ ରହଇ । ସେହାକୁ ଶୂନ୍ୟପ୍ରମାଣ ସମାଧି ବୋଲି ।

ଶ୍ଳୋକ— ମନ ମରଇତ ପଲଟଇ ପ୍ରାଣ
ମନ ଚଞ୍ଚଳ ହୋଇଲେ ନ ଲଭଇ ଗ୍ୟାନଂ ।
ମନ ଇନ୍ଦ୍ର ପ୍ରକୃତି ଲଭଇ ତାହା ସୁଖେ
ସିଦ୍ଧି ବଢ଼ଇ ବ୍ରହ୍ମସୃଷ୍ଟି ବିହରଇ ସୁଖେ ।

ଅର୍ଥ—ମନ ଯୋଗଭିତରେ ରହିଲେ ପବନ ନିଶ୍ଚଳ ହୋଇଂ । ବିନ୍ଦୁକଂଣ ପ୍ରକାଶଇ । କାୟା ଝିଙ୍କଇ । ଜପୃତ ପ୍ରଳୟଂ ଛୁଟଇଂ । କାଳ ଖଣ୍ଡଇଂ । ଖୋଜିଲେ ପାଇଧୂନ । ଗଲେ ବାହୁଡ଼ାଇ ଥୋଇଂ । ମଲେ ଜିଆଇଂ ଆଣଇଂ । ପବନ ନ ପଶଇଟି । ସେହାକୁ ପରମଯୋଗସମାଧି ବୋଲି ।

Digitized by srujanika@gmail.com

ଶ୍ଳୋକ—ତାହାକୁ ଦେଖ ହୋ ମନ ଥିରହୋଇଂ
ନଚଳ ଥାଇ ଆପ ପ୍ରତେ ବୋଲ୍ଲଇଂ ।

ଅର୍ଥ—ସେ ଚକ୍ଷୁଟି । ଯେହ୍ନାକୁ ଥିର କଲେ ପରତେଯୋଗ ବୋଲି ।

ଶ୍ଳୋକ—ଅକଳାନ୍ତ ମନ ଅମ୍ବୀଭୂତ ବାଇ
ପିଣ୍ଡ ଛୁଡ଼ ପ୍ରାଣ କେବେହେଁ ନ ଯାଇ ।
ଷଡ ଷଡ ଭାଷନ୍ତି ଶ୍ରୀ ଗୋରେକ୍ଷ ଗସ୍ୱେ
ପୁରେ ପୁରେ ବାସ କଯାସ୍ୱେ ।

ଅର୍ଥ—ଚକ୍ଷୁ ଦେଖି କଳ୍ପନା କରଇ । ସେ ପ୍ରାଣିକ ପୁଣ୍ୟଦେହୀ ବୋଲି । ଚକ୍ଷୁଭିତରେ ପିତ୍ତୁଳିକ ଲସ୍ୱେ କଲେ ମନଥିର ହୋଇ । ଯେହ୍ନାକୁ ନିରଞ୍ଜନପରତେ ସମାଧ ବୋଲି ।

ଶ୍ଳୋକ—ମନକଲ ତରମନ ଖେଳା
ତା ଭୁଲେ ଯିବ ନ ଯାଇଂ ।
ଶକ୍ତି ପାଦ କୁଣ୍ଡଳୀ ଭବ
ମୂଳ କମଳ ଗୃପିଲେ
ସେ୍ୱ ଗଛଳ ପୁଲଥା ବୋଲଇ ।

ଅର୍ଥ-କୁଣ୍ଡଳୀକ କାଳସର୍ପ ବୋଲି । ସର୍ପ ବୋଲି ପବନକୁଟି । ଗୃହ୍ୱପ ଦ୍ୱାରେ ବାମ ଗୋଇଠ ଦେଇଂ ବସିବ । ପବନ ଇଅଁଳା ପିଂଗଳାରେ ପଶିଲେ ଯେହ୍ନାକୁ ରବଚନ୍ଦ୍ର ଓଡ଼ିଆଣୀ ବୋଲି ।

ଶ୍ଳୋକ—ମନେ ମନେ ଧ୍ରୁବ ବରନ କହ୍ନିଂ
ପିଇବା ନିର୍ଝରପାଣି
ଗୁରୁ ପ୍ରସନେ ଅମୃତ ଭୁଞ୍ଜିବା
ଯେ ପାଇଲଇଂ କ୍ଷୀଗୃରୁବାଣୀ ।

Digitized by srujanika@gmail.com

ସେହି ତତ୍ତ୍ୱ ଯେବେ ମନେ ଧରେ ଜାଣି
ଯମରାଜା ହାତରେ ବୁହାଇବା ପାଣି ।

ଅର୍ଥ—ସେ ତତ୍ତ୍ୱ ଭିତରେ ପିଣ୍ଡଳ ନିର୍ଣ୍ଣୟ କଲେ ସେ ଦେବତା ସମାନ ହୁଅଇ ।

ଶ୍ଳୋକ—ଆଉଠ ହାତ କଲେ ବର ଭିତର
କାହିଁଥାଇ ଜୀବ ଦେଉଛି ଉତର ।
ହେତୁ ମନ୍ତ ଦେଇଁ ବୁଝ ମନୁଷ୍ୟେ
ମରିଗଲେ ପ୍ରାଣ କାହିଁ ସମ୍ଭାଏ ।
ନାଦରୁ ବାୟୁ ବିନ୍ଦୁରୁ ଘର
ଛନ୍ଦଂରେ ରଜା ଚନ୍ଦ୍ରଶେଖର ।
କପୋଳର ଅଷ୍ଟ-ନାଡ଼ି ଭିତର
ତହିଁ ଥାଇ ଜୀବ ଦେଉଂଛି ଉତର ।

ଅର୍ଥ—ମଲେ ପ୍ରାଣ ଶୂନ୍ୟରେ ସମ୍ଭାଇ । କାୟା ମାଟିରେ ସମ୍ଭାଇ । ତେଜ ଅଗ୍ନିରେ ସମ୍ଭାଇ । ପବନ ପବନେ ସମ୍ଭାଇ । ପଞ୍ଚତତ୍ତ୍ୱ ଯେ ଯାହା ଥାନକୁ ଯାଇଁ ।

ଶ୍ଳୋକ—ସବୁ ଚଳଇ ନ ଚଳଇ ସେହିକେ
ନ ପଶଇ ନ ପୂରଇ ନ ରହଇ ଶେଷେ ।
ଅହରଣି ବରଷଇ ନ ଭିଜଇ ସେ ଯେ
ଖଡ଼ଗେ ହାଣିଲେ ନ ଛୁଡ଼ଇ ସେ ଯେ ।

ଅର୍ଥ—ସବଦ ଗୁରୁଚରଣେ ପୁଛିଲେ ପାଇବା । ସେ ରୂପେ ବାହାର । ଅଚଳ ଶୂନ୍ୟଂ ରହିଛି ମେରୁର ଭିତର । ସେ ଯେ ନିରଞ୍ଜଂନ ଅଖଣ୍ଡିତ ଶୂନ୍ୟଟି । ସେ ଦୁଇଂକର ରୂପରେଖ

Digitized by srujanika@gmail.com

ନାସ୍ତି । ତାହାରେ ଚକ୍ଷୁଭିତରେ ନିରଂଜନ । ଶୁନ୍ୟପଦ ଦେଖୁ ରହିଲେ । ଯେହ୍ନାକୁ ନିସ୍ୱତଯୋଗ କହିଂ ।

ଶ୍ଳୋକ—ସବଦେ କୋଳାହଳ ସବଦେ ଜ୍ଞାନ
କେବଣ ସବଦ ଯେନ ଚତୁଲ୍ୟ ଜ୍ଞାନ ।
ସବଦ ଶୁଣଇ ନିସବଦ ପାଶ ସବଦ ନିସବଦ ବାଣୀ
ସବଦ ଯେ ବୋଲି ସେ ବ୍ରହ୍ମଂ ଧ୍ୟାନ ।

ଅର୍ଥ—ନିସବଦ ଯେ ସେ ମନର ଚକ୍ଷୁଟି । ଶୃଣିମାକୁ ମନ ଯାଇଂଟି । ଶୃତିର ମଧ୍ୟେଂ ଚୈତନ୍ୟରୂପେକ ହୋଇଂ । ବ୍ରହ୍ମଧ୍ୟାନ ହେତୁ କଲା ଯେନ ରହିଲେ । ଯେହ୍ନାକୁ ଅଲେଖ-ଜୀବସମାଧି ବୋଲି ।

ଶ୍ଳୋକ—ମର ମର ପଣ୍ଡିତ ମରଣନ୍ତିଂ କଷ୍ଟ
କେବଣ ସେ ମରଣ ହୋ ଗୋରେଖଦେଷ୍ଟ ।
ମଲେଣ ଯେ ପିଣ୍ଡ ଯିବ କାହିଂକ
ଯାଉଂ ଯାଉଂ ପ୍ରାଣ ସରମୃତନ୍ତିଂକ ।

ଅର୍ଥ—ଜୀବ ତାହାର ପରମ ଶୂନ୍ୟଟି । ଆକାଶ ମଧ୍ୟେଂ ପରମ ପୁରଟି । ଯେଉଂ ଘରେ ବସି ଦେଖୁଅଛୁ ସେ ଘରେ ଜାଗ୍ରତ କଲାଯେନିଂ । ମନ ଶୂନ୍ୟ ମଧ୍ୟେଂ ପବନ ରହିଲା । ଯେହ୍ନାକୁ ସପନାଧିକ-ପରମଯୋଗ ସମାଧି ବୋଲି ।

ଶ୍ଳୋକ—ଡାହାଣ ବ୍ରତେକ କେସରସା ପାଇଲେ
ବନ୍ଧୁବିନ ଜଡ଼ଇ କଏ୍ୟ ।
ମହାରସ ଶୋଷିବେ ଖଞ୍ଜନ ନ ରସିବେ ।
ଗୋରେଖନାଥ ବୋଇଲେ
ହେ ଶ୍ରୀଗୁରୁ ଉପାସ୍ୟେ ।

Digitized by srujanika@gmail.com

ଅର୍ଥ—ଡାହାଣବ୍ରହ୍ମ ଯେ ସେ ଦେଶ ଦକ୍ଷିଣ ପିଂଗଳ ପଡ଼ା । ଊର୍ଦ୍ଧମୁଖ ହୋଇଂ ଯାହା ରସ ଖାଇଲେ ଅଂଗେ ଚନ୍ଦ୍ର ରହଇଂ । ଆକାଶେ ଅମୃତ ଝରଇଂ । ଅବନାଗମନ ନାମଂ ନରହଇଂ । ଆନ ଘଟର ବାହାରଇଂ । କାଳଂଗମଣ୍ଡଳେ ଚନ୍ଦ୍ର ରହଇଂ । ପିଣ୍ଡଳର ଦୃଷ୍ଟି ନ ଖସଇ । ମନ ଯେ ସେ ହସ୍ତୀ ଲୁଚ ଯାଇ । ସେହାକୁ ଅଖଣ୍ଡଚନ୍ଦ୍ରସମାଧି ବୋଲି ।

ଶ୍ଳୋକ—ସର ବଢ଼ିଲେ ପବନ ଯେ ରହଇ
ଊର୍ଦ୍ଧରେ ଖାଇ ନାର ଶୋଷେ
ସେ ଯୋଗୀ ମହାସିଧ୍ୟ ।

ଅର୍ଥ—ଇଅଂଳା ଯେ ଦୃଷ୍ଟି । ପିଙ୍ଗଳା ପଶେ ନାସିକା । ପବନ ସେ ନେଯ ଖାଇଂ । ଇଅଂଳା ପିଅଂଳା ଯେ ସେ ଊର୍ଦ୍ଧମୁଖେ ଉଠିଲେ ମହାରସ ଯେ ସେ ଗଗନମଣ୍ଡଳକୁ ଯାଇଂ । ଚନ୍ଦ୍ର ଘରେ ଇଅଂଳା ପିଅଂଳା ରହିଲେ ସେହାକୁ ଅବନାସମାଧି ବୋଲିଂ । ସେ ମନପବନ ସେକ ହୋଇଲେ କାଯ୍ୟା ବସଇଛି ।

ଶ୍ଳୋକ—ଗଗନ ଅଭ୍ୟାନ୍ତଂର ନିରନ୍ତର
ମନ ତତ୍ତ୍ୱଂକ ରହେ ଅଗୋଚର
ମତ ବର୍ଜିତ ସଦଗୁରୁ କହିଂ ।
ସେ ରସେ ରସିଲେ ଗ୍ୟାନକୁ ଲଭଇ ।

ଅର୍ଥ—ଗଗନ ଯେ ସେ ଚୟୁଛି । ଅଭ୍ୟନ୍ତ ଯେ ସେ ସହସ୍ରଦଳ କମଳଛି । ମନବୁଧି ଚଇତନ୍ୟଂ ସେ ପରମହଂସ । ଘରେ ରହିଲେ ଏହାକୁ ପରମଂଯୋଗସମାଧି ବୋଲିଛି ।

Digitized by srujanika@gmail.com

ଶ୍ଲୋକ—ଯେସନେକେ ପବନଂ ପବନା ନରହଇଂ ନୀର
ତେସନେ କମଳ ପବନ ଘର ।
ସମାଷ୍ଟର ସମକର ଜାଣେ,
ତେବେ ପିଣ୍ଡଂର କାରଣ ପରମାଣେଂ ।

ଅର୍ଥ—ମନ ବଗ ଯେସନ । ମାଛ ଯେ ସେ ପବନ । ନୀର ଯେସନେକ ବନ୍ଧୁଂ । ମନ ପବନକୁ ଲୟେ କଲେ । ବଗମାଛନୀର ତିନହେଂ ବିବର୍ଜିତ ହୁଅନ୍ତିଂ । ସେହାକୁ ସହଜ ଯୋଗ ସମାଧି ବୋଲିଂ । ୧୫

ଶ୍ଲୋକ—କେବଣ ଚନ୍ଦ୍ରେ ଲାଗଇ ସମାଧି
କେବଣ ଚନ୍ଦ୍ରେ ଲଗଇ ସୁସ୍ୱାଦ ।
କେବଣ ଚନ୍ଦ୍ର ନ ଆସଇ ମନ
କେବଣ ଚନ୍ଦ୍ରେ ବହଇଂ ପବନ ।

ଅର୍ଥ—କଣ୍ଠଚନ୍ଦ୍ର ସମାଧି ଲାଗଇ ସୁସ୍ୱାଦେ । ଶ୍ରୁତିଚନ୍ଦ୍ର ଧୂନି ସୋଦନଂ । ନାସାଚନ୍ଦ୍ରେ ବହଇଂ ପବନ । ଗଗନ ଯେ ବୋଇଲୁ ସେ ଧୂନି ନିରନ୍ତରେ ଗଗନ । ଯୋଛ ଉଦୟ କଲେ ସେହାକୁ ଗଗନରକ୍ଷ ସମାଧି ବୋଲି ।

ଶ୍ଲୋକ—କଟର ଝିଲକମ ନୃର୍ପତି ଢାଲେ
ପିଅକା ଘୋର ଘୋର ନୁହଇଂ ମୃତୀ
ଲମ୍ବ ନୁହଇଂ ମୋଠ ନୁହଇଂ କାୟୁ।
ରେଖ ନାହିଂ ରୂପ ନାହିଂ ଖଣ୍ଡି ନାହିଂ ମାୟୁ।
ଗଂଧ ବ୍ୟାପିତ ସେକଇ କାୟୁ।
ତୁଳାହୁଂ ଉଶ୍ୱାସ ତନି ଭୁବନେ ମାୟୁ।
ବାଳ ଅର୍ଦ୍ଧେ ପ୍ରମାଣେଂ ସରୁଆଂ ।

Digitized by srujanika@gmail.com

ନଦ୍ୱା ପରତେ ନାହିଁ ଫୁଟେ ଅହନଶି ବରଷେ ।
କଣ୍ଠୁ ନାହିଂ ଭୁଟେ ଭର୍ମ ମାୟା ।

ଅର୍ଥ - ଅହନଶି ବରଷେ ଯେ ଚକ୍ଷୁଟି । ସେ ନିରଂଜନ ଶୂନ୍ୟଟି । ବେନି ଚକ୍ଷୁ ଥିର କଲେ ଯାଂତେ ଜଜାଗର କରି ଲୟେ କଲେଂ ପରମ ପୁରୁଷକୁ ଭେଟ ପାଇଟି । ସିଷ୍ଟନା ଗ୍ୟାନ ଏହୁଟି । ଅନେକ ଜନ୍ମର ଦୁର୍ଗତି ଫିଟଇଟି । ଶ୍ରୀଗୁରୁ ବଚନେ ଥିବନ୍ତି । ଗୋରେଖନାଥଙ୍କର ଧାୟା କରଇଂ ଗୁପ୍ତା । ତା ଦୁଢ କରି ସଦଗୁରୁ ବଚନେଂ । ଚୈତନ୍ୟ ଭଜ ଯାଇଂ ନଯନେ ।

ଶ୍ଲୋକ — ତ୍ରିମିତ୍ରିମି ବରସା ମହୋଯାଜଂ ମାଚ୍ଛ
ଏହୁ ତତ ଜାଣିଲେ ମରଣହିଂ ମିଚ୍ଛୁ
ଓଁ ରଙ୍ଗ ଓଁ ସାଜ ଏହୁ ବେନି ଅକ୍ଷର ଭଜନ
ବେନି ଅକ୍ଷରୁ ନାହିଂ ଆଜ ସଦଗୁରୁ କହିଲେଂ ପରମତତ ।
ଆଜମାନ ଫଷାରମତ
ଶ୍ରୀକୃଷ୍ଣ କହିଲେ ଯୁଜେଷ୍ଟି ଅଚ୍ଛତ ।
ରାମନାମଂ ଏହୁ ଦୁଇଟୋଟି ଅକ୍ଷର
ଏହୁଦା ଚଛିଲେ ନାହିଂ ଜପଯନ୍ତ ।
ନାହିଂ ସ୍ନାହାନ ସନ୍ଧ୍ୟା ନାହିଂ ତର୍ପଣ ନାହିଂ ଶୁଚି
ଗୁରୁମୁଖେ ନାହିଂ ପୁଚ୍ଛି
ଏହୁଦା ଯେ ଦୃଢ଼ କରି ଧରଇ
ତାକୁ ସେ ବୋଲି ଅଚ୍ୟୁତଗୋହି ।
ତାହାର ନାହିଂ ନାନା ବାହବ୍ରତ
ଏହୁ ନାମ ଧରଇଂ ହୁଅଇଂ ମୁକତ ।
ବେଶ୍ୟାଘରେ ବ୍ରାହ୍ମଣ ମୁକତ
ଯହିଂ ଉତ୍ପତ୍ତି ଦେଖାଇ ନାମ ସାର

Digitized by srujanika@gmail.com

ଅନନ୍ତଂ ନାହିଂ ତାହାର ଅନ୍ତ ।
ଅନ୍ନା ପରତେ ସଦା ଜପେ ସମ୍ପୂର୍ଣ୍ଣ ।

ଇତି ଶ୍ରୀ ସିଦ୍ଧଦେବ ଗୁରୁ-ଶିଷ୍ୟସମ୍ବାଦେ ଶ୍ରୀ ସିଦ୍ଧବଚ ସମ୍ପୂର୍ଣ୍ଣ ହୋଇଲେ ।

—o—

ନାଥ ସଂପ୍ରଦାୟର ଶ୍ରେଣୀ ବିଭାଗ

ନାଥ ସାହିତ୍ୟରେ ନାଥ ନାମଟି ଅନେକ ସମୟରେ ଗମ୍ଭୀର ଅଧ୍ୟାତ୍ମିକ ଅର୍ଥରେ ବ୍ୟବହାର ହୁଏ । ମତ୍ସ୍ୟେନ୍ଦ୍ର ଗୋରକ୍ଷ ନାମର ବ୍ୟାଖ୍ୟା ଯୋଗଲବ୍ଧ ତୁରୀୟ ଅବସ୍ଥା ରୂପେ ବର୍ଣ୍ଣନା ହୁଏ । ଯଥା ଯେ ପାଶ (ମତ୍ସ୍ୟ) ବା ବନ୍ଧନ ଛିନ୍ନ କରିବାକୁ ସମର୍ଥ, ସେ ମତ୍ସ୍ୟେନ୍ଦ୍ରନାଥ ।

ଭାରତର ନାନା ଅନୁଶ୍ରୁତି ନାଥ ମାନଙ୍କର ଅଲୌକିକ ଉଦ୍ଭବ କଳ୍ପନା କରିଥାଏ । ନାଥମାର୍ଗର ନାମାନ୍ତର ସିଦ୍ଧମାର୍ଗ, ଅବଧୂତ ମାର୍ଗ ବା ଯୋଗମାର୍ଗ । ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରେ ବହୁ ନାଥ ସିଦ୍ଧଙ୍କ ନାମ ମିଳେ । ରସେଶ୍ୱର ସିଦ୍ଧମାନଙ୍କ ମଧ୍ୟରେ କେତେଜଣ ସିଦ୍ଧଙ୍କ ନାମ ନାଥସିଦ୍ଧମାନଙ୍କ ସହିତ ଉଲ୍ଲେଖ କରାଯାଏ, ଯଥା – କପିଳ, ନାଗାର୍ଜ୍ଜୁନ, ଚର୍ପଟୀ ଇତ୍ୟାଦି । କପାଳିକ ଧର୍ମ୍ମଦାୟର ପ୍ରବର୍ତ୍ତକ ଓ ଆଦିନାଥ ବା ଶିବ, ଏମାନଙ୍କର ଦ୍ୱାଦଶ ଗୁରୁ ଓ ଦ୍ୱାଦଶ ଶିଷ୍ୟର ନାମ ସହିତ ନାଥ ସିଦ୍ଧନାମର ଐକ୍ୟ ଅଛି । ଯଥା—ନାଗାର୍ଜ୍ଜୁନ, ମତ୍ସ୍ୟେନ୍ଦ୍ର, ଭୀମନାଥ, ଗୋରକ୍ଷନାଥ, ଜଳନ୍ଧର ଇତ୍ୟାଦି । ବର୍ଣ୍ଣୀୟ ଟୀକାରେ ଗୋରକ୍ଷ, ହାଡ଼ିପା, ଜଳନ୍ଧର ପ୍ରଭୃତିର ବାରମ୍ବାର ଉଲ୍ଲେଖ ମିଳେ । ବୌଦ୍ଧ ଓ ଶୈବ ଯୋଗୀ ମଧ୍ୟରେ ବହୁନାମ ସାଧାରଣ । ନାଥ ଓ ଜୈନମାନଙ୍କ ମଧ୍ୟରେ କେତୋଟି ନାମ ସାଧାରଣ । ୧୮୯୧ ଖ୍ରୀଷ୍ଟାବ୍ଦର ଲୋକ ଗଣନାରେ ଦେଖାଯାଇଛି ଯେ, ଜୈନ ତୀର୍ଥଙ୍କର

Digitized by srujanika@gmail.com

ମାନଙ୍କ ନାମ ସହିତ ଦ୍ୱାଦଶ ପନ୍ଥୀ ଯୋଗୀ ମାନଙ୍କର କେତେକ ନାମର ଐକ୍ୟ ଅଛି ।

କାନଫଟା ବା ନାଥଯୋଗୀ ମାନଙ୍କର ଗୁରୁ ପରମ୍ପରା ନିର୍ଣ୍ଣୟ କଠିନ ହେଲେ ମଧ୍ୟ ପ୍ରଧାନ ପ୍ରଧାନ ଗୁରୁଙ୍କ ଦ୍ୱାଦଶ (ମତାନ୍ତରେ ଅଷ୍ଟାଦଶ) ଶାଖା ଅଛି, ଯଥା—ସତ୍ୟନାଥ, ରାମନାଥ, ଧରମନାଥ, ଲକ୍ଷ୍ମଣନାଥ, ଦରିଆନାଥ, ଗଙ୍ଗାନାଥ, ବୈରାଗୀ (ଭର୍ତ୍ତୃହରି) ରାଉଲ (ନାଗନାଥ) ଜାଲନ୍ଧରିପା, ଆଇପନ୍ଥ, କପଲାଣୀ, ଧଜ୍ଜନାଥ ଓ କାନିପା ।

ସାଧାରଣତଃ ନବନାଥ ନାମରେ କାନଫଟା ସମ୍ପ୍ରଦାୟର ସିଦ୍ଧ ଯୋଗୀମାନଙ୍କର ପ୍ରସିଦ୍ଧି ଅଛି । ସେମାନଙ୍କର ମତ୍ସ୍ୟେନ୍ଦ୍ର, ଗୋରକ୍ଷ, ଚର୍ପଟ, ମଙ୍ଗଳ, ଘୁଗୋ, ଗୋପୀ, ପ୍ରାଣ, ସୂରତ ଓ ଚମ୍ବା ଏକ ତାଲିକା ମିଳେ । ନପୀ ପଦ୍ଧାଣପୁଙ୍କ ନେପାଳର ତାଲିକା ଅନୁସାରେ ପ୍ରକାଶ, ବିମର୍ଷ, ଆନନ୍ଦ, ଜ୍ଞାନ, ଶତ୍ୟ, ପୂର୍ଣ୍ଣ, ସ୍ୱଭାବ, ପ୍ରତିଭା ଓ ସୁଭଗ ଏହି ନାମ ଗୁଡ଼ିକ ପ୍ରସିଦ୍ଧ । ଏହିନାମ ଗୁଡ଼ିକ ରୂପକ ବିଶେଷ । ତନ୍ତ୍ରୋକ୍ତ ନଅଟି ଚକ୍ରର ଅଧୀଶ୍ୱର ରୂପେ ନବନାଥର କଳ୍ପନା କରା ହୋଇଥିବା କୋଳ ପ୍ରବାଦ ଅଛି । ଗୋରକ୍ଷନାଥ ଚକ୍ର ଚକ୍ରର ସାଧନା ଦ୍ୱାରା କ୍ରୋଧ ଓ ଲିଙ୍ଗ ଜୟୀ ହୋଇ ଚକ୍ର ଚକ୍ରର ଅଧୀଶ୍ୱର ହୋଇଥିଲେ, ମତ୍ସ୍ୟେନ୍ଦ୍ର ଖେଚରୀ ମୁଦ୍ରାସାଧନ ଦ୍ୱାରା ଜିହ୍ୱାର ଅଧୀଶ୍ୱର ହୋଇଛନ୍ତି ।

ଗୋରକ୍ଷ ଚକ୍ରଚକ୍ରର ଦେବତା ଓ ତାହାଙ୍କ ମନ୍ତ୍ରର ନାମ ସିଦ୍ଧାନ୍ତ । ଆଦିନାଥଙ୍କଠାରୁ ମତ୍ସ୍ୟେନ୍ଦ୍ର ଯେଉଁ ଜ୍ଞାନଲାଭ କରିଥିଲେ, ସେ ତାହା ଈଶ୍ୱର ସନ୍ତାନ ଗୋରକ୍ଷନାଥଙ୍କୁ ଦାନ କରିଥିଲେ । ଉଦୟନାଥାଦି ମତ୍ସ୍ୟେନ୍ଦ୍ରଙ୍କ ପୁତ୍ର—ଏପରି ପ୍ରବାଦ ଅଛି । ଆଦିନାଥ, ଉଦୟନାଥ, ସନ୍ତୋଷନାଥ, ଗଜକର୍ଣ୍ଣ, ଅଓଘୋର, ମତ୍ସ୍ୟେନ୍ଦ୍ର ଚୌରଙ୍ଗୀ, ଗୋରକ୍ଷ ଏହିପରି ନବନାଥ-ତାଲିକା ପ୍ରଚଳିତ ।

Digitized by srujanika@gmail.com

ଗୋରକ୍ଷ ସିଦ୍ଧାନ୍ତ ସଂଗ୍ରହରେ ଆଦିନାଥ, ମତ୍ସ୍ୟେନ୍ଦ୍ର ନାଥ, ଦଣ୍ଡନାଥ, ସତ୍ୟନାଥ, ସନ୍ତୋଷନାଥ, କୂର୍ମନାଥ, ଭବନାଙ୍କି ଓ ଈଶ୍ୱର ସନ୍ତାନ ଶ୍ରୀଗୋରକ୍ଷ ନାଥଙ୍କ ଉଲ୍ଲେଖ ଅଛି । ସେଜ ଓ ଗ୍ରାଟ୍ସ ସାହେବ ବିଭିନ୍ନ ତାଲିକା ଦେଇଛନ୍ତି, କିନ୍ତୁ ବିଭିନ୍ନ ତାଲି-କାରେ ବିଭିନ୍ନ ନାମ ମିଳେ; କିନ୍ତୁ ଆଦିନାଥ, ମତ୍ସ୍ୟେନ୍ଦ୍ର ଓ ଗୋରକ୍ଷ ନାଥଙ୍କର ନାମ ସାଧାରଣ । କଳ୍ପଦ୍ରୁମ ତନ୍ତ୍ରରେ ଗୋରକ୍ଷ ସହସ୍ର ନାମ ସ୍ତୋତ୍ରରେ ଗୋରକ୍ଷ ନବଭାବରେ ନବନାଥ ରୂପେ କଳ୍ପିତ ହୋଇଛନ୍ତି । ସେ ନିରଞ୍ଜନ, ନିରାକାର, ନିର୍ବିକଳ୍ପ, ନିରାମୟ, ବୋଧ ବସ୍ତୁ ଓ ଶିବ ସ୍ୱରୂପ । ଗୋରକ୍ଷ ସିଦ୍ଧାନ୍ତ ସଂଗ୍ରହରେ ନବନାଥଙ୍କ ପରିଚୟ ଅଛି ଏବଂ ନବନାଥଙ୍କ ସ୍ତୁତି ବର୍ଣ୍ଣନା ଅଛି । ଅଷ୍ଟଦଳରେ ଅଷ୍ଟନାଥ, ମଧ୍ୟରେ ଏକ ନାଥ—ଏହି ରୂପେ ନବନାଥଙ୍କ ସ୍ଥିତି ବ୍ୟବସ୍ଥା ହୋଇଛି ।

ନବନାଥ ବ୍ୟତୀତ ଦ୍ୱାଦଶସିଦ୍ଧ, ୮୪ ସିଦ୍ଧ, ଦ୍ୱାଦଶ ପନ୍ଥ ଓ ଅନନ୍ତ ସିଦ୍ଧ ଏବଂ କାନଫଟା ଯୋଗୀ ସମ୍ପ୍ରଦାୟମାନେ ପ୍ରସିଦ୍ଧ । ସିଦ୍ଧମାନେ ହିମାଳୟ ବାସୀ । ୮୪ ସିଦ୍ଧ ନାନକଙ୍କୁ ସେମାନଙ୍କର ଅଲୌକିକ ବିଭୂତି ଦେଖାଇଥିଲେ । ନାନକ ସାହେବର ନାନକଙ୍କ ସହିତ ଗୋରକ୍ଷଙ୍କ ସାକ୍ଷାତ ବୃତ୍ତାନ୍ତ ଅଛି । ୮୪ ସିଦ୍ଧ ବିଭିନ୍ନ ଦେଶରେ ବିଭିନ୍ନ କାଳରେ ଅବତୀର୍ଣ୍ଣ ହୋଇ ବର୍ତ୍ତମାନ ଭୂମଣ୍ଡଳରେ ସିଦ୍ଧ ଦେହରେ ବିଚରଣ କରୁଛନ୍ତି ବୋଲି ବିଶ୍ୱାସ ପ୍ରଚଳିତ ଅଛି ।

ହଠଯୋଗ ପ୍ରଦୀପିକାରେ ଅଛି ଯେ, ଆଦିନାଥହିଁ ପ୍ରଥମ ସିଦ୍ଧ । ସେ ପାର୍ବତୀଙ୍କୁ ହଠଯୋଗ ଉପଦେଶ ଦେଇଥିଲେ । ନାଥ ସମ୍ପ୍ରଦାୟର ପ୍ରତିଷ୍ଠାତା ଆଦିନାଥ; ମତ୍ସ୍ୟେନ୍ଦ୍ର ତାହାଙ୍କ ଶିଷ୍ୟ; ଶବର, ଭୈରବ, ଚୌରଙ୍ଗି, ବିରୂପାକ୍ଷ, କାଣେରୀ, ନିତ୍ୟନାଥ, ବିନ୍ଦୁନାଥ, ଅଲ୍ଲାମ, ଘୋଡ଼ାଚୋଳି, ଟିଂଟିଣୀ ଇତ୍ୟାଦି ମହାସିଦ୍ଧ ହଠଯୋଗ ପ୍ରଭାବରେ ବ୍ରହ୍ମାଣ୍ଡରେ ବିଚରଣ କରନ୍ତି ।

Digitized by srujanika@gmail.com

ପ୍ରାଚୀ ସାହିତ୍ୟ ସିରଜ—୧

ଯୋଗାଶ୍ରମ ସଙ୍ଘର ଆନୁକୂଲ୍ୟରେ ପ୍ରାଚୀ ସାହିତ୍ୟ ପ୍ରକାଶ ପଥରେ ଅନ୍ୟାନ୍ୟ ପୁସ୍ତକ—

୧ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ନାଥ ଧର୍ମ ଓ ସାହିତ

ଅଧ୍ୟାପକ ଶ୍ରୀ ବଂଶୀଧ

୨ । ନାଥ ଧର୍ମ ଓ ଦର୍ଶନ ପ୍ରଥମ ଖଣ୍ଡ

ଅଧ୍ୟାପକ ଦୋଳଗୋବ

୩ । ଗୋରକ୍ଷ ଗୀତା—

ଦୋଳଗୋ

Digitized by srujanika@gmail.com